ODIA DAILY EDITION
01.06.2025
କଟକ, ରବିବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨ .00
ଜୁନ-୦୧, ୨୦୨୫
ବର୍ଷ-୩୬, ସଂଖ୍ୟା-୩୨୩
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
35 Years of publication SINCE 1989
Epaper- www.matrubhasa.com matrubhasanews@gmail.com matrubhasanews@yahoo.co.in facebook.com/matrubhasanews

## ଓପିଏସ୍‌ସିର ଆବେଦନ ସୁପ୍ରିମକୋର୍ଟରେ ଖାରଜ

### ଓଜେଏସ୍ ପରୀକ୍ଷା ଖାତା ମୂଲ୍ୟାୟନ

**କଟକ, ୩୧ ।୫:** ଓଡ଼ିଶା ବିଚାର ବିଭାଗୀୟ ସେବା (ଓଜେଏସ୍) ପରୀକ୍ଷାରେ ଖାତାରେ ଲେଖାଯାଇଥିବା ଉତ୍ତରର ମୂଲ୍ୟାୟନ କରାଯାଇ ନଥିବା ମାମଲାରେ ସଂପୃକ୍ତ ପ୍ରାର୍ଥୀଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ନିର୍ଦ୍ଦେଶ ପ୍ରଦାନ କରି ଓଡ଼ିଶା ହାଇକୋର୍ଟ ୨୦୨୫, ଫେବ୍ରୁଆରି ୩ରେ ପ୍ରଦାନ କରିଥିବା ରାୟ ସୁପ୍ରିମକୋର୍ଟରେ କାଏମ୍ ରହିଛି ।

ଅନ୍ୟପକ୍ଷରେ ପ୍ରାର୍ଥୀ ଲେଖିଥିବା ଉତ୍ତର ମଧ୍ୟରୁ ଗୋଟିଏର ମୂଲ୍ୟାୟନରେ ତ୍ରୁଟି ଥିବା ଜଣାପଡ଼ିବା ପ୍ରସଙ୍ଗରେ ରାୟରେ ଟିପ୍ପଣୀ ରହିଛି ଓ ଏହାକୁ ଭବିଷ୍ୟତ ମାମଲାରେ ଲାଗୁ ପାଇଁ ପୂର୍ବ ନଜିର ଭାବେ ଗ୍ରହଣ କରାଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଓପିଏସ୍‌ସି ଏସ୍‌ଏଲ୍‌ପିକୁ ଖାରଜ କରି ଏପରି ରାୟ ପ୍ରଦାନ କରିଛନ୍ତି ।



ମାମଲାର ବିବରଣୀରୁ ପ୍ରକାଶ ଯେ, ଓଜେଏସ୍ ପରୀକ୍ଷାରେ ଏକ ପ୍ରଶ୍ନର ଉତ୍ତର ଲେଖିଥିଲେ ସୁଦ୍ଧା ଏହା ମୂଲ୍ୟାୟନ କରାଯାଇ ନଥିବା ଅଭିଯୋଗ ନେଇ ହାଇକୋର୍ଟରେ ପ୍ରାର୍ଥୀ ଜେ. ଦତ୍ତଙ୍କ ତରଫରୁ ୨୦୨୪ରେ ମାମଲା ରୁଜୁ ହୋଇଥିଲା । ଓଜେଏସ୍ ଭଳି ପରୀକ୍ଷା ଯେଉଁଠି ଭ୍ରମଶୂନ୍ୟ, ଠିକ୍, ନୈତିକ ଉତ୍କର୍ଷ ସର୍ବୋଚ୍ଚ ପ୍ରସଙ୍ଗ ସେଠାରେ ଏଭଳି ତ୍ରୁଟି ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିବା ସହିତ ୬୦ ଦିନ ଭିତରେ ଏହି ପ୍ରାର୍ଥୀଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଓପିଏସ୍‌ସି ଏହି କ୍ଷତିପୂରଣ ରାଶି ପ୍ରାର୍ଥୀଙ୍କୁ ପ୍ରଦାନ କରିବ । ଜଷ୍ଟିସ୍ ସଙ୍ଗମ୍ କୁମାର ସାହୁ ଓ ଜଷ୍ଟିସ୍ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ୨୦୨୫, ଫେବ୍ରୁଆରି ୩ରେ ଏହି ରାୟ ପ୍ରଦାନ କରିଥିଲେ । ଏହି ରାୟ ବିରୋଧରେ ଓପିଏସ୍‌ସି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ।

ଏହି ପ୍ରାର୍ଥୀ ଓଜେଏସ୍ ପରୀକ୍ଷାର ଲ' ଅଫ୍ ପ୍ରପର୍ଟି ବିଷୟର ପ୍ରଶ୍ନ ନମ୍ବର ୫ (କ) ଓ (ଖ)ର ଉତ୍ତର ଦେଇଥିଲେ । କିନ୍ତୁ ଆବେଦନକାରୀଙ୍କ ଖାତା ଦେଖା ବେଳେ କେବଳ ୫(ଖ) ଉତ୍ତରର ମୂଲ୍ୟାୟନ କରାଯାଇଥିଲା । ୫(କ) ପ୍ରଶ୍ନର ଉତ୍ତର ଆବେଦନକାରୀ ଲେଖିଥିଲେ ମଧ୍ୟ ଏହା ମୂଲ୍ୟାୟନ ନ କରି ଛାଡି ଦିଆଯାଇଥିଲା । ଏଭଳି ଘଟଣା ସ୍ପଷ୍ଟ ହେବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ପ୍ରମୁଖ ତିନି ଆଇନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଓ ସମ୍ପୃକ୍ତ ବିଭାଗର ପ୍ରଫେସରଙ୍କ ଦ୍ୱାରା ପ୍ରାର୍ଥୀ ଦେଇଥିବା ଉତ୍ତରର ମୂଲ୍ୟାୟନ ହୋଇଥିଲା ।

## ବାଜିଲା ସାଇରନ୍ ପୁଣି ବ୍ଲାକଆଉଟ୍


### ପାକ୍ ସୀମାକୁ ଲାଗିଥିବା ରାଜ୍ୟଗୁଡ଼ିକରେ କରାଗଲା ମକ୍‌ଡ୍ରିଲ

**ନୂଆଦିଲ୍ଲୀ, ୩୧ ।୬:** ପୁଣି ବାଜିଲା ସାଇରନ, ପୁଣି ହେଉଛି ବ୍ଲାକଆଉଟ୍ । ଆଗକୁ ହେବ କି ଯୁଦ୍ଧ । ଭାରତ-ପାକିସ୍ତାନ ସୀମାରେ

•ପାକିସ୍ତାନ ଛାନିଆ

•ଆକ୍ରମଣର କଲା ଆଶଙ୍କା

ଉତ୍ତେଜନା ଓ ରାଜନୈତିକ ହଲଚଲ ଭିତରେ ପୁଣିଥରେ ଦେଶର ସୁରକ୍ଷାକୁ ନେଇ ଚର୍ଚ୍ଚା । ଅପରେସନ୍ ସିଲ୍ଡ ଅନ୍ତର୍ଗତ ସଂଧ୍ୟା ୫ଟାରୁ ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ ହରିୟାଣା ଓ ଚଣ୍ଡିଗଡ଼ରେ ଅନୁଷ୍ଠିତ ହେଉଛି ମକ୍‌ଡ୍ରିଲ୍ । ସମ୍ଭାବ୍ୟ ଏୟାର ଷ୍ଟ୍ରାଇକ୍ ଓ ଡ୍ରୋନ୍ ଆକ୍ରମଣର



ମୁକାବିଲା ପାଇଁ ଏସବୁ ରାଜ୍ୟକୁ ଅପରେସନ୍ ସିଲ୍ଡରେ ସାମିଲ କରାଯାଇଛି । ରାତି ୯ଟା ପର୍ଯ୍ୟନ୍ତ ସବୁ ଜିଲ୍ଲାରେ ସିଭିଲ ଡିଫେନ୍ସ ଏକ୍ସରସାଇଜ୍ କରାଯାଇଛି, ଯେଉଁଥିରେ ୩୨ହଜାର ସିଭିଲ ଡିଫେନ୍ସ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି । ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡ଼ିକରେ ରାତି ୮ଟାରୁ ୮ଟା ୧୫ ପର୍ଯ୍ୟନ୍ତ ୧୫ ମିନିଟ୍ ବ୍ଲାକଆଉଟ୍ ହୋଇଥିଲା । ବର୍ତ୍ତମାନର ଜରୁରୀକାଳୀନ ବ୍ୟବସ୍ଥାର ପରୀକ୍ଷଣ କରିବା, ବେସାମରିକ ପ୍ରଶାସନ, ପ୍ରତିରକ୍ଷା ବାହିନୀ ଏବଂ ସ୍ଥାନୀୟ ସମୁଦାୟ ମଧ୍ୟରେ ସମନ୍ୱୟରେ ଉନ୍ନତି ଆଣିବା ହେଉଛି ଏହି ଅଭ୍ୟାସର ଉଦ୍ଦେଶ୍ୟ । ଏହାଦ୍ୱାରା ଯେକୌଣସି ସଙ୍କଟର ତ୍ୱରିତ ଓ ପ୍ରଭାବୀ ମୁକାବିଲା ସୁନିଶ୍ଚିତ ହୋଇପାରିବ । ସେପଟେ ଭାରତର ମକଡ୍ରିଲକୁ ନେଇ ଶତ୍ରୁରାଷ୍ଟ୍ର ପାକିସ୍ତାନ ଛାତିରେ ଛନକା ପଶିଛି । ଭାରତର ମକଡ୍ରିଲ ଆଳରେ ପୁଣିଥରେ ଆକ୍ରମଣ କରିବ କି ବୋଲି ଆଶଙ୍କା କରୁଛି ପାକିସ୍ତାନ ।

## ଟିଟିଲାଗଡ଼ ବିଧାୟକ ଅସୁସ୍ଥ

**ଭୁବନେଶ୍ୱର,୩୧ ।୫:** ଟିଟିଲାଗଡ଼ ବିଧାୟକ ଶ୍ରୀ ନବୀନ କୁମାର ଜୈନ ଅସୁସ୍ଥ ଥିବାରୁ ସେ ରାୟପୁରର ରାମକୃଷ୍ଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଟେଲିଫୋନ ଯୋଗେ ଶ୍ରୀ ଜୈନଙ୍କ ସହ କଥା ହୋଇ ତାଙ୍କ ସାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ ଏବଂ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

## ହତ୍ୟା ମାମଲାରେ ୩ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ପୁରୀ, ୩୧ ।୫:** ବହୁଚର୍ଚ୍ଚିତ ଚନ୍ଦନ ବେହେରା ହତ୍ୟାକାଣ୍ଡ ମାମଲାରେ ପୁରୀର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତିନିଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଆଜୀବନ ଦଣ୍ଡ ପାଇଛନ୍ତି ବରଜୁ, ଜଗା ଓ କପିଳା । ମାମଲାର ବିବରଣୀରୁ ଜଣାଯାଏ ୨୦୧୭ ଜାନୁଆରି ୮ ତାରିଖରେ ଆଇନଜୀବୀ ଚନ୍ଦନ ବେହେରାଙ୍କୁ ପୁରୀ ବାର୍ ସାମ୍ନାରେ ଥିବା ଖୁସି ହୋଟେଲ୍‌ରେ ହତ୍ୟା କରାଯାଇଥିଲା । ସାଇ କୁଟୀର ଲଜ ମାଲିକ ତଥା ଆଇନଜୀବୀ ଚନ୍ଦନ ବେହେରା ହତ୍ୟାଘଟଣାରେ ପୁଲିସ ମୃତ ଚନ୍ଦନଙ୍କ ସ୍ତ୍ରୀ ନିବେଦିତା ବେହେରା ଓ ଲିଟୁ ଓରଫ ନରେନ୍ଦ୍ରନାଥ ଦାସ ମାଷ୍ଟରମାଇଣ୍ଡ ଥିଲେ । ଚନ୍ଦନଙ୍କୁ ରାସ୍ତାରୁ ସଫା କରିବା ପାଇଁ ୬ ମାସ ପୂର୍ବରୁ ଯୋଜନା ହୋଇଥିଲା ।

| | |
|---|---|
| ସେନ୍‌ସେକ୍ସ | ୮୧,୪୫୧ |
| ନିଫ୍ଟି | ୨୪,୭୫୦ |
| ସୁନା/୧୦ଗ୍ରା | ୯୮,୨୪୦ |
| ରୂପା/କିଗ୍ରା | ୧,୦୦,୦୦୦ |
| ଡଲାର | ୮୫.୫୩ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୬.୨° |
| କଟକ: | ୩୫.୭° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୬.୧° |
| କଟକ: | ୨୫.୭° |

### ହାଲ୍‌ଚାଲ୍



ଭୁବନେଶ୍ୱର ପରେ କଟକ କରୋନା ଆସି ପହଞ୍ଚିଲା ସିଲଭରସିଟିରୁ ଦୁଇଜଣ ପଜିଟିଭ ଆଜି ବାହାରିଲା ଦେଶରେ ମାଡ଼ିଚାଲିଛି ପୁଣି ଚିନ୍ତା ବଢ଼ିଲା ।

## ଫୌଜଦାରୀ ମାମଲାରେ ଆଉ ଗଡ଼ିବନି ତାରିଖ

**ଭୁବନେଶ୍ୱର, ୩୧ ।୫:** ଜଷ୍ଟିସ ଡିଲେଡ୍ ଇଜ୍ ଜଷ୍ଟିସ ଡିନାଏଡ୍ । ଅର୍ଥାତ ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ । କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ ରାଜ୍ୟରେ ବର୍ଷ ବର୍ଷ ଧରି ଗଡ଼ି ଚାଲିଛି ଲକ୍ଷ ଲକ୍ଷ ମାମଲା । ହେଲେ ଆଶ୍ୱସ୍ତିର କଥା ହେଉଛି ଏବେ ଏଇ ଧାରାରେ ବ୍ରେକ୍ ଲଗାଇବାକୁ ଯାଉଛନ୍ତି ମୋହନ ସରକାର । ଫୌଜଦାରୀ ମାମଲାରେ ରାଜ୍ୟ ସରକାରଙ୍କୁ ପ୍ରତିନିଧିତ୍ୱ କରୁଥିବା ସମସ୍ତ ପିପି ଓ ଏପିପିଙ୍କ ପାଇଁ ଗୃହ ବିଭାଗ ଆଣିଛି ନୂଆ ଏସଓପି ।

ଆଉ ଲମ୍ବା ଗଡିବନି ମାମଲା । ତାରିଖ ପେ ତାରିଖ ଯନ୍ତ୍ରଣାରୁ ମିଳିବ ମୁକ୍ତି । ସରକାରୀ ଓକିଲଙ୍କ ପାଇଁ ଗୃହ ବିଭାଗର ନୂଆ ଏସ୍‌ଓପି । ଫୌଜଦାରୀ ମାମଲାରେ ଅଯଥା ତାରିଖ ଗଡ଼ାଇବେନି, ଦେବେ ମାସିକିଆ ରିପୋର୍ଟ । ରାଜ୍ୟରେ ଲକ୍ଷ ଲକ୍ଷ ମାମଲା ନାଲି ଫିତା ତଳେ ରହିଥିବା ବେଳେ ତାକୁ କମାଇବାକୁ ନୂଆ ଏସଓପି ଆଣିଛନ୍ତି ରାଜ୍ୟ ସରକାର । ଏହି ଅନୁସାରେ ଯଦି ସାକ୍ଷୀ ଉପସ୍ଥିତ ଥାଆନ୍ତି ତାହେଲେ ଅଯଥାରେ ତାରିଖ ଘୁଞ୍ଚାଇବାକୁ



### ସରକାରୀ ଓକିଲଙ୍କ ପାଇଁ ଗୃହ ବିଭାଗର ଏସ୍‌ଓପି

### ଆଉ ଲମ୍ବା ଗଡ଼ିବନି ମାମଲା

ଆବେଦନ କରିବେ ନାହିଁ । ଦୁଇ ଥର ତାରିଖ ଘୁଞ୍ଚିଥିଲେ ଆଉ ତାରିଖ ଘୁଞ୍ଚାଯିବ ନାହିଁ । ସମାନ ତାରିଖରେ ଓକିଲଙ୍କର ଅନ୍ୟ କୋର୍ଟରେ କେସ୍ ଥିବା କାରଣ ଦର୍ଶାଇଲେ ଗ୍ରହଣ କରାଯିବ ନାହିଁ । ସାକ୍ଷୀ ପ୍ରସ୍ତୁତ ଥାଇ ମଧ୍ୟ ପ୍ରତିପକ୍ଷ ପ୍ରସ୍ତୁତ ନଥିଲେ କୋର୍ଟ ସାକ୍ଷୀଙ୍କ ବୟାନ ରେକର୍ଡ କରି ଜେରା କରିପାରିବେ । ଯୁକ୍ତି ଯୁକ୍ତ କାରଣ ନଦର୍ଶାଇ ତାରିଖ ପରେ ତାରିଖ ନେଲେ ସରକାରୀ ପକ୍ଷ କିମ୍ବା ଅଭିଯୁକ୍ତ ପକ୍ଷଙ୍କ ଉପରେ ଆର୍ଥିକ ଦଣ୍ଡ କରାଯାଇ ପାରିବ । ଏହାସହ ମାସିକ ରିପୋର୍ଟ ଦେବେ ସରକାରୀ ଓକିଲ । ମାମଲାର ବିବରଣୀ, ସ୍ଥଗିତ ମାମଲା ସଂଖ୍ୟା, ଉଠାଯାଇଥିବା କାରଣ, କୋର୍ଟଙ୍କ ନିର୍ଦ୍ଦେଶ ଏହି ରିପୋର୍ଟରେ ଉଲ୍ଲେଖ କରିବେ ।

ଗତ ମାର୍ଚ୍ଚ ମାସରେ ବିଧାନସଭାରେ ଆସିଥିବା ତଥ୍ୟ କହୁଛି ରାଜ୍ୟରେ ହାଇକୋର୍ଟ ସମେତ ବିଭିନ୍ନ କୋର୍ଟରେ ପ୍ରାୟ ୨୦ ଲକ୍ଷ ୮୭ ହଜାର ୩୪୭ ମାମଲା ବିଚାରଧୀନ ରହିଛି । ଆଉ ବର୍ଷ ବର୍ଷ ଧରି ଏହି ମାମଲାର ବିଚାର ବିଳମ୍ବିତ ହେବାର କାରଣ ବି ମାନିଛନ୍ତି ସରକାର । ସବୁଠୁ ବଡ଼ କାରଣ ହେଲା ଓକିଲଙ୍କ ଦ୍ୱାରା ବାରମ୍ବାର ତାରିଖ ଘୁଞ୍ଚାଇବା । ସାକ୍ଷୀ, ତଦନ୍ତକାରୀ ଅଧିକାରୀ ଏବଂ ମେଡିକାଲ ଅଧିକାରୀଙ୍କ ଅନୁପସ୍ଥିତି ବି କାରଣ । ତେବେ ନୂଆ ଏସଓପି ମାମଲାର ଗୁଡିକର ତ୍ୱରିତ ବିଚାରରେ ସହଯୋଗ କରିବ ବୋଲି କହିଛନ୍ତି ଆଇନଜୀବୀ ।

ଏହାସହ ନୂଆ ଏସଓପି ବାବଦରେ ସମସ୍ତ ପିପି ଓ ଏପିପିଙ୍କୁ ସଚେତନ ଏବଂ ତାଲିମ ନେଇ ସୁନିଶ୍ଚିତ କରାଇବେ ଡିପିପି । ଖାଲି ସେତିକି ନୁହେଁ ନୂଆ ଏସଓପିର ଯେମିତି ଉଲ୍ଲଙ୍ଘନ ନହୁଏ, ସମୟ ସମୟରେ ତାର ସମୀକ୍ଷା ବି କରିବେ ଡିପିପି ।

## 'ଅପରେସନ୍ ସିନ୍ଦୂର'ରେ ଖସିଥିଲା ଭାରତୀୟ ଯୁଦ୍ଧ ବିମାନ

**ନୂଆଦିଲ୍ଲୀ, ୩୧ ।୫:** ପାକିସ୍ତାନ ସହିତ ସଂଘର୍ଷ ସମୟରେ ହୋଇଥିବା କ୍ଷତିକୁ ନେଇ ଦେଶରେ ରାଜନୀତି ଚାଲିଛି । ବିରୋଧୀ ଦଳ ପଚାରୁଛନ୍ତି ଯେ, ଆମର ଯୁଦ୍ଧ ବିମାନ ଖସି ପଡ଼ିଛି କି ? ଯଦି ହଁ, ତେବେ କେତେ ଯୁଦ୍ଧ ବିମାନ ଖସିଛି ? ଯଦିଓ ସରକାର ଏହି ପ୍ରଶ୍ନର ଉତ୍ତର ଦେଇ ନାହାନ୍ତି ।

ମାତ୍ର ଜଣେ ବରିଷ୍ଠ ଭାରତୀୟ ସେନା ଅଧିକାରୀ ପ୍ରଥମ ଥର ପାଇଁ ସାର୍ବଜନୀନ ଭାବରେ ସ୍ୱୀକାର କରିଛନ୍ତି ଯେ, ଅପରେସନ ସିନ୍ଦୂର ସମୟରେ ଭାରତୀୟ ଜେଟ୍ ଖସାଇ ଦିଆଯାଇଛି । ତଥାପି, ସେ କେତେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି ତାହା କହି ନାହାନ୍ତି ।

ସିଡିଏସ୍ ଅନିଲ ଚୌହାନ କହିଛନ୍ତି ଯେ, ଭାରତ-ପାକିସ୍ତାନ ସଂଘର୍ଷ ସମୟରେ ଆମେ ଆମର ଭୁଲ୍‌କୁ ସ୍ୱୀକାର କରିଥିଲୁ ଏବଂ ବହୁତ କିଛି ଶିଖିଥିଲୁ । ତାଙ୍କ ଉତ୍ତର ଶୁଣି ଏପରି ଲାଗିଥିଲା ଯେପରି ଭାରତୀୟ ଜେଟ୍ ବିମାନଗୁଡ଼ିକ ଏୟାରଷ୍ଟ୍ରାଇକ୍ ସମୟରେ ହିଁ ଖସି ପଡ଼ିଛି । କାରଣ ସେ କହିଥିଲେ ଯେ, ଆମେ ଆମର ଭୁଲ୍ ସଂଶୋଧନ କରିଥିଲୁ ଏବଂ ଦୁଇ ଦିନ ମଧ୍ୟରେ ଉପଯୁକ୍ତ ଉତ୍ତର



ଦେଇଥିଲୁ । ଦୂର ଦୂରାନ୍ତ ଶତ୍ରୁ ସ୍ଥାନଗୁଡ଼ିକୁ ଟାର୍ଗେଟ କରି ଏକ ପ୍ରଭାବଶାଳୀ ଜବାବ ଦିଆଯାଇଥିଲା । ଉଲ୍ଲେଖନୀୟ ଯେ, ଭାରତ ପାକିସ୍ତାନର ଅନେକ ବଡ଼ ସହରରେ ଅବସ୍ଥିତ ସାମରିକ ଘାଟିକୁ ଟାର୍ଗେଟ କରି ବିପୁଳ କ୍ଷତି କରିଥିଲା ।

### ସ୍ୱୀକାର କଲେ ସିଡିଏସ୍

ଯେତେବେଳେ ତାଙ୍କୁ ପଚରାଗଲା ଯେ, ପାକିସ୍ତାନ ଦ୍ୱାରା ୬ଟି ଭାରତୀୟ ବିମାନ ଖସାଇ ଦେବାର ଦାବି ସତ୍ୟ କି ? ସେ ଏହାକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି କହି ଖଣ୍ଡନ କରିଥିଲେ । ଜେନେରାଲ ଚୌହାନ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଏହି ସଂଘର୍ଷରେ କେବେ ବି ପରମାଣୁ ଅସ୍ତ୍ର ବ୍ୟବହାରର ଆବଶ୍ୟକତା ନଥିଲା, ଯାହା ଆଶ୍ୱସ୍ତିର ବିଷୟ ।

## ଭିଜିଲାନ୍ସ ଜାଲରେ କାର୍ଯ୍ୟନିର୍ବାହୀ ଅଧିକାରୀ

**ଗଞ୍ଜାମ, ୩୧ ।୫:** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ଆର ଆଣ୍ଡ ବି ଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏନ. ଦିଲ୍ଲୀପ କୁମାର ଚୌଧୁରୀଙ୍କ ଘର ସମେତ ୪ଟି ସ୍ଥାନରେ ଚଢ଼ଉ କରିଛି ବ୍ରହ୍ମପୁର ଭିଜିଲାନ୍ସ ଟିମ୍ । ଆଜି ସକାଳ ଠାରୁ ଏହି ଚଢ଼ଉ ଜାରି ରହିଛି । ଭିଜିଲାନ୍ସ ଟିମ୍ ବ୍ରହ୍ମପୁର ସ୍ଥିତ ଦିଲ୍ଲୀପଙ୍କ କାର୍ଯ୍ୟାଳୟ, ଧର୍ମନଗରରେ ଥିବା ୨ ବିଏଚକେ ଫ୍ଲାଟ, ମୟୂରବିହାରରେ ଥିବା ୨ ମହଲା ବିଶିଷ୍ଟ କୋଠା ଏବଂ ଭୁବନେଶ୍ୱର ସହିଦ୍ ନଗରରେ ଥିବା ୩ ବିଏଚକେ ଫ୍ଲାଟରେ ଚଢ଼ଉ କରିଛି । ତେବେ ଚଢ଼ଉ ଜାରି ରହିଥିବାରୁ ଅଦ୍ୟାବଧି କେତେ ସମ୍ପତ୍ତି ଜବତ ହୋଇଛି ତାହା ଜଣାପଡିନାହିଁ । ଏହି ଚଢ଼ଉରେ ୩ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ସାମିଲ୍ ଅଛନ୍ତି ।

## ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

**ଭୁବନେଶ୍ୱର/ଅନୁଗୁଳ:** ଆୟରୁ ଅଧିକ ସମ୍ପତ୍ତି ରଖିବା ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କୁ ଭିଜିଲାନ୍ସ ଗିରଫ କରିଛି ।

ମେ' ୩୧ରେ ଚାକିରିରୁ ଅବସର ନେଇଥାଆନ୍ତେ । ତା' ପୂର୍ବରୁ ଗତକାଲି ମାଡ଼ିବସିଥିଲା ଭିଜିଲାନ୍ସ । ଆୟରୁ ଅଧିକ ସମ୍ପତ୍ତି ରଖିବା ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର କୁବେର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଶ୍ରୀ ଷଡ଼ଙ୍ଗୀଙ୍କ କଳା ସାମ୍ରାଜ୍ୟର ଆକାର ଦେଖି ଖୋଦ ଭିଜିଲାନ୍ସର ଆଖି ବି ଟେରା ହୋଇଯାଇଛି । କାରଣ ବାବୁଙ୍କ ଘରୁ ମିଳିଛି ନଗଦ ୨.୫୬ କୋଟି ଟଙ୍କା । ରାଜଧାନୀଠାରୁ ଆରମ୍ଭ କରି ଅନୁଗୁଳ ପର୍ଯ୍ୟନ୍ତ ସବୁଠି କଳା ସମ୍ପତ୍ତିର ପାହାଡ଼ । ରୋଚକ ବିଷୟଟି ହେଉଛି, ଭିଜିଲାନ୍ସ



ଟିମ୍ ଗତକାଲି ଭୋର ସମୟରେ ଶ୍ରୀ ଷଡ଼ଙ୍ଗୀଙ୍କ ଭୁବନେଶ୍ୱର ଘର ଯାଞ୍ଚ ପାଇଁ କଲିଂବେଲ୍ ବଜାଇବାବେଳେ ଘର ଲୋକ କବାଟ ନ ଖୋଲି ଝରକା ବାଟେ ୫ ଶହ ଟଙ୍କିଆ ବଣ୍ଡଲ୍ ଫିଙ୍ଗି ଚାଲିଥିଲେ । ପଡ଼ୋଶୀଙ୍କ ଛାତ ଉପରେ ଗଦା ହୋଇଥିବା ବିପୁଳ ଟଙ୍କା ସବୁକୁ ଭିଜିଲାନ୍ସ ଜବତ କରି ଗଣିବା ଆରମ୍ଭ କରିଥିଲା । ନାକେଦମ୍ ହୋଇଥିଲେ ୧୦ରୁ ଅଧିକ କର୍ମଚାରୀ ।

## ନିଶା ନୁହେଁ, ଜୀବନକୁ ଗ୍ରହଣ କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୧ ।୫:** ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି । ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ

### ବିଶ୍ୱ ତମାଖୁ ନିଷେଧ ଦିବସରେ ସଚେତନତା କାର୍ଯ୍ୟକ୍ରମ

୧୦ ପ୍ରତିଶତ କେବଳ ତମାଖୁଜନିତ । ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ସେ ବିଷୟକୁ ଆଜି ଗମ୍ଭିରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନ କନଭେନ୍‌ସନ୍ ହଲ୍ ଠାରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି ।



ଏହି ଅବସରରେ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୁଦ୍ଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସମସ୍ତେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ନିଶା ନୁହେଁ ଜୀବନକୁ ଆପଣେଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍‌ସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମଇ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୨ ଏବଂ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରି ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଧରି ଏହି ସଚେତନତା ଅଭିଯାନ ଜାରି ରହିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା । ଲୋକମାନେ ଏହାର ଭୟାବହତା ଜାଣିବା ସତ୍ତ୍ୱେ ଏଥିରୁ ଦୂରେଇ ପାରୁନାହାନ୍ତି । ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇପାରୁଛେ, ତେବେ ଆମେ ତା'ର ଜୀବନ ବଞ୍ଚାଇ ପାରୁଛେ । ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ।

## 'ମାଷ୍ଟର କ୍ୟାଣ୍ଟିନ୍' ନାଁ ବଦଳିବ

**ଭୁବନେଶ୍ୱର, ୩୧ ।୫:** 'ମାଷ୍ଟର କ୍ୟାଣ୍ଟିନ୍'ର ନାଁ ବଦଳିବ ! ମାଷ୍ଟର କ୍ୟାଣ୍ଟିନ୍ ବଦଳରେ ଓଡ଼ିଆ ଅସ୍ମିତାକୁ ବହନ କରୁଥିବା ନାଁ ରଖାଯିବ । ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ସ୍ଥାନ 'ମାଷ୍ଟର କ୍ୟାଣ୍ଟିନ୍ ନାଁ ପରିବର୍ତ୍ତନ କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ତେବେ ନାମ ପରିବର୍ତ୍ତନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେବେ । ସେ କହିଛନ୍ତି, ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ । ଏଥି ସହିତ ଇଂରେଜ ଅମଳରୁ ଥିବା ନାଁଗୁଡ଼ିକ ବଦଳାଇ ଓଡ଼ିଆ ରଖାଯିବ । ରାଜଧାନୀ ଭୁବନେଶ୍ୱରର ବ୍ୟସ୍ତବହୁଳ ଓ ଜଣାଶୁଣା ସ୍ଥାନଗୁଡ଼ିକ ମଧ୍ୟରୁ ମାଷ୍ଟରକ୍ୟାଣ୍ଟିନ୍ ହେଉଛି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ଏହି ସ୍ଥାନଟି ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେସନ୍ ସମ୍ମୁଖରେ ରହିଛି । ଏହି ସ୍ଥାନର ନାମକରଣ ପଛରେ ଏକ ଛାପ ଛାଡ଼ିଯାଇଛି । ଐତିହାସିକ ଅନିଲ ଧୀରଙ୍କ ଅନୁସାରେ ୧୯୪୯ ମସିହାରେ କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା । ନୂଆ ରାଜଧାନୀ ପାଇଁ ବିଧାନସଭାର

### ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ : ମନ୍ତ୍ରୀ

କୋଠା ସମେତ ଅନ୍ୟ ବଡ଼ବଡ଼ କୋଠା ନିର୍ମାଣ ଚାଲିଥିଲା । ପଂଜାବର 'ମାଷ୍ଟର କନ୍‌ଷ୍ଟ୍ରକସନ୍ କଂପାନି' ଦ୍ୱାରା ନିର୍ମାଣ କାମ କରାଯାଉଥିଲା । ଏଠାରେ ରୋଜଗାରର ବ୍ୟାପକ ସୁଯୋଗ ଥିବାରୁ କଂପାନିର ମାଲିକ ବାବୁରାମ ଲାମ୍ବା ଦିଲ୍ଲୀରୁ ଭୁବନେଶ୍ୱର ଆସିବା ପାଇଁ ହଂସଭାଇ (୫ଜଣ)ମାନଙ୍କୁ ଡାକିଥିଲେ ।

## କରୋନା ମାମଲା ୨୭୦୦ ପାର୍ ୭ ଜୀବନ ଗଲା

**ନୂଆଦିଲ୍ଲୀ/ଭୁବନେଶ୍ୱର, ୩୧ ।୫:** ଦେଶରେ ପୁଣି ଥରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏବେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୭୧୦ରେ ପହଞ୍ଚି ଯାଇଛି । କରୋନା ସଂକ୍ରମଣ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି କେରଳ । ଦୀର୍ଘ ମାସ ଧରି ଦେଶରେ କରୋନା ସଂକ୍ରମଣ ପୂରା ଥମି ଯାଇଥିଲା । କିନ୍ତୁ ଏବେ ସଂକ୍ରମିତଙ୍କ ସଂଖ୍ୟା ୫ ଗୁଣ ବଢ଼ିଛି । ସେହିପରି କରୋନା ଯୋଗୁ ୨୪ ଘଣ୍ଟାରେ ୭ ଜଣଙ୍କ ମୃତ୍ୟୁ ଘଟିଛି ।

ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ କେରଳରେ ୧୧୪୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମହାରାଷ୍ଟ୍ରରେ ୪୨୪ ଜଣ, ଦିଲ୍ଲୀରେ ୨୯୪ ଜଣ ଓ ଗୁଜରାଟରୁ ୨୨୩ ଜଣଙ୍କ

### ରାଜ୍ୟରେ ୭ କୋଭିଡ୍ ପଜିଟିଭ୍ ଚିହ୍ନଟ

କରୋନା ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି । ସେହିପରି କର୍ଣ୍ଣାଟକା ଓ ତାମିଲନାଡୁରେ ୧୪୮ ଜଣ ଲେଖାଏ ଓ ପଶ୍ଚିମବଙ୍ଗରେ ୧୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ଏହାବାଦ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ୭ ଜଣଙ୍କ ମୁଣ୍ଡ ନେଇଛି । ଏହାକୁ ମିଶାଇ ଚଳିତ ବର୍ଷ



କରୋନା ୨୨ ଜଣଙ୍କ ଜୀବନ ନେଇ ସାରିଲାଣି । ୨୪ ଘଣ୍ଟା ମଧ୍ୟରେ ମହାରାଷ୍ଟ୍ରରେ ୨ ଜଣ, ଦିଲ୍ଲୀ, ଗୁଜରାଟ, କର୍ଣ୍ଣାଟକା, ପଞ୍ଜାବ ଓ ତାମିଲନାଡୁରେ ଜଣେ ଲେଖାଏ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି । ବର୍ତ୍ତମାନର କରୋନା ଲହରୀରେ ପ୍ରଥମଥର ପାଇଁ ଦିଲ୍ଲୀରେ କୌଣସି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି ।

କରୋନା ମାମଲା ଚିହ୍ନଟ ହେଉଥିଲେ ହେଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଲୋକଙ୍କୁ ଆତଙ୍କିତ ନ ହେବାକୁ କହିଛି । କେରଳରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବାର କାରଣ ହେଲା, ସେଠାକାରା ରାଜ୍ୟ ସରକାର ଅଧିକରୁ ଅଧିକ ଲୋକଙ୍କ କରୋନା ଟେଷ୍ଟ କରୁଛନ୍ତି । ୭ ମାସ ପରେ ମିଜୋରାମରେ ମଧ ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ରାଜ୍ୟରେ ଏପର୍ଯ୍ୟନ୍ତ ୭ ଜଣ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଉ ଜଣଙ୍କ ଟେଷ୍ଟ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ପ୍ରଥମେ ଚିହ୍ନଟ ହୋଇଥିବା ୫ଜଣ କୋଭିଡ୍ ଆକ୍ରାନ୍ତ ଧୀରେ ଧୀରେ ସୁସ୍ଥ ହେଉଛନ୍ତି ।

# ମାତୃଭାଷା

କଟକ, ରବିବାର, ଜୁନ - ୧, ୨୦୨୫ ପୃଷ୍ଠା: ୨


## ଭାରତ ବିରୋଧରେ ଚୀନ୍ ଆଉ ଗୋଇନ୍ଦାଗିରି କରିପାରିବନାହିଁ - ସବୁ ବାଟ ବନ୍ଦ ହେଲା

ଚୀନ୍ ପାଦେ ପାଦେ ଭାରତ ଉପରେ ଗୁପ୍ତଚର ଗିରି ଚଳାଉଛି । ତେବେ ଚୀନ୍ ଡାଳେ ଡାଳେ ଗଲେ ଭାରତ ପତରେ ପତରେ ଯାଇ ଚୀନ୍ ର ସମସ୍ତ ଯୋଜନାକୁ ପଣ୍ଡ କରିବା ଚୀନ୍ ଲାଗି ଚିନ୍ତାର ବିଷୟ ହୋଇଛି । ସୂତ୍ରରୁ ପ୍ରକାଶ ଯେ ଚୀନ୍ ଗୁପ୍ତଚର ସମ୍ଭାବନାକୁ ଦୃଷ୍ଟିରେ ରଖି ଭାରତ ତାହାର ସମସ୍ତ ସିସି ଟିଭି କ୍ୟାମେରାର ହାର୍ଡୱେର, ସଫ୍ଟୱେର୍ ଏବଂ ସୋର୍ସ କୋଡ୍ ସରକାରୀ ଲ୍ୟାବରେ ପରୀକ୍ଷା କରିବା ବାଧ୍ୟତାମୂଳକ କରିଛି । ଏହା ବିଦେଶୀ କମ୍ପାନୀମାନଙ୍କ ମଧ୍ୟରେ ବିଶେଷକରି ଚୀନ୍ କମ୍ପାନୀମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ସୁରକ୍ଷାକୁ ପ୍ରାଥମିକତା ଦେବା ଏବଂ ଚୀନ୍ ବୈଷୟିକ ଅନୁପ୍ରବେଶକୁ ରୋକିବା ଦିଗରେ ମୋଦି ସରକାରଙ୍କ ଏହି ନିଷ୍ପତ୍ତିକୁ ଚାଣକ୍ୟ ସମାନ ରଣନୀତିକ ପଦକ୍ଷେପ ବୋଲି ବିବେଚନା କରାଯାଉଛି ।

ଚୀନ୍ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଗୁପ୍ତଚରଗିରି ହେବାର ସମ୍ଭାବନା ଦୃଷ୍ଟିରୁ ଭାରତ ଏବେ ଏକ ବଡ଼ ପଦକ୍ଷେପ ନେଇଛି । ଏହି ନିଷ୍ପତ୍ତି କେବଳ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏହା ଭାରତର ରଣନୈତିକ ବୁଦ୍ଧିମତ୍ତାକୁ ମଧ୍ୟ ପରିଚିତ କରାଉଛି । ପ୍ରକୃତରେ ଯେଉଁଭଳି ଭାବରେ ଇଲେକ୍ଟ୍ରୋନିକ୍ ଉପକରଣ ମାଧ୍ୟମରେ ସାରା ବିଶ୍ୱରେ ଗୁପ୍ତଚର କରିବା ନେଇ ଚୀନ୍ ବିରୁଦ୍ଧରେ ଅଭିଯୋଗ ଆସିଛି, ସେହି ଗୁପ୍ତଚରଗିରିକୁ ବନ୍ଦ କରିବା ପାଇଁ ଭାରତ ଏବେ ଚାଣକ୍ୟ ନୀତିକୁ ଗ୍ରହଣ କରି ପ୍ରତ୍ୟେକ ସିସି ଟିଭି କ୍ୟାମେରାର କଡ଼ା ତଦନ୍ତ ଆରମ୍ଭ କରିଛି ।

ସିଧାସଳଖ ଯୁଦ୍ଧ ପରି ନୁହେଁ, କିନ୍ତୁ ଏହା ନିଶ୍ଚିତ ଭାବରେ ଏକ ବୌଦ୍ଧିକ ଏବଂ ବୈଷୟିକ ଆକ୍ରମଣ, ଯାହା ଜିନପିଙ୍ଗଙ୍କ ନିଦ ହଜାଇପାରେ । ଭାରତ ସରକାର ଏବେ ଦେଶରେ ବିକ୍ରି ହେଉଥିବା ସମସ୍ତ ସିସି ଟିଭି କ୍ୟାମେରାର ସୁରକ୍ଷା ଯାଞ୍ଚକୁ ବାଧ୍ୟତାମୂଳକ କରିଛି । ଏଥିରେ କେବଳ କ୍ୟାମେରାର ହାର୍ଡୱେର୍ ଯାଞ୍ଚ କରାଯିବ ନାହିଁ, ବରଂ ଏଥିରେ ବ୍ୟବହୃତ ସଫ୍ଟୱେର୍ ଏବଂ ଏହାର ସୋର୍ସ କୋଡ୍ ମଧ୍ୟ ନିକଟରୁ ଯାଞ୍ଚ କରାଯିବ ।

ଏହି କ୍ୟାମେରା ମାଧ୍ୟମରେ ଚୀନ୍ ଭାରତରେ ଗୁପ୍ତଚରଗିରି କରୁଥିବା ଆଶଙ୍କା ଯୋଗୁ ସରକାର ଏହି ପଦକ୍ଷେପ ନେଇଛନ୍ତି । ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ଭାରତର ଗୁଇନ୍ଦା ବ୍ୟବସ୍ଥା ମଧ୍ୟ କିଛି ବୈଷୟିକ ସୂଚନା ପାଇଥିଲା, ଯାହା ପରେ ଏହି କଡ଼ା ନିଷ୍ପତ୍ତି ନିଆଯାଇଛି । ଏହି ନୂତନ ନୀତି ସିସିଟିଭି ନିର୍ମାଣକାରୀ କମ୍ପାନୀଗୁଡ଼ିକ ପାଇଁ ଏକ କଠୋରରୁ କମ୍ ନୁହେଁ । ବିଶେଷକରି ଯେଉଁ କମ୍ପାନୀଗୁଡ଼ିକ ଚୀନ୍ ରୁ ଉପକରଣ ଆମଦାନୀ କରୁଥିଲେ କିମ୍ବା ଯେଉଁମାନଙ୍କର ସଫ୍ଟୱେର୍ ଚୀନ୍ ସହିତ ଲିଙ୍କ୍ ଥିଲା । ଏବେ ସେମାନଙ୍କୁ ପ୍ରତ୍ୟେକ ଉତ୍ପାଦକୁ ସରକାରୀ ଅନୁମୋଦିତ ଲ୍ୟାବରେ ପରୀକ୍ଷଣ ପାଇଁ ପଠାଇବାକୁ ପଡିବ ।

କମ୍ପାନୀଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଏହା ଯୋଗାଣରେ ବାଧା ସୃଷ୍ଟି କରିବ ଏବଂ ଭାରତ ଭଳି ଏକ ବଡ଼ ବଜାରରେ ଚାହିଦା ତୁଳନାରେ ଯୋଗାଣ କମ୍ ହୋଇପାରେ । କିନ୍ତୁ ଭାରତ ସରକାର କହିଛନ୍ତି ଯେ ସୁରକ୍ଷା ଅପେକ୍ଷା ବଡ଼ କୌଣସି ସମସ୍ୟା ନାହିଁ । ବିଶ୍ୱସ୍ତରୀୟ ନିରୀକ୍ଷଣ ଉପକରଣ କମ୍ପାନୀଗୁଡ଼ିକ ଏହି ନୀତି ସମ୍ପର୍କରେ ଭାରତ ସରକାରଙ୍କ ସହିତ ଯୋଗାଯୋଗ କରିଛନ୍ତି ଏବଂ କିଛି ଛାଡ଼ ଦାବି କରିଛନ୍ତି । କିନ୍ତୁ ମୋଦି ସରକାର ସ୍ପଷ୍ଟ କରିଛନ୍ତି ଯେ ସୁରକ୍ଷା ପ୍ରଶ୍ନରେ କୌଣସି ସାଲିସ କରାଯିବ ନାହିଁ । ଏହି ନୀତି ଏକ ସୂଚକ ଯେ ଭାରତ ଏବେ ବୈଷୟିକ ମାମଲାରେ ଦ୍ରୁତ ଗତିରେ ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେଉଛି ଏବଂ ବିଦେଶୀ କମ୍ପାନୀଗୁଡ଼ିକ ଯେପରି ଇଚ୍ଛା ତାହା କରିପାରିବେ ନାହିଁ ।

ଏହି ନୀତି ଦେଶରେ ମେକ୍ ଇନ୍ ଇଣ୍ଡିଆକୁ ମଧ୍ୟ ମଜଭୁତ କରିବ । କାରଣ ସ୍ଥାନୀୟ ନିର୍ମାତାମାନେ ଏବେ ଅଧିକ ନିର୍ଭରଯୋଗ୍ୟ ପ୍ରମାଣିତ ହୋଇପାରିବେ । ଚୀନ୍‌ର ନଜର ଏବେ ଭାରତର ଏହି ରଣନୀତି ଉପରେ ରହିବ, କାରଣ ଚୀନ୍ ଯେଉଁ ପ୍ରଯୁକ୍ତିବିଦ୍ୟାକୁ ଗୁପ୍ତ ଭାବରେ ଭାରତ ବିରୁଦ୍ଧରେ ବ୍ୟବହାର କରୁଥିଲା, ସେହି ପ୍ରଯୁକ୍ତିବିଦ୍ୟା ଏବେ ଭାରତର ସୁରକ୍ଷା ଏଜେନ୍ସିଗୁଡ଼ିକ ରାଡାରରେ ଆସିଛି । ଭାରତର ଏହି ପଦକ୍ଷେପ ଦର୍ଶାଉଛି ଯେ ଏବେ ଏହା କେବଳ ସୀମାରେ ନୁହେଁ ବରଂ ଡିଜିଟାଲ ଯୁଦ୍ଧରେ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ । ଏହା ଜିନପିଙ୍ଗଙ୍କ ପାଇଁ ଏକ ସ୍ପଷ୍ଟ ସଙ୍କେତ ଯେ ଭାରତ ଆଉ କୌଣସି 'ଗୁପ୍ତଚର କୌଶଳ'କୁ ସହଜରେ କାମ କରିବାକୁ ଦେବ ନାହିଁ ।

## ସଫଳ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ

ରଘୁନାଥ ମହାପାତ୍ର

ସାମସମୟିକ ଓଡ଼ିଆ ହାସ୍ୟ ସାହିତ୍ୟିକ ଫତୁରାନନ୍ଦ ବ୍ୟକ୍ତିଗତ ଜୀବନରେ ଅତ୍ୟନ୍ତ ଦୁଃଖୀ ଥିଲେ ହେଁ ଅନ୍ତରର ବେଦନାକୁ ଚାପି ସତେ ଯେପରି ଅନ୍ୟମାନଙ୍କୁ ହସାଇବାକୁ ଶପଥ ନେଇଥିଲେ ଏବଂ ସୃଷ୍ଟି କରିଥିଲେ ବହୁ ବ୍ୟଙ୍ଗ ସାହିତ୍ୟ । ତାଙ୍କର ପ୍ରକୃତ ନାମ ରାମଚନ୍ଦ୍ର ମିଶ୍ର । ଡାକ୍ତରୀ ପଢୁଥିବା ବେଳେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇଥିଲେ । ରୋଗ କବଳରୁ ମୁକ୍ତି ମିଳୁ ମିଳୁ ହଜାଇଥିଲେ ଦୃଷ୍ଟି ଶକ୍ତି ଏବଂ ଆଜୀବନ ଅବିବାହିତ ରହି ପାଲିଥିଲେ ସାହିତ୍ୟ ସେବକ । ଏକ ସମୟରେ ସାହିତ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନଥିଲା । ସାହିତ୍ୟ ନାମ ଶୁଣିଲେ ବିତୃଷ୍ଣା ଆସିଯାଉଥିଲା । ସାହିତ୍ୟକୁ ଏକ ଅଲୋଡ଼ା, ଅଦରକାରୀ ବିଷୟ ଭାବୁଥିଲେ । ହେଲେ ଜୀବନର ମଧ୍ୟ ଭାଗରେ ସାହିତ୍ୟ ହିଁ ହୋଇଥିଲା, ତାଙ୍କର ଏକମାତ୍ର ଅବଲମ୍ବନ, ଯାହା କାଏମ ରହିଥିଲା ଜୀବନର ଶେଷ ଭାଗ ପର୍ଯ୍ୟନ୍ତ । ଫତୁରାନନ୍ଦଙ୍କ ଆତ୍ମଚରିତ ହେଉଛି 'ମୋ ଫୁଟା ଡଙ୍ଗାର କାହାଣୀ' । ଏଥିରେ ସେ ଲେଖିଛନ୍ତି, ସ୍କୁଲରେ ପଢୁଥିବା ବେଳେ ଶିକ୍ଷକଙ୍କ ବାଧବାଧକତାରେ ସେ ପଢ଼ିଥିବା ପ୍ରଥମ ସାହିତ୍ୟ ପୁସ୍ତକଟି ଥିଲା ଫକୀର ମୋହନ ସେନାପତିଙ୍କର ଛଅ ମାଣ ଆଠଗୁଣ୍ଠ । ତାହା ପୂର୍ବରୁ ରାମାୟଣ, ମହାଭାରତ, ତଅପୋଇ, ନୃସିଂହ ପୁରାଣ, ହରିବଂଶ, ଲକ୍ଷ୍ମୀପୂଜା ପଢ଼ିଥିଲେ । ଧର୍ମ ପୁସ୍ତକ ପଢ଼ିଲେ ଉତ୍ତମ ଭୋଜନ ମିଳୁଥିବାରୁ ସେ ଏସବୁ ବାରମ୍ବାର ପଢୁଥିଲେ । ଶ୍ରୀକୃଷ୍ଣ, ହନୁମାନ, ଭୀମ, ଅର୍ଜୁନ ଥିଲେ ତାଙ୍କର ଅତି ପ୍ରିୟ ପୌରାଣିକ ଚରିତ୍ର । ସ୍କୁଲରେ ପଢ଼ିବା ବେଳେ ସେ ଏକ ଗପ ଲେଖିଥିଲେ । ତାହା ସ୍କୁଲ ପତ୍ରିକା ଛାତ୍ରବନ୍ଧୁରେ ପ୍ରକାଶିତ ହୋଇଥିଲା । ମେଡ଼ିକାଲ ପଢ଼ା ସାରି ବ୍ୟାଧିଗ୍ରସ୍ତ ହୋଇ ଘରେ ବସିବା ବେଳେ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା । ପ୍ରଥମେ ଲେଖିଥିଲେ କବି ଲଢ଼େଇ ନାମକ ପଦ୍ୟ । ସେଇଟି ପ୍ରକାଶିତ ହୋଇଥିଲା ଡଗରରେ ।

ମେଡ଼ିକାଲରେ ପଢ଼ିବା ବେଳେ ଜଣେ ବନ୍ଧୁ ତାଙ୍କୁ ଫତୁରାନନ୍ଦ ନାମ ଦେଇଥିଲେ । କାଳେ ଜୀବନର ପ୍ରଥମ ପଦ୍ୟ ସମାଲୋଚିତ ହେବ, ଏହି ଭୟରେ ଲେଖକ ଭାବେ ଫତୁରାନନ୍ଦ ନାମଟିକୁ ବ୍ୟବହାର କରିଥିଲେ । ପଦ୍ୟଟି ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସିତ ହୋଇଥିଲା ଏବଂ ରାମଚନ୍ଦ୍ର ମିଶ୍ର ଫତୁରାନନ୍ଦ ନାମରେ ଲେଖକୀୟ ପରିଚିତି ଲାଭ କରିଥିଲେ । ଡଗର ମୁଦ୍ରଣାଳୟ ଓ ପତ୍ରିକା ସହ ସଂପର୍କ ତଥା କାନ୍ତିକବି ଲକ୍ଷ୍ମୀକାନ୍ତଙ୍କ ପ୍ରେରଣା ତାଙ୍କୁ ବଡ଼ ଲେଖକରେ ପରିଣତ କରିଥିଲା । ଲେଖକ ଜୀବନର ଆଦ୍ୟ ଭାଗରେ ସେ ଅରୁଚିକର ହାସ୍ୟ ପରିବେଷଣ କରି ଭାଣ୍ଡକବି ଭାବେ ଆଖ୍ୟାୟିତ ହୋଇଥିଲେ । ତେବେ ନିତମ୍ବ ବଂଶୀ କବିତାର ପ୍ରକାଶନ ପରେ ନିଜ ଲେଖାରୁ ରୁଚିହୀନତାକୁ ବାଦ ଦେଇଥିଲେ । ଏହି କବିତାରେ ରାଧା, କୃଷ୍ଣଙ୍କୁ ପଚାରୁଛନ୍ତି ହାତ ବଂଶୀ ବହୁତ ଶୁଣିଲିଣି । ବଡ଼ କପଟିଆ ତୁମେ । ନିତମ୍ବ ବଂଶୀ ଦିନେ ହେଲେ ଶୁଣାଇ ନାହଁ । ନ ଶୁଣାଇଲେ ଆଉ କଥା ହେବିନି । ତହୁଁ କୃଷ୍ଣ କହୁଛନ୍ତି ଥୟ ଧର ଆଜି ଅବଶ୍ୟ ଶୁଣାଇବି । ଏହା କହି ସେ ବାୟୁ ସୃଷ୍ଟିକାରୀ ବରା, ପିଆଜି, ପକୁଡ଼ି ଆଦି ପେଟ ପୁରା ଖାଇଲେ । କିଛି ସମୟ ପରେ ବିଭିନ୍ନ ଧ୍ୱନିଯୁକ୍ତ ଅଧୋବାୟୁମାନ ବାହାରିଲା । ଏହି କବିତାକୁ ଯିଏ ବି ପଢ଼ିବ, ହସିବା ସ୍ୱାଭାବିକ । ତେବେ, ଏ ଭଳି କବିତା ନ ଲେଖିବା ପାଇଁ ଦିନେ ହସି ହସି ତାଙ୍କୁ ଉପଦେଶ ଦେଇଥିଲେ ଲକ୍ଷ୍ମୀନାରାୟଣ ସାହୁ । ତାହା ପରଠାରୁ ସେ ରୁଚିହୀନ ବର୍ଜନ କରିଥିଲେ । ୧୯୧୫ ଜୁନ ୧ ତାରିଖରେ କଟକ ଝାଞ୍ଜିରିମଙ୍ଗଳାରେ ଜନ୍ମ ହୋଇଥିଲେ ଫତୁରାନନ୍ଦ ।

*ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ : ୯୨୩୮୬୩୨୭୫୦*

# ଶିବ ବିବାହ ଓ ଶୀତଳ ଷଷ୍ଠୀ

ପୁଷ୍ପମିତ୍ର ମହାପାତ୍ର

ସଂପ୍ରତି ସୂର୍ଯ୍ୟଦେବଙ୍କ ପ୍ରକୋପ କିଛିଟା ପ୍ରଶମିତ ହୋଇ ପ୍ରାକ ମୌସୁମୀ ଅବସରରେ ପରିବେଶ ଶୀତଳ ହେଉଛି । ଶୀତଳ ଷଷ୍ଠୀ ହେଉଛି ପାର୍ବତୀ ଓ ଦେବାଧିଦେବ ମହାଦେବଙ୍କ ମିଳନର ପର୍ବ କହିବାକୁ ଗଲେ ଶିବ ବିବାହ ଉତ୍ସବ ହିଁ ହୋଇଥାଏ । ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ମାତା ପାର୍ବତୀଙ୍କର ଶିବଙ୍କ ସହ ବିବାହ ହୋଇଥିଲା । 'ଶୈବ ରସାମୃତ'ରୁ ସଂଗୃହୀତ ତଥ୍ୟ ଅନୁଯାୟୀ ଶୀତଳ ଷଷ୍ଠୀ ମହୋତ୍ସବ ହେଉଛି ଦେବାଧିଦେବ ମହାଦେବଙ୍କର ବିବାହ ଉତ୍ସବ । ଦାନବ ରାଜା ତାରକାସୁରର ଅତ୍ୟାଚାର, ଅନ୍ୟାୟ ଓ ଦୌରାତ୍ମ୍ୟରୁ ସୃଷ୍ଟିକୁ ରକ୍ଷା କରିବାଲାଗି ଯୋଗେଶ୍ୱର ମହାଦେବ ଓ ଶକ୍ତିସ୍ୱରୂପିଣୀ ମାତା ପାର୍ବତୀଙ୍କ ବିବାହ ବା ମହାମିଳନର ଅବସର । ଶୀତଳ ଷଷ୍ଠୀ ଓଡ଼ିଶାର ବିଭିନ୍ନ ଶୈବଧାମରେ ଅନୁଷ୍ଠିତ ହୋଇଥାଏ । ବିଶେଷକରି ସମ୍ବଲପୁରର ଶୀତଳ ଷଷ୍ଠୀ ଯାତ୍ରା ବେଶ ପ୍ରଖ୍ୟାତ ।

ଶୀତଳଷଷ୍ଠୀ ହେଉଛି ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ଧର୍ମବିଶ୍ୱାସର ଆଇନା । ଶିବ-ପାର୍ବତୀଙ୍କୁ ମାନବୀୟ ରୂପଦେଇ ଶୀତଳ ଷଷ୍ଠୀ ଯାତ୍ରାରେ ବିଶ୍ୱ ଭ୍ରାତୃତ୍ୱ, ମୈତ୍ରୀ ସଂହତିର ଯେଉଁ ନିରାଜନା ହୋଇଛି, ତାହା ଏକ ମହାନ ସଂସ୍କୃତିର ସ୍ମାରକୀ । ଦୋଳୋତ୍ସବ ସମୟରେ ଭଗବାନ ଶ୍ରୀକୃଷ୍ଣ ଯେଉଁପରି ବିମାନରେ ବସି ଦ୍ୱାରେ ଦ୍ୱାରେ ଭ୍ରମଣ କରି ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାନ୍ତି ଠିକ୍ ସେହିପରି ମାନବୀୟ ରୂପରେ ଏ ଶୀତଳ ଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ହୋଇଥାଏ । ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ନୂଆଖାଇ ହେଉ ବା ଧନୁଯାତ୍ରା ଠିକ୍ ସେହିପରି ଶୀତଳ ଷଷ୍ଠୀ ଖୁବ୍ ଜାକଜମକ ସହକାରେ ପାଳିତ ହୋଇଥାଏ । ଗ୍ରୀଷ୍ମର ପ୍ରଚଣ୍ଡ ପ୍ରକୋପ ତାପରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ରୁଦ୍ରରୂପୀ ଶିବଙ୍କୁ ପ୍ରସନ୍ନ କରାଇଥାନ୍ତି ଆଧ୍ୟାତ୍ମିକ ଶ୍ରଦ୍ଧାଳୁମାନେ । ଅନ୍ୟ ଚିନ୍ତନରେ, ମହାବିଷୁବ ସଂକ୍ରାନ୍ତୀ ଠାରୁ ସୂର୍ଯ୍ୟ ଦକ୍ଷିଣରୁ ଉତ୍ତରାୟଣକୁ ଅଗ୍ରସର ହେଉଥିବା



ବେଳେ ଜଳବିଷୁବ ସଂକ୍ରାନ୍ତୀରୁ ସେ ଉତ୍ତରରୁ ଦକ୍ଷିଣାୟନକୁ ଗତି କରନ୍ତି । ଯାହାଦ୍ୱାରା ଜ୍ୟେଷ୍ଠମାସର ଶୁକ୍ଳପକ୍ଷ ଷଷ୍ଠୀ ତିଥିରୁ ପୃଥିବୀ କ୍ରମେ କ୍ରମେ ଶୀତଳତା ପାଇବା ସହ ସୂର୍ଯ୍ୟଦେବଙ୍କର ଗତିକ୍ରମରେ ଆକାଶରେ ମେଘ ସୃଷ୍ଟି ହୁଏ ଓ ସେହି ଘନୀଭୂତ ମେଘ ପରବର୍ତ୍ତୀ ସମୟରେ ବର୍ଷାର ରୂପ ନେଇଥାଏ । ଆମ ନିତିଦିନିଆ ଜୀବନରେ ବିବାହ ଉତ୍ସବପରି ଶିବ-ପାର୍ବତୀଙ୍କ ବିବାହ ମାନବ ଜଗତର ସମସ୍ତ ବୈବାହିକ ପ୍ରସ୍ତୁତି, ପରିବେଶ ଓ ସାମାଜିକତା ଅନୁସରଣ କରାଯାଏ । ଏହି ଆନନ୍ଦ ଉଲ୍ଲାସ ମହାପାର୍ବଣରେ ସମସ୍ତେ ସାମିଲ ହୋଇଥାନ୍ତି ଏହି ଆନନ୍ଦ ପ୍ରାପ୍ତି କରିବାକୁ ।

ଭଗବାନ ଶିବ ସମଗ୍ର ଜୀବସତ୍ତାର ନିଦର୍ଶନ ରୂପେ ପ୍ରତୀକିତ ହେଉଥିବାବେଳେ ପାର୍ବତୀ ବିଶ୍ୱ ପ୍ରକୃତିର ନିଦର୍ଶନ ରୂପରେ ଅଭିଶିକ୍ତ । ଶିବ-ପାର୍ବତୀ ବିବାହ ଏ ପରିପ୍ରେକ୍ଷୀରେ ବିଶ୍ୱ ଏକାତ୍ମବୋଧର ଗଭୀର ଦର୍ଶନ ରହିଛି । ଏହାର ପୃଷ୍ଠଭୂମିରେ ଏକ ଉଚ୍ଚତର ସାମାଜିକ ଆଦର୍ଶ ନିହିତ । ତା'ଛଡ଼ା ଆତ୍ମାର ମୁକ୍ତି ପାଇଁ ଅନ୍ତର୍ଜାଗତିକ ଆତ୍ମସତ୍ତା ସହିତ ବହିର୍ଜାଗତିକ ପ୍ରବୃତ୍ତି ସତ୍ତାକୁ ସମରସିତ କରାଇବା ଲକ୍ଷ୍ୟ ନେଇ ଏହାର ଆୟୋଜନ । ଏଇଠି ପ୍ରକୃତି ସହିତ ଆତ୍ମାର ମିଳନ ଶିବତ୍ୱର ଦ୍ୟୋତକ ରୂପେ ଗୃହୀତ ହେବାବେଳେ ଶିବତ୍ୱର ଅର୍ଥାତ୍ ବ୍ୟକ୍ତି ଦ୍ୱାରା ଉପଲବ୍ଧ ଶିବତ୍ୱର ସହିତ ପରଶିବତ୍ୱର ସମନ୍ୱୟ ହିଁ ଏ ଦର୍ଶନର ଚରମ ଲକ୍ଷ୍ୟ ଭାବେ ଗୃହୀତ । ଏହି ମହାମିଳନକୁ ପରାପର ମିଳନ ବା ପରମଜ୍ୟୋତି ମିଳନ ରୂପେ ଗ୍ରହଣ କରାଯାଇଥାଏ । ଚଳିତବର୍ଷ ଜୁନ୍ ୧ ଅର୍ଥାତ୍ ରବିବାର ଦିନ ଏହି ପବିତ୍ର ଦିବସ ପଡୁଛି । ବିବାହ ପରଦିନ ଶିବପାର୍ବତୀ ବିମାନରେ ଘର ଘର ବୁଲି ଭୋଗ ଖାଇଥାନ୍ତି । ଲୌକିକ ରୀତିନୀତି ଅନୁଯାୟୀ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥାଏ । କଟକ ସହରର ବିଭିନ୍ନ ଶିବ ମନ୍ଦିରରେ ଏହି ଉତ୍ସବ ଲାଗି ରହିଥାଏ । ରୁଦ୍ରରୂପୀ ଶିବ ଓ ମାତା ପାର୍ବତୀଙ୍କ ଯେଉଁ ମିଳନର ପର୍ବ ତାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବାଦ ଦେଇଥାଏ । କହିବାକୁଗଲେ ଶୀତଳ ଷଷ୍ଠୀ ପୁରାଣ ଚେତନା ଓ ଯୁବଚେତନାର ପ୍ରତିଭାଷ ମାତ୍ରନୁହେଁ ଶାନ୍ତିକାମୀ, ମଙ୍ଗଳମୟ ଓ ନ୍ୟାୟ ପ୍ରତିଷ୍ଠାର ଅବସର ମଧ୍ୟ । ଶୀତଳ ଷଷ୍ଠୀ ଏପରି ଏକ ପାରମ୍ପରିକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମସ୍ତଙ୍କ ହୃଦୟରେ ଚେତନାକୁ ଜାଗ୍ରତ କରିଥାଏ । ଭଗବାନ ଶିବ ଓ ମାତା ପାର୍ବତୀ ଆମ ସମସ୍ତଙ୍କୁ ଦିବ୍ୟାଶୀର୍ବାଦ ପ୍ରଦାନ କରନ୍ତୁ ଏହା ହିଁ କାମନା ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯,*

# ଉତ୍କଳୀୟ ପରମ୍ପରାରେ ଶୀତଳଷଷ୍ଠୀ ଓ ତାହାର ସାମାଜିକ ପ୍ରଭାବ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ମା' ପାର୍ବତୀ ଓ ଶିବ ଶଙ୍କରଙ୍କର ବିବାହ ଉତ୍ସବ ଏବଂ ତା'ପରଦିନ ଶୀତଳଷଷ୍ଠୀ ଯାତ୍ରା ପାଳନ କରାଯାଏ ଓ କିଛି ଭକ୍ତ ମା' ପାର୍ବତୀଙ୍କ ମା' ବାପା ହୁଅନ୍ତି ଓ ଆଉ କିଛି ଭକ୍ତ ପ୍ରଭୁ ଶଙ୍କରଙ୍କର ହୋଇ ଉଭୟଙ୍କର ବିବାହକାର୍ଯ୍ୟ ସମାପନ କରନ୍ତି । ସାଧାରଣ ବାହାଘର ପରି ପାରମ୍ପରିକ ରୀତିରେ ପ୍ରଭୁ ଶଙ୍କରଙ୍କୁ ବରଯାତ୍ରୀଙ୍କ ସହିତ ବଡ଼ ଧୂମ୍‌ଧାମ୍‌ରେ ମା' ପାର୍ବତୀଙ୍କ ଘରକୁ ନେଇ ବୈଦିକ ରୀତିରେ ବିବାହ କରାଯାଏ । ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ । ମଧ୍ୟରାତ୍ରୀରୁ ଏଇ ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପ୍ରହର ବେଳକୁ ଶିବପାର୍ବତୀଙ୍କ ପୂଜାରେ ଶେଷହୁଏ । ଲୋକନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ସମ୍ବଲପୁର ସହରର ଶିବ ମନ୍ଦିରମାନଙ୍କରେ ଏହା ବହୁ ଜାକଜମକରେ ପାଳନ କରାଯାଏ । ସମ୍ବଲପୁରରେ ଏଇ ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ । ଏହା ସମ୍ବଲପୁର, ବିଶେଷକରି ପଶ୍ଚିମ ଓଡ଼ିଶାର ଲୋକନୃତ୍ୟକୁ ଉପଭୋଗ କରିବାରେ ଏକ ଦୁର୍ଲଭ ଅବସର କ୍ଷ ଆମ ପ୍ରାଚୀନ ପରମ୍ପରା ଅନୁସାରେ ଶିବ ପାର୍ବତୀଙ୍କ ବିବାହ କୁ ଶୀତଳ ଷଷ୍ଠୀ ଭାବରେ ପାଳନ ପାଳନ କରାଯାଇଥାଏ । ଶିବ ଓ ଶକ୍ତି ଙ୍କ ମିଳନକୁ ମହା ଜାଗତିକ ଓ ଦିବ୍ୟ ମିଳନ ବୋଲି କୁହାଯାଇଥାଏ । ସୃଷ୍ଟି ତଥା ସଂହାରର କାରଣ ରୂପରେ ଶିବଙ୍କୁ ଆରାଧନା କରନ୍ତି । ତେବେ ଶକ୍ତିଙ୍କ ବିନା ସହଯୋଗରେ ସୃଷ୍ଟି ପ୍ରକ୍ରିୟା ସମ୍ଭବ ହୁଏ ନାହିଁ । ଶକ୍ତି ଶିବଙ୍କ ପିଣ୍ଡରେ ମିଳିତ ନ ହେବା ପର୍ଯ୍ୟନ୍ତ ସୃଷ୍ଟି ସର୍ଜନା ସଫଳ ହୁଏ ନାହିଁ । ତେଣୁ ଆବାହମାନ କାଳରୁ ଶକ୍ତି ଓ ଶିବଙ୍କ ପରିଣୟକୁ ଉତ୍ସବ ରୂପେ ଆମେ ପାଳନ କରିଥାଉ । ଯାହାକୁ ଶୀତଳଷଷ୍ଠୀ କୁହଯାଏ ।

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା କେବେ ଆରମ୍ଭ ହେଲା, କିଏ ଆରମ୍ଭ କଲା, କାହିଁକି ଆରମ୍ଭ କଲା ସେ ସଂପର୍କରେ ସଠିକ୍ ତଥ୍ୟ ନାହିଁ । ତେବେ ଜନଶ୍ରୁତି ଅନୁସାରେ ଛତ୍ରପତି ରାଜା ବୀର ବଳିୟାର ସିଂଙ୍କ ରାଜତ୍ୱ କାଳରେ ସମ୍ଭବତଃ ଏହି ଯାତ୍ରା ଆରମ୍ଭ ହୋଇଥିଲା । ମାତ୍ର ତା'ର ନିର୍ଦ୍ଦିଷ୍ଟ ତିଥି କେହି କେବେ ନିର୍ଣ୍ଣୟ କରିନାହାଁନ୍ତି । ଜନଶ୍ରୁତି ଅନୁସାରେ ଛତ୍ରପତି ମହାରାଜ ବୀର ବଳିୟାର ସିଂହଙ୍କୁ ୧୮ ଗଡ଼ଜାତ ସମ୍ମାନ ଦେବା ପାଇଁ ପୁରୀ ମହାରାଜ ଆମନ୍ତ୍ରଣ କରିଥିଲେ । ମହାରାଜଙ୍କ ନିମନ୍ତ୍ରଣ ରକ୍ଷା କରି ବଳିୟାର ସିଂହ ପୁରୀ ଦରବାରରେ ଯାଇ ପହଞ୍ଚିଥିଲେ । ପୁରୀ ରାଜା ବୀର ବଳିୟାର ସିଂହଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ତାଙ୍କ ଦରବାରରେ ଥିବା ୭ଜଣ ଶ୍ରେଷ୍ଠ ମଲ୍ଲଯୋଦ୍ଧାଙ୍କୁ ନିୟୋଜିତ କରିଥିଲେ । ବୀର ବଳିୟାର ସିଂହ ରାଜଦରବାରକୁ ପହଞ୍ଚି ମହାରାଜଙ୍କୁ ଅଭିବାଦନ କରିବା ସମୟରେ ଅତର୍କିତ ଭାବେ ଏହି ୭ଜଣ ମଲ୍ଲଯୋଦ୍ଧା ଆକ୍ରମଣ କରିଥିଲେ । ଏଥିରେ ବିଚଳିତ ନହୋଇ ବୀର ବଳିୟାର ସିଂହ ତାଙ୍କ ପଗଡି ଭିତରେ ଥିବା ମାଆ ସମଲେଶ୍ୱରୀଙ୍କ ଏକ ତରବାରୀ କାଢି ଆଣି ମଲ୍ଲଯୋଦ୍ଧାଙ୍କୁ ଧରାଶାୟୀ କରିଦେଇଥିଲେ । ବଳିୟାର ସିଂହଙ୍କ ବୀରତ୍ୱରେ ମୁଗ୍ଧ ହୋଇ ପୁରୀ ମହାରାଜ ସିଂହାସନରୁ ଓହ୍ଲାଇ ଆସି ତାଙ୍କୁ ପୁରସ୍କାର ଦେବାକୁ କହିଲେ । ସମ୍ବଲପୁରରେ ସେତେବେଳେ ବ୍ରାହ୍ମଣ ନଥିବାରୁ ବଳିୟାର ସିଂହ ପୁରୀ ମହାରାଜଙ୍କୁ ବ୍ରାହ୍ମଣ ଦେବାକୁ ଅନୁରୋଧ କରିଥିଲେ । ଏହା ପରେ ବ୍ରାହ୍ମଣମାନେ ପୁରୀରୁ ସମ୍ବଲପୁରକୁ ଆସିଥିଲେ ଓ ଶିବ ବିବାହ ଆରମ୍ଭ ହୋଇଥିବା ମନେ କରାଯାଏ । ପୂର୍ବେ ଅସ୍ପୃଶ୍ୟମାନଙ୍କୁ ମନ୍ଦିର ଯାଇ ଦେବଦେବୀଙ୍କୁ ଦର୍ଶନ କରିବା ବାରଣ ଥିଲା । ତେଣୁ ବର୍ଷରେ ଥରେ ଦେବଦମ୍ପତି ସେମାନଙ୍କୁ ଦର୍ଶନ ଦେବା ପାଇଁ ବାହାରକୁ ଆସୁଥିବାର କୁହାଯାଏ । ଦେବଦମ୍ପତିଙ୍କ ଏହି ଯୁଗଳ ଦର୍ଶନରେ ବହୁତ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି ।

ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷପ୍ରଜାପତି ମାତା ସତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ସତୀ ବିବାହ ବୟସ ହେବା ଉତ୍ତାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ମଶାନଚାରୀ ଶିବଙ୍କୁ ବିବାହ କରନ୍ତି । ଏଥିରେ କ୍ଷୁବ୍ଧ ହୋଇ ଦକ୍ଷପ୍ରଜାପତି ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ । ମହାଦେବଙ୍କ ଅନିଚ୍ଛା ସତ୍ତ୍ୱେ ଦେବୀ ପାର୍ବତୀ ପିତ୍ରାଳୟ ଯାଆନ୍ତି । ଯଜ୍ଞସ୍ଥଳରେ ଦକ୍ଷପ୍ରଜାପତି ଶିବଙ୍କର ଅପମାନ କଲେ ଏହାକୁ ସହି ନପାରି ସତୀ ଯଜ୍ଞକୁଣ୍ଡରେ ଝାସ ଦେଲେ । ସତୀଙ୍କ ଯଜ୍ଞକୁଣ୍ଡରେ ଝାସଦେବା ଶୁଣି ମହାଦେବ ଯଜ୍ଞସ୍ଥଳକୁ ଧ୍ୱଂସକରି ଦେଲେ । ସେଠାରୁ ସତୀଙ୍କ ଶବକୁ କାନ୍ଧରେ ପକାଇ ଚାରିଆଡେ ଘୁରିବୁଲିଲେ । ବିଷ୍ଣୁ ଚକ୍ରଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଶିବଙ୍କଠାରୁ ଅଲଗା କରିଦେଲେ । ପରବର୍ତ୍ତୀ ସମୟରେ ବ୍ରହ୍ମାଙ୍କ ବରରେ ବଳିୟାନ ହୋଇ ତାରକାସୁର ଅତ୍ୟାଚାର କଲା । ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶିଲେ । ମାତ୍ର ବ୍ରହ୍ମା, ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ ତାରକାସୁରକୁ ବଧ କରିବ ବୋଲି ପ୍ରକାଶ ପରେ ଦେବତାମାନେ ଆଦିଶକ୍ତି ମାତା ପାର୍ବତୀଙ୍କୁ ତପସ୍ୟା କରନ୍ତି । ଦେବଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ଗିରିରାଜ ହିମାଳୟଙ୍କ ଘରେ ଆବିର୍ଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ହୋଇଯାନ୍ତି ଶାନ୍ତ ଶୀତଳ । ଦେବଦମ୍ପତିଙ୍କ ଏହି ମହାମିଳନକୁ ଲୋକାଚାରରେ ଶୀତଳଷଷ୍ଠୀ ଭାବେ ପାଳନ କରାଯାଏ ।

ଶିବ ରୁଦ୍ର ଓ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରେ । ଗ୍ରୀଷ୍ମଋତୁ ପୃଥିବୀ ପୃଷ୍ଠରୁ ବିଦାୟ ନେଉଥାଏ, ବର୍ଷାଋତୁର ଆଗମନ ସମୟରେ ମହାଦେବ ଶିବ ଓ ସତୀଙ୍କ ବିବାହୋତ୍ସବକୁ ନେଇ ଅନୁଷ୍ଠିତ ହୁଏ ଶୀତଳଷଷ୍ଠୀ । ମହାପ୍ରଭୁଙ୍କର ଚନ୍ଦନ ଯାତ୍ରାର ପରିସମାପ୍ତି ପରେ ପରେ ଶୀତଳଷଷ୍ଠୀ ବେଳକୁ ମେଘମେଦୁର ଆକାଶର ଅପରୂପ ସୌନ୍ଦର୍ଯ୍ୟ ବେଶ ଚିତାକର୍ଷକ ହେବା ସାଙ୍ଗକୁ ନବବାରି ପରିପ୍ଲୁତ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟିକରେ । ଅପୂର୍ବ ନୈସର୍ଗିକ ପରିବର୍ତ୍ତିତ ପରିସ୍ଥିତିରେ ସମ୍ବଲପୁରବାସୀ ଦେବଦମ୍ପତିଙ୍କୁ ସାଦର ସଭକ୍ତି ସ୍ୱାଗତ କରିଥାନ୍ତି । ଶୀତଳଷଷ୍ଠୀ ପୌରାଣିକ କଥାବସ୍ତୁ ଉପରେ ପର୍ଯ୍ୟବସିତ । କିନ୍ତୁ ଆମ ଦୈନନ୍ଦିନ ଜୀବନରେ ଯେପରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍ ସେହିପରି ବୈଦିକ ରୀତିରେ ଶିବଙ୍କ ସହିତ ମାତା ସତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ । ହିନ୍ଦୁ ରୀତିନୀତି ଅନୁସାରେ କନ୍ୟା ଅନ୍ୱେଷଣ, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ମହା ଆଡ଼ମ୍ବରରେ ବରଯାତ୍ରୀ ଆଗମନ, ବୈଦିକ ରୀତିରେ ବେଦିରେ ଦେବଦମ୍ପତିଙ୍କ ବିବାହ, କନ୍ୟା ପିତାମାତାଙ୍କ କନ୍ୟା ଦାନ ଓ ଯାନି ଯୌତୁକ ସହିତ କନ୍ୟା ବିଦାୟ ଆଦି କାର୍ଯ୍ୟ ସମ୍ପନ୍ନ କରାଯାଏ । ଓଡ଼ିଶାର ସମ୍ବଲପୁର ଶୀତଳଷଷ୍ଠୀରେ ସମ୍ପୂର୍ଣ୍ଣ ଲୋକାଚାରରେ ଶିବ ଓ ସତୀଙ୍କ ବିବାହୋତ୍ସବ ଅତ୍ୟନ୍ତ ଆକର୍ଷଣୀୟ । ଦେବଦମ୍ପତିଙ୍କ ଏହି ବିବାହ ଉତ୍ସବ ପ୍ରକ୍ରିୟା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୁଏ । ଅକ୍ଷୟ ତୃତୀୟା ଦିନ ଥାଳ ଉଠିବାଠାରୁ ଯାତ୍ରା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଜ୍ୟେଷ୍ଠ ଶୁକ୍ଳପକ୍ଷ ପ୍ରତିପଦା ଦିନ ନନ୍ଦପଡାର ବଂବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି ବା ନିବନ୍ଧ(ପିନ୍ଧାଣି) ଏବଂ ତା'ପରଦିନ ନୃସିଂହ ନିଉତା ବା ଦେବଦେବୀଙ୍କୁ ବିବାହ ପାଇଁ ଅନୁଷ୍ଠିତ ହୋଇଥାଏ । ଝାଡୁଆପଡାର ଲୋକନାଥ ବାବା, ମୁଦିପଡାର ଜାଗେଶ୍ୱରବାବା, ବଡ଼ବଜାରର ଶୀତଳେଶ୍ୱରବାବା ଏବଂ ଠାକୁରପଡାର ଗୁପ୍ତେଶ୍ୱର ବାବାଙ୍କ ତୃତୀୟା ଦିନ ପତରପେଁଡି ଏବଂ ଚତୁର୍ଥୀଦିନ ଗୁଆଗୁଣ୍ଡା ଅନୁଷ୍ଠିତ ହୋଇଥାଏ । ପଞ୍ଚମୀ ତିଥି ରାତିରେ ଶ୍ମଶାନଚାରୀ ଶିବ ବରବେଶ ହୋଇ ବୃଷଭ ଆରୋହଣ କରି ଭବ୍ୟ ଶୋଭାଯାତ୍ରାରେ କନ୍ୟାପିତା ଗୃହକୁ ଗମନ କରନ୍ତି । ତାଙ୍କ ବରଯାତ୍ରୀରେ ଶ୍ମଶାନବାସୀ, ସାକ୍ଷୀଗୋପୀନାଥ, ହନୁମାନ, ନୃସିଂହ ଦେବଦେବୀ ସାମିଲ୍ ହୋଇଥାନ୍ତି । ଦେବଦମ୍ପତିଙ୍କ ସମ୍ପୂର୍ଣ୍ଣ ଲୋକାଚାରରେ ସମ୍ପନ୍ନ କରାଯାଉଥିବାରୁ ପ୍ରତିବର୍ଷ ଯାତ୍ରା କମିଟି ପକ୍ଷରୁ କନ୍ୟା ପିତାମାତା ଚୟନ କରାଯାଏ । ଯେଉଁମାନେ କନ୍ୟାପିତାମାତା ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ସେମାନେ କନ୍ୟା ପାର୍ବତୀଙ୍କୁ ତାଙ୍କ ଘରକୁ ନେଇ ବିବାହ ପରେ ଯାନିଯୌତୁକ ଦେଇ ବିଦାୟ ଦେଇଥାନ୍ତି । ବୈଦିକ ରୀତିରେ ପଞ୍ଚମୀ ରାତିରେ ବିବାହ ଅନୁଷ୍ଠିତ ହୋଇଥାଏ । ନନ୍ଦପଡାର ବମ୍ବରାଡ଼ ବାଲୁଙ୍କେଶ୍ୱର, ଝାଡୁଆପଡାର ଶ୍ରୀଲୋକନାଥ ବାବା, ମୁଦିପଡାର ଶ୍ରୀଜାଗେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବା, ବାଲିବନ୍ଧର ସୋମନାଥ ବାବା, ଦୁର୍ଗାପାଲିର ଶ୍ରୀଗୁଡେଶ୍ୱର ବାବଙ୍କ ପ୍ରସିଦ୍ଧ ଶୀତଳଷଷ୍ଠୀ ପର୍ବରେ ସ୍ଥାନୀୟ ତଥା ବହିରାଗତ ଲକ୍ଷ ଲକ୍ଷ ଭକ୍ତଙ୍କର ସମାବେଶରେ ସମ୍ବଲପୁର ଜନାରଣ୍ୟ ହୋଇଉଠେ । ପତରପେଣ୍ଡିରୁ ଶୀତଳଷଷ୍ଠୀ ଉତ୍ସବର ଶୁଭାରମ୍ଭ ହୋଇ, ତତ୍ ପରଦିନ ଦେବ ନିମନ୍ତ୍ରଣ, ଚତୁର୍ଥୀ ତିଥିରେ ସମସ୍ତ ମନ୍ଦିରରୁ ଦେବାଧିଦେବଙ୍କ ବରଯାତ୍ରା, ପରଦିନ କନ୍ୟାପିତାଙ୍କ ଗୃହରେ ରାତ୍ରିରେ ବିବାହୋତ୍ସବ ଏବଂ ତା'ପରଦିନ ମଧ୍ୟାହ୍ନରେ ଶିବପାର୍ବତୀ ବାହୁଡା ବରକନ୍ୟାଙ୍କର ଆଡ଼ମ୍ବରପୂର୍ଣ୍ଣ ଦିବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ବେଶ୍ ମନୋଜ୍ଞ ଓ ମନମୁଗ୍ଧକର । ପ୍ରତ୍ୟେକ ସହରର ଭାଗ୍ୟଶାଳୀ ବିଭିନ୍ନ ଦମ୍ପତି କନ୍ୟାପିତା ଭାବରେ ଦେବାଧିଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନ କରିଥାନ୍ତି । ନୈସର୍ଗିକ ବିଧିବିଧାନ, ପରମ୍ପରା ଓ ପ୍ରକରଣରେ ନବଦମ୍ପତିଙ୍କର ବିବାହୋତ୍ସବ ଅନୁଷ୍ଠିତ ହୋଇ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଅନ୍ୟ ଜାନିଯୌତୁକ ସାଧ୍ୟମତେ ପ୍ରଦାନ କରାଯାଏ । ବର ନିମନ୍ତ୍ରଣ ଓ କନ୍ୟା ବିଦାୟ ଦୃଶ୍ୟ ମଧ୍ୟ ବେଶ୍ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହୋଇଥାଏ ।

କାଳର ଅପ୍ରତିହିତ ଗତି ସହିତ ସମତାଳରେ ଅନେକ ଭଲ ଓ ମନ୍ଦ ପରମ୍ପରା ଏହି ଯାତ୍ରା ସହିତ ଯୋଡ଼ି ହୋଇଯାଇଛି । ବିବାହୋତ୍ସବରେ ସାଧାରଣତଃ ଆନନ୍ଦ, ଚିତ୍ତବିନୋଦନ ପ୍ରାଧାନ୍ୟ ଲାଭ କରିଥାଏ । ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରାରେ ଏହାର ଆତିଶଯ୍ୟ ସହଜରେ ବାରି ହୋଇପଡେ । ନାଚ, ଗୀତ, ତାମସା ଏହାର ଏକ ସ୍ୱାଭାବିକ ଅଙ୍ଗ । ବିଭିନ୍ନ ଲୋକନୃତ୍ୟ, ଡାଲଖାଇ ନୃତ୍ୟର ସମାବେଶ ଆମ ସାଂସ୍କୃତିକ ଜୀବନଧାରାର ଏକ ସ୍ୱାଭାବିକ ଆଙ୍ଗିକ ସ୍ୱରୂପ । ସ୍ଥାନୀୟ ଏବଂ ବାହାର ପ୍ରଦେଶରୁ ସମାଗତ ବାଈ ଓ ହିଂଜଡାମାନେ ଏହିପର୍ବରେ ନୃତ୍ୟ କରନ୍ତି । ଲୋକମୁଖରୁ ଶୁଣାଯାଏ 'ସେମାନେ ଏହି ଅଭିଶପ୍ତ ହିଂଜଡା ଜନ୍ମରୁ ମୁକ୍ତି ପାଇବା ପାଇଁ ମହାଦେବ ଶିବଙ୍କ ବିବାହୋତ୍ସବରେ ନୃତ୍ୟ କରନ୍ତି' ।

ଜ୍ୱେଷ୍ଠ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ଶିବ ପାର୍ବତୀଙ୍କ ବିବାହ ସମାପିତ ହୋଇଥିବାର ପୌରାଣିକ ମାନ୍ୟତା ରହିଥିବାରୁ ସେହି ଦିନ ଏହି ଦିବ୍ୟ ଦମ୍ପତିଙ୍କ ବିବାହ ଉତ୍ସବ ଆୟୋଜନ କରା ଯାଇଥାଏ । ଶିବ ଓ ଶକ୍ତି ପୂଜା ସହିତ ଭାରତର ବୈଦିକ, ଦ୍ରାବିଡ ଓ ଶବର ପରମ୍ପରାର ସମନ୍ୱୟ ଘଟିଥିବାରୁ ଶୀତଳ ଷଷ୍ଠୀ ଯାତ୍ରାରେ ବହୁ ସଂସ୍କୃତିର ମିଳନ ଦୃଶ୍ୟମାନ ହୁଏ । ମହା ଦୈତ୍ୟ ତାରକାସୁରକୁ ବଧ କରିବାକୁ ଶିବ ଓ ଶକ୍ତିଙ୍କ ଅର୍ଥାତ୍ ପାର୍ବତୀଙ୍କ ବିବାହ ନିତାନ୍ତ ଆବଶ୍ୟକ ବୋଲି ଦେବତା ମାନେ ଜାଣିଥିଲେ । କିନ୍ତୁ ସେତେବେଳେ ଶିବ ନିଜ ପ୍ରଥମ ପତ୍ନୀ ଦକ୍ଷ କନ୍ୟା ସତୀଂକ ବିୟୋଗରେ ଗଭୀର ତପସ୍ୟା ରେ ନିମଗ୍ନ ରହି ଥିଲେ । ମହାଦେବଙ୍କୁ ବିବାହ କରିବାକୁ ମହାଶକ୍ତି ହିମାଳୟ କନ୍ୟା ରୂପେ ଜନ୍ମ ଗ୍ରହଣ କରିଥିଲେ । ପାର୍ବତୀଙ୍କ କଠୋର ତପସ୍ୟା ଥିଲା ଶିବ ଙ୍କୁ ସ୍ୱାମୀ ରୂପେ ପାଇବା ପାଇଁ । ପରିଶେଷ ରେ ପାର୍ବତୀ ଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଶିବ ପାର୍ବତୀଙ୍କୁ ବିବାହ କରିଥିଲେ । ଶୀତଳ ଷଷ୍ଠୀ ଯାତ୍ରାରେ ସାଧାରଣ ବିବାହ ଉତ୍ସବ ପରି ଶିବ ପାର୍ବତୀଙ୍କ ପିତାମାତା, ବରଯାତ୍ରୀ ସବୁ ଭକ୍ତ ମାନେ ନିଜେ ହୋଇ ଥାଳ ଉଠା, ଦେବ ନିମନ୍ତ୍ରଣ, ଗୁଆ ଗୁଣ୍ଡା, ପତରପେଣ୍ଡି, ମଙ୍ଗନ, ଗଣଶନ, ବରଯାତ୍ରା, ହାତଗଣ୍ଠି, କନ୍ୟାଦାନ ଓ ବିଦାୟୀ ପରି ଲୌକିକ ଆଚାର ଦେଖିବାକୁ ମିଳେ । ଲିଂଗରାଜ ମନ୍ଦିର ଓ ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଶୀତଳ ଷଷ୍ଠୀ ଯାତ୍ରା ଆୟୋଜିତ ହୋଇଥାଏ । ଶୀତଳ ଷଷ୍ଠୀ ଯାତ୍ରାର ଶୋଭା ଯାତ୍ରା ତଥା ସୁଦୃଶ୍ୟ ପରଭା ଦେଖିବାକୁ ଲୋକ ଭିଡ ଜମିଥାଏ । ଲୋକ ନୃତ୍ୟ, ଲୋକ କଳା ଓ ବ୍ୟାବସାୟିକ କଳା ର ଅପୂର୍ବ ସମନ୍ୱୟ ଫଳରେ ଏହି ଶୋଭା ଯାତ୍ରା ଅନୁପମ ଦିଶେ । ମୋଟ ଉପରେ କହିବାକୁ ଗଲେ ପୁରାତନ ଓ ନବୀନ ପାରମ୍ପରିକ ପରମ୍ପରାର ମିଶ୍ରଣ ଭାବରେ ଶୀତଳ ଷଷ୍ଠୀ ଯାତ୍ରାକୁ ଏକ ସାଂସ୍କୃତିକ ମହା ସମାରୋହ ଉତ୍ସବ ଭାବରେ ଆମ ଉତ୍କଳୀୟ ପରମ୍ପରା ର ଏକ ଅଂଶବିଶେଷ । ଏହିପରି ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଆମ ସମସ୍ତଙ୍କ ପରମ କର୍ତ୍ତବ୍ୟ ।

ଅରଙ୍ଗାବାଦ, ବରୀ, ଯାଜପୁର

ମୋବାଇଲ :- ୯୯୩୮୯୦୬୦୭୦

# 'ଯେ ସତପାତ୍ରେ ଦ୍ୟନ୍ତି ଦାନ, ସେ ସର୍ବ ସାତ୍ତ୍ୱିକ ଜୀବନ'

କିଶୋର କୁମାର ଜେନା

ଅନ୍ୟ ମାନଙ୍କ ପ୍ରତି ସଦୟ ଭାବ ପୋଷଣ କରିବା ତଥା ଅନ୍ୟମାନଙ୍କର ଉପକାର କରିବା ମନୋଭାବକୁ ଦାନଶୀଳତା ବୋଲାଯାଏ, ଦାନ ହିଁ ବିଶ୍ୱପ୍ରେମ । ଦରିଦ୍ର ମାନଙ୍କ ପ୍ରତି ଉଦାରତାର ଅନ୍ୟ ନାମ ଦାନ । ଦାନ ବଦାନ୍ୟତାକୁ ବୁଝାଏ । ଅଭାବଗ୍ରସ୍ତଙ୍କୁ ସାହାଯ୍ୟ କରିବା ଲାଗି ଯାହା ଯାହା ଦିଆଯାଏ, ତାହା ଦାନ । ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟସମ୍ଭାଷଣରେ ଆମ୍ଭ ମାନଙ୍କୁ ମାର୍ଗ ଦର୍ଶନ କରି କହିଛନ୍ତି 'ବ୍ୟାପକ ଅର୍ଥରେ ଦାନ ପ୍ରେମ, ବଦାନ୍ୟତା ଓ ସଦଭାବନାକୁ ବୁଝାଏ । ବ୍ରହ୍ମଦର୍ଶୀ ମାନଙ୍କ ଦୃଷ୍ଟିରୁ ମାନବ ସମାଜପ୍ରତି ସାର୍ବଜନୀନ ସଦଭାବନା ଓ ପରମାତ୍ମାଙ୍କ ପ୍ରତି ବିଶୁଦ୍ଧତମ ଭକ୍ତିକୁ ଦାନ ବୋଲାଯାଏ ।'

ବ୍ୟକ୍ତି କଷ୍ଟ କରି ଅର୍ଜନ କରିଥିବା ଧନର ୧୦ଭାଗ ଈଶ୍ୱରଙ୍କ ନିକଟରେ ଲଗାଇବା ଦରକାର । ଯେଉଁ ବ୍ୟକ୍ତି ନିଜର ସ୍ତ୍ରୀ, ପୁତ୍ର ଏବଂ ପରିବାରକୁ ଦୁଃଖରେ ରଖି ଦାନ କରେ, ସିଏ ଜୀବିତ ଥିବା ସମୟରେ ଓ ମୃତ୍ୟୁ ପରେ ବି ଦୁଃଖ ପାଏ । ସ୍ୱୟଂ ଯାଇ ଦେଇଥିବା ଦାନର ଉତ୍ତମ ଫଳ ଏବଂ ଘରକୁ ଡାକୁ ଦିଆଯାଇଥିବା ଦାନର ମଧ୍ୟମ ଫଳପ୍ରଦ ହୋଇଥାଏ । ଗୋ, ବ୍ରାହ୍ମଣ ତଥା ରୋଗୀଙ୍କୁ ଯେତେବେଳେ କିଛି ଦିଆଯାଇଥାଏ ସେହି ସମୟରେ ଯେଉଁ ବ୍ୟକ୍ତି ନ ଦେବାର ପରାମର୍ଶ ଦେଇଥାଏ ସେ ଦୁଃଖ ଭୋଗିଥାଏ । ତେଲ, ଘାସ, ଜଳ ଓ ଚାଉଳକୁ ହାତରେ ନେଇ ଦାନ ଦେବା ଆବଶ୍ୟକ ଅନ୍ୟଥା ସେହି ଦାନ ଉପରେ ଦୈତ୍ୟ ଅଧିକାର କରି ନେଇଥାଏ । ଦେବତାଙ୍କୁ ଚାଉଳ ସହିତ ଅନ୍ୟ କିଛି ଦାନ କରନ୍ତୁ । ଦାନ କରୁଥିବା ବ୍ୟକ୍ତି ପୂର୍ବାଭିମୁଖୀ ହୋଇ ଦାନ କରିବା ଉଚିତ ଓ ଏହା ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ତରାଭିମୁଖୀ ହୋଇ ଗ୍ରହଣ କରିବେ । ଏହା କରିବା ଦ୍ୱାରା ଦାନ ଦେଉଥିବା ବ୍ୟକ୍ତିର ଆୟୁଷ ବଢ଼ିଥାଏ ଓ ନେଉଥିବା ବ୍ୟକ୍ତିଙ୍କର ମଧ୍ୟ ଆୟୁ କମ୍ ହୋଇନଥାଏ । ଅନ୍ନ, ଜଳ, ଘୋଡ଼ା, ଗାଈ, ବସ୍ତ୍ର, ଶଯ୍ୟା, ଛତା ଓ ଆସନ ଏହି ୮ଟି ବସ୍ତୁକୁ ଦାନ କରିବା ଦ୍ୱାରା ପରବର୍ତ୍ତୀ କାଳରେ ମୃତ୍ୟୁ କଷ୍ଟକୁ ଦୂର କରିଥାଏ । ଗାଈ, ଘର, ବସ୍ତ୍ର, ଶଯ୍ୟା ଓ କନ୍ୟା ଏସବୁର ଦାନ କେବଳ ଜଣେ ବ୍ୟକ୍ତିଙ୍କୁ କରିବା ଦରକାର । ରୋଗୀର ସେବା କରିବା, ଦେବତା ପୂଜା, ବ୍ରାହ୍ମଣଙ୍କ ପାଦ ଧୋଇବା ଗୋଦାନ ପରି ଅଟେ । ଦରିଦ୍ର, ଗରିବ, ଅନାଥ, ଶାରୀରିକ ଅକ୍ଷମ ତଥା ରୋଗୀଙ୍କର ସେବା ସହ ଯେଉଁ ଧନ ଦାନ କରାଯାଇଥାଏ ଏଥିରୁ ମହାପୂର୍ଣ୍ଣ ଅର୍ଜନ ହୋଇଥାଏ । ଅଜ୍ଞାନ ବ୍ରାହ୍ମଣଙ୍କ ପାଖରୁ ଦାନ ନେବା ଅନୁଚିତ, ଏହାଦ୍ୱାରା ବ୍ରାହ୍ମଣଙ୍କ କ୍ଷତି ହୋଇଥାଏ । ଗାଈ, ସୁନା, ରୂପା, ରତ୍ନ, ହାତୀ, ଘୋଡ଼ା, ଶଯ୍ୟା, ବସ୍ତ୍ର, ଭୂମି, ଅନ୍ନ, କ୍ଷୀର, ଛତା ଓ ଆବଶ୍ୟକ ସାମଗ୍ରୀ ସହିତ ଏହିସବୁ ବସ୍ତୁକୁ ମହାଦାନ କୁହାଯାଏ ।

'ଆଗେ ଘର, ପଛେ ପର ।' ଦାନ ପ୍ରଥମେ ଘରେ ଆରମ୍ଭ ହୁଏ । କିନ୍ତୁ ଏହା ଦୂରକୁ ପ୍ରସାରିତ ହେବା ଉଚିତ । ସମଗ୍ର ଜଗତଟା ତ ଆପଣଙ୍କର ଘର, ଆପଣ ଏହି ବିଶ୍ୱର ଜଣେ ନାଗରିକ । ତେଣୁ ଜଗତର ପ୍ରତ୍ୟେକର ଉପକାର କରିବା ପାଇଁ ବଦାନ୍ୟ ମନୋଭାବ ପୋଷଣ କରନ୍ତୁ । କେବଳ ବଦାନ୍ୟହୃଦୟ ହୋଇ ବହୁ ଲୋକ ଶକ୍ତି, ସାମର୍ଥ୍ୟ, ଜନପ୍ରିୟତା ତଥା ସୁଖଶାନ୍ତି ଲାଭ କରିଛନ୍ତି, କିନ୍ତୁ କୃପଣ ଲୋକ ପକ୍ଷରେ ଏସବୁ ଲାଭ କରିବା କିମ୍ବା ଜୀବନରେ ସାଫଲ୍ୟ ଲାଭ କରିବା ସ୍ୱପ୍ନରେ ବି ସମ୍ଭବ ନୁହେଁ । ହେ ବନ୍ଧୁ, ପ୍ରଚୁର ପରିମାଣରେ ଦାନ କରନ୍ତୁ । ଦାନ କଲେ ଇହକାଳରେ ପ୍ରାଚୁର୍ଯ୍ୟ, ଶାନ୍ତି ଓ ସମୃଦ୍ଧି ଉପଭୋଗ କରିବେ ଏବଂ ପରକାଳରେ ସ୍ୱର୍ଗବାସ କରିବେ । ଦାନବଳରେ ଆପଣ ପବିତ୍ରହୃଦୟ ହୋଇ ମୋକ୍ଷ ଲାଭ କରିବେ । ଦାନ ପ୍ରସଙ୍ଗରେ ମନେ ପଡୁଛି ଭାଗବତର ସେହି ପବିତ୍ର ଧାଡ଼ି - 'ଧନ ସଞ୍ଚଇ ରାତ୍ର ଦିନ, ନକରେ ସୁଖ ଭୋଗ ଦାନ । ନିରତେକରଇ ସଞ୍ଚୟ, ପାପୀ କୃପଣ ଦୁରାଶୟ । ତାହାର ଧନ ହରେ ଆନେ, ମଧୁ ସଞ୍ଚଇ ମାଛି ଯେହ୍ନେ । ନଦେଖଇ ନଖାଇ ସଞ୍ଚଇ, ତାହାର ମୁଖେ ଅଗ୍ନି ଦେଇ । ମଧୁ ଭକ୍ଷଇ ନେଇ ଆନ, ତେଣୁ ସେ ଗୁରୁ ମା ରାଜନ । ଯେ ସତପାତ୍ରେ ଦ୍ୟନ୍ତି ଦାନ, ସେ ସର୍ବ ସାତ୍ତ୍ୱିକ ଜୀବନ ।'

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭

# ବୈଚିତ୍ରା





## ଏହି ସବୁ ଲକ୍ଷଣ ଥିଲେ କରାନ୍ତୁ କରୋନା ପରୀକ୍ଷା

ଭାରତରେ ପୁଣି ଥରେ କରୋନା ଭାଇରସ୍ ମାମଲା ବୃଦ୍ଧି ପାଉଛି । ଯାହା ଫଳରେ ରାଜ୍ୟଗୁଡ଼ିକ କୋଭିଡ୍ ପରୀକ୍ଷା ବୃଦ୍ଧି ଏବଂ ହସ୍ପିଟାଲ ବେଡ୍ ପ୍ରସ୍ତୁତି ଭଳି ପ୍ରତିରୋଧକ ପଦକ୍ଷେପ ନିଆଯାଉଛି । ଏବେ ଜାଣିବାକୁ ମିଳିଛି ଯେ ପ୍ରାଥମିକ ସ୍ତରରେ ଆକ୍ରାନ୍ତମାନେ ଜ୍ୱର ଓ ଡାଇରିଆରେ ପଡୁଛନ୍ତି । ସେହିକାରଣରୁ ଏଭଳି ଲକ୍ଷଣ ଦିଶିଲେ ତୁରନ୍ତ କରୋନା ପରୀକ୍ଷା କରାଇବା ଉଚିତ । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍ ପୂର୍ବରୁ କହିଥିଲା ଯେ ଦେଶରେ ବର୍ତ୍ତମାନ ପ୍ରସାରିତ ହେଉଥିବା ଭାରିଆଣ୍ଟଗୁଡ଼ିକ ମୃଦୁ ଲକ୍ଷଣ ସହିତ ଜଡିତ । ଚିହ୍ନଟ ହୋଇଥିବା ଓମିକ୍ରୋନ୍ ସବଭେରିଏଣ୍ଟ୍ ମଧ୍ୟରେ LF.7, XFG, JN.1, ଏବଂ NB.1.8.1 ଅନ୍ତର୍ଭୁକ୍ତ । ଜ୍ୱର ବ୍ୟତୀତ ଗଳା ଯନ୍ତ୍ରଣା, କାଶ, ଥଣ୍ଡା, ମୁଣ୍ଡବିନ୍ଧା, ଶରୀର ଯନ୍ତ୍ରଣା ଏବଂ ଥକ୍କାପଣ ଆଦି ମଧ୍ୟ କୋଭିଡ୍-୧୯ର ଲକ୍ଷଣ ହୋଇପାରେ । ତେବେ ସ୍ୱାଦ ଏବଂ ଗନ୍ଧ ହ୍ରାସ ହେଉଛି କୋଭିଡର ଏକ ସ୍ପଷ୍ଟ ଲକ୍ଷଣ । ଏକ ରିପୋର୍ଟ ଅନୁଯାୟୀ, ହସ୍ପିଟାଲଗୁଡ଼ିକରେ ଦେଖାଯାଉଥିବା କୋଭିଡ୍ ଲକ୍ଷଣଗୁଡ଼ିକ ମଧ୍ୟରେ ସାମାନ୍ୟ ଜ୍ୱର, ଶୁଖିଲା କିମ୍ବା ଛିଣ୍ଡା କାଶ, କର୍କଶ ସ୍ୱର, ନାକ ବନ୍ଦ କିମ୍ବା ହାଲୁକା ନାକ ପାଣି ପ୍ରବାହିତ ହେଉଛି । ଏହା ସହିତ, ଥକ୍କାପଣ ଏବଂ ମାଂସପେଶୀ ଯନ୍ତ୍ରଣା, ମୁଣ୍ଡବିନ୍ଧା ଆଦି ଲକ୍ଷଣ ମଧ୍ୟ ରହିଛି ।

# ପୁଣି ମୁଣ୍ଡ ଟେକିଲା କରୋନା

ପଞ୍ଜିକୃତ କରିଛି । କାରଣ ରାଜ୍ୟ ଅଧିକ ପରୀକ୍ଷା କରୁଛି ।

### ରାଜ୍ୟରେ ମଧ୍ୟ ବୃଦ୍ଧି ପାଉଛି

ରାଜ୍ୟରେ ପୁଣି ଚିନ୍ତା ବଢ଼ାଇଲାଣି କରୋନା ସଂକ୍ରମଣ । କରୋନାକୁ ଭୟକୁ ସମସ୍ତେ ଧୀରେଧୀରେ ଭୁଲିବାକୁ ଲାଗିଥିବା ବେଳେ ପୁଣି ଡରାଇଲାଣି କରୋନା ସଂକ୍ରମଣ । ଦେଶରେ କରୋନା ସଂକ୍ରମଣ ବଢୁଥିବା ବେଳେ, ରାଜ୍ୟରେ ବି କରୋନା ସଂକ୍ରମଣଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ରିପୋର୍ଟରୁ ଜଣାପଡିଛି ।

ରାଜ୍ୟରେ କୋଭିଡ୍ ସଂକ୍ରମଣ ସଂଖ୍ୟା ୮କୁ ବୃଦ୍ଧି ପାଇଛି । ପୂର୍ବରୁ ରାଜ୍ୟରେ ୫ଟି କରୋନା ମାମଲା ଚିହ୍ନଟ ହୋଇଥିବା ବେଳେ ଆଜି ଆଉ ୨ଟି ମାମଲାକୁ ସ୍ପଷ୍ଟ କରିଛି ସ୍ୱାସ୍ଥ୍ୟ ବିଭାଗ ।

ସ୍ୱାସ୍ଥ୍ୟର ଯତ୍ନ ନେବା ପ୍ରତି ସଚେତନ ରୁହନ୍ତୁ ଓ ସତର୍କ ରୁହନ୍ତୁ ।

ଦେଶରେ କରୋନା ଆତଙ୍କ ଦେଖାଦେଇଛି । ଦ୍ରୁତ ଗତିରେ ବଢୁଛି ସଂକ୍ରମଣ ମାମଲା । ଗତ ସପ୍ତାହେ ହେବ ଦେଶରେ ୨ ହଜାରରୁ ଅଧିକ ଆକ୍ଟିଭ କେସ୍ ରହିଛି । ଏହାରି ଭିତରେ ଦିଲ୍ଲୀରେ ପ୍ରଥମ କରୋଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି । ପ୍ରଥମ ମୁଣ୍ଡ ନେଇଛି କରୋନାର ନୂଆ ଭାରିଏଣ୍ଟ । ଜଣେ ୬୦ ବର୍ଷୀୟ ମହିଳାଙ୍କର କରୋନାରେ ମୃତ୍ୟୁ ହୋଇଛି ।

ଦିଲ୍ଲୀ-ନୋଏଡ଼ା ଓ ଗାଜିଆବାଦରେ ବି କରୋନା ଦ୍ରୁତ ଗତିରେ ମାଡୁଛି । ଦିଲ୍ଲୀରେ ଗୋଟିଏ ଦିନରେ ୫୬ ନୂଆ ମାମଲା ଚିହ୍ନଟ ହୋଇଛି । ବର୍ତ୍ତମାନ ଦିଲ୍ଲୀରେ ସକ୍ରିୟ ମାମଲା ୨୦୦

୨୦୧୯ରେ ସମଗ୍ର ବିଶ୍ୱକୁ ଥରାଇ ଦେଇଥିଲା କରୋନା ଭାଇରସ୍ । ସାରା ବିଶ୍ୱରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଥିଲା । ଲକଡାଉନ୍, ସଟଡାଉନ୍, କ୍ୱାରେଣ୍ଟାଇନ୍ ଭଳି ଶବ୍ଦ ଯାହା ଆମେ କେବେ ଜାଣିନଥିଲୁ ତାହା ଆମ ପାଇଁ ନିତିଦିନିଆ ହୋଇଯାଇଥିଲା । ୨ ବର୍ଷ ଧରି ଏହି ରୋଗ ସମସ୍ତଙ୍କୁ ନାକରେ ପାଣି ପିଆଇଥିଲା । ଆଉ ଏବେ ପୁଣି ଦୁଇ ବର୍ଷ ପରେ ଏହି ଭାଇରସ୍ ? କିଛି ସ୍ଥାନକୁ ଫେରି ଆସିଛି । ଏହାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠୁଛି କ'ଣ ଭାଇରସ୍‌ର କେବେ ମୃତ୍ୟୁ ହୁଏ ନାହିଁ ? ଅଚାନକ ୨ ବର୍ଷ ପରେ କାହିଁକି ଫେରିଲା କରୋନା ?


### ଭାଇରସ୍ ମରେ ନା ମରେନି ?

ଭାଇରସ୍ ଏକ ଜୀବିତ ପ୍ରାଣୀ ନୁହେଁ କିନ୍ତୁ ସେ ମଣିଷ, ପ୍ରାଣୀ କିମ୍ବା ଉଦ୍ଭିଦର କୋଷ ଭିତରେ ରହି ସେମାନଙ୍କର ସଂଖ୍ୟା ବୃଦ୍ଧି କରନ୍ତି । ଜୀବିତ ରହିବାକୁ ଯଦି ଭାଇରସ୍‌କୁ କୌଣସି ବାହକ ବା (ହୋଷ୍ଟ) ନ ମିଳେ ତେବେ ସେ ନିଷ୍କ୍ରିୟ ହୋଇଯାଏ ବା ମରିଯାଏ । କିନ୍ତୁ କିଛି ଭାଇରସ୍ ଯେପରିକି କରୋନା, ଆମ ପରିବେଶ ମଧ୍ୟରେ କିଛି ସମୟ ପାଇଁ ଜୀବିତ ରହିପାରେ ଏହା ସହ ଯଦି କୌଣସି ମଣିଷ ଶରୀରରେ ବ୍ୟାପେ ତେବେ ସହଜରେ ମରିନଥାଏ ।


### କାହିଁକି ପୁଣି ଫେରିଲା କରୋନା ?

ବିଗତ କିଛି ଦିନ ଧରି ହଂକଂ, ସିଙ୍ଗାପୁର ଏବଂ ଭାରତ ଭଳି ଦେଶରେ କୋଭିଡ୍ ମାମଲା

> ବିଗତ କିଛି ଦିନ ଧରି ହଂକଂ, ସିଙ୍ଗାପୁର ଏବଂ ଭାରତ ଭଳି ଦେଶରେ କୋଭିଡ୍ ମାମଲା ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି । ଯେତେବେଳେ ଏହା କମିବାକୁ ଲାଗୁଛି ଲୋକମାନେ ମାସ୍କ, ସାନିଟାଇଜର୍ ଏବଂ ଅନ୍ୟାନ୍ୟ ନିୟମଗୁଡ଼ିକ ଭୁଲିଯାଉଛନ୍ତି । ଯାହା ଦ୍ୱାରା ଭାଇରସ୍ ପୁଣି ଥରେ ବ୍ୟାପିବାରେ ଲାଗୁଛି । ଦିଲ୍ଲୀ, ମୁମ୍ବାଇ ଭଳି ସହରରେ ତୀବ୍ର ଗତିରେ ବ୍ୟାପୁଛି ଏହି ଭାଇରସ୍ । ଥଣ୍ଡା ପାଗ କିମ୍ବା ବର୍ଷା.. ଭାଇରସ ବ୍ୟାପିବାରେ ସହାୟକ ହୁଏ । ଏହା ସହିତ ଲୋକମାନେ ଯେତେବେଳେ ଛୁଟିଦିନରେ ଅଧିକ ଯାତ୍ରା କରନ୍ତି ଭାଇରସ୍ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିଥାଏ ।



ପୁଣି ଥରେ ବୃଦ୍ଧି ପାଇବାରେ ଲାଗିଛି । ଯେତେବେଳେ ଏହା କମିବାକୁ ଲାଗୁଛି ଲୋକମାନେ ମାସ୍କ, ସାନିଟାଇଜର୍ ଏବଂ ଅନ୍ୟାନ୍ୟ ନିୟମଗୁଡ଼ିକ ଭୁଲିଯାଉଛନ୍ତି । ଯାହା ଦ୍ୱାରା ଭାଇରସ୍ ପୁଣି ଥରେ ବ୍ୟାପିବାରେ ଲାଗୁଛି । ଦିଲ୍ଲୀ, ମୁମ୍ବାଇ ଭଳି ସହରରେ ତୀବ୍ର ଗତିରେ ବ୍ୟାପୁଛି ଏହି ଭାଇରସ୍ । ଥଣ୍ଡା ପାଗ କିମ୍ବା ବର୍ଷା.. ଭାଇରସ ବ୍ୟାପିବାରେ ସହାୟକ ହୁଏ । ଏହା ସହିତ ଲୋକମାନେ ଯେତେବେଳେ ଛୁଟିଦିନରେ ଅଧିକ ଯାତ୍ରା କରନ୍ତି ଭାଇରସ୍ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିଥାଏ ।



କରୋନା ଭାଇରସ୍ ସମୟ ସହିତ ବଦଳିଥାଏ । ଏହା ମ୍ୟୁଟେସନ୍ ମାଧ୍ୟମରେ ନୂଆ ରୂପ ସୃଷ୍ଟି କରେ । ଏପରିକି NB.1.8.1 ଏବଂ LF.7 ପୁରୁଣା ଭ୍ୟାକ୍‌ସିନ୍‌ର ପ୍ରଭାବକୁ ମଧ୍ୟ ହ୍ରାସ କରିପାରେ । ଭ୍ୟାକ୍ସିନ୍ କିମ୍ବା ପୂର୍ବରୁ ହୋଇଥିବା ସଂକ୍ରମଣ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ସମୟ ସହିତ ଦୁର୍ବଳ ହୋଇପାରେ । ବିଶେଷକରି ବୟସ୍କମାନେ, ଯେଉଁମାନେ ବୁଷ୍ଟର ଡୋଜ୍ ନେଇନାହାନ୍ତି, ସେମାନେ ଭାଇରସ୍ ସହିତ ଲଢ଼ିବା ପାଇଁ ସକ୍ଷମ ନୁହନ୍ତି । ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ । ସିଙ୍ଗାପୁରର ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ ବୁଷ୍ଟର ଡୋଜ୍ ନେଇଥିବା ଲୋକଙ୍କ ସଂଖ୍ୟା କମ୍ ହୋଇଥିବାରୁ ଏହି ମାମଲା ବୃଦ୍ଧି ପାଉଛି ।

ଚଳିତ ବର୍ଷ ବ୍ୟାପୁଥିବା ନୂଆ ଭ୍ୟାରିଆଣ୍ଟ ମୁଖ୍ୟତଃ ଜ୍ୱର, କାଶ କିମ୍ବା ଥଣ୍ଡା ଭଳି ହାଲୁକା ଲକ୍ଷଣ ଦେଖାଉଛି । ଭାରତରେ ଚିହ୍ନଟ ହୋଇଥିବା ନୂଆ କୋଭିଡ୍ ଆକ୍ରାନ୍ତଙ୍କ ମଧ୍ୟରେ ଅସୁସ୍ଥତାର ଲକ୍ଷଣ କମ୍ ଅଛି । ଅଧିକାଂଶ ରୋଗୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ନାହିଁ । ତଥାପି ଏହା ସ୍ଲୋ ପଏଜନ୍ ପରି ଶରୀରରେ ରହି ରହି

ଜୀବନ ମଧ୍ୟ ନେଇଯାଉଛି । ସେଥିପାଇଁ ସତର୍କ ରହିବା ନିହାତି ଆବଶ୍ୟକ ।

ଦେଶରେ କରୋନା ତା'ର କାୟା ବିସ୍ତାର କରିବା ଆରମ୍ଭ କରିଦେଲାଣି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ ମେ ୨୫ ତାରିଖରେ ଶେଷ ହୋଇଥିବା ସପ୍ତାହରେ ସଂକ୍ରମଣ ପାଞ୍ଚ ଗୁଣ ବୃଦ୍ଧି ପାଇଛି ଏବଂ ୧୦୦୦ ଅତିକ୍ରମ କରିଛି ।


ତଥ୍ୟ ଅନୁଯାୟୀ, କେରଳରେ ୧,୧୪୭ ମାମଲା ରେକର୍ଡ ହୋଇଛି, ତା'ପରେ ମହାରାଷ୍ଟ୍ର ୪୨୪, ଦିଲ୍ଲୀ ୨୯୪ ଏବଂ ଗୁଜରାଟ ୨୨୩ ମାମଲା ରହିଛି । କର୍ଣ୍ଣାଟକ ଏବଂ ତାମିଲନାଡୁରେ ପ୍ରତ୍ୟେକ ୧୪୮ ମାମଲା ରେକର୍ଡ ହୋଇଛି, ଯେତେବେଳେ ପଶ୍ଚିମବଙ୍ଗରେ ୧୧୬ ମାମଲା ରେକର୍ଡ ହୋଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୭ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି, ଯାହା ଫଳରେ ଚଳିତ ବର୍ଷର ପ୍ରଥମ ପାଞ୍ଚ ମାସରେ ମୃତ୍ୟୁ ସଂଖ୍ୟା ୨୨ରେ ପହଞ୍ଚିଛି । ଗତ ୨୪ ଘଣ୍ଟା ମଧ୍ୟରେ, ମହାରାଷ୍ଟ୍ରରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦିଲ୍ଲୀ, ଗୁଜରାଟ, କର୍ଣ୍ଣାଟକ, ପଞ୍ଜାବ ଏବଂ ତାମିଲନାଡୁରେ ଗୋଟିଏ ଲେଖାଏ ମୃତ୍ୟୁ ମାମଲା ରେକର୍ଡ ହୋଇଛି ।

ତଥାପି ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି । କେରଳ ସର୍ବାଧିକ ସଂଖ୍ୟକ ମାମଲା

ସେହିପରି ଆଣ୍ଟିଜେନ ପରୀକ୍ଷା ଜରିଆରେ ଆଜି କୋଭିଡ୍ ଚିହ୍ନଟ ହୋଇଥିବା ଅନ୍ୟ ଜଣେ ରୋଗୀଙ୍କ ନମୁନା ଜଞ୍ଚଡଜ ଟେଷ୍ଟ ପାଇଁ ଦିଆଯାଇଛି । ରିପୋର୍ଟ ଆସିବା ପରେ ଏହି ମାମଲାକୁ ସ୍ପଷ୍ଟ କରାଯାଇପାରିବ ।

ତେବେ ପୂର୍ବରୁ ଚିହ୍ନଟ ହୋଇଥିବା ରୋଗୀ ସୁସ୍ଥ ଅଛନ୍ତି ।



ଏବେ କୋଭିଡ୍ ପରିଚାଳନା ଲାଗି କେନ୍ଦ୍ର ସରକାରଙ୍କ ଠାରୁ ନିର୍ଦ୍ଦେଶ ଆସିଛି । ସେହି ହିସାବରେ କୋଭିଡ୍ର ପରିଚାଳନା କରାଯାଉଛି । ତେବେ ଏହି ଭରିଆଣ୍ଟ ଅଧିକ କ୍ଷତିକାରକ ହେଉନଥିବାରୁ ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ । ଲୋକମାନେ ନିଜ

ରହିଛି । ଦେଶରେ କରୋନାଜନିତ ମୃତ୍ୟୁ ୭ରେ ପହଞ୍ଚିଛି । ମୃତକଙ୍କ ମଧ୍ୟରେ ମହାରାଷ୍ଟ୍ରରୁ ୨ଜଣ ରହିଥିବାବେଳେ ଦିଲ୍ଲୀ, ଗୁଜରାଟ, ପଞ୍ଜାବ, କର୍ଣ୍ଣାଟକ ଓ ତାମିଲନାଡୁରେ ଜଣେ ଲେଖାଏଁ ଆଖି ବୁଜିଛନ୍ତି ।

ଦିଲ୍ଲୀରେ କରୋନାରେ ଆଖି ବୁଜିଥିବା ମହିଳାଙ୍କ ପେଟରେ ଅସହ୍ୟ ଯନ୍ତ୍ରଣା ହୋଇଥିଲା । ଏହାପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚେକ୍‌ଅପ ପରେ ତାଙ୍କୁ ଆକ୍ୟୁଟ ଇନଷ୍ଟାଇନ୍ ଅବଷ୍ଟ୍ରକସନ୍ ହୋଇଥିବା ଜଣାପଡିଥିଲା । ଏହାପରେ ସର୍ଜରୀ ହୋଇଥିଲା । ରୁଟିନ୍ ଚେକଅପ୍‌ରେ ସେ କରୋନା ସଂକ୍ରମିତ ହୋଇଥିବା ଜଣାପଡିଥିଲା ।

ଦେଶରେ କରୋନା ସ୍ଥିତି- କୋଭିଡ଼-୧୯ର ନୂଆ ଭାରିଏଣ୍ଟ ଏଲଏଫ-୭ ଓ ଏନବି.୧୮.୧ ପୁଣି ଆତଙ୍କ ଖେଳାଇଛି । ବର୍ତ୍ତମାନ ଦେଶରେ ମୋଟ୍ ସକ୍ରିୟ ମାମଲା ୨୭୧୦ ରହିଛି । ଗତ ୨୪ ଘଣ୍ଟାରେ ୫୧୧ ନୂଆ ମାମଲା ଚିହ୍ନଟ ହୋଇଛନ୍ତି । ୨୫୫ଜଣ ସୁସ୍ଥ ହୋଇଛନ୍ତି । ୭ ଜଣଙ୍କର ମୃତ୍ୟୁ ହୋଇଛି । କେରଳରେ ସର୍ବାଧିକ ୧,୧୪୭ ମାମଲା ରହିଛି । ଏହାପରେ ୪୨୪ ମାମଲା ସହ ଦ୍ୱିତୀୟ ରହିଛି ମହାରାଷ୍ଟ୍ର । ଦିଲ୍ଲୀରେ ୨୯୪, ଗୁଜରାଟରେ ୨୨୩, କର୍ଣ୍ଣାଟକ ଓ ତାମିଲନାଡୁରେ ୧୪୮ ଲେଖାଏଁ ସଂକ୍ରମଣ କେସ୍ ରହିଛି । ପଶ୍ଚିମବଙ୍ଗରେ ୧୧୬ ସଂକ୍ରମିତ ରହିଛନ୍ତି । ଅଧିକାଂଶ ମାମଲା ମାଇଲ୍ଡ ରହିଛି । ଚିନ୍ତିତ ନହୋଇ ସତର୍କ ରହିବାକୁ କହିଥିଲେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । କରୋନାର ନୂଆ ଭାରିଏଣ୍ଟ ଏକ ମାରାତ୍ମକ ନୁହେଁ ବୋଲି କହିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।

# ସାହିତ୍ୟ





# ଉପେକ୍ଷିତ ସମୟ

( ୧ )

ସରୋଜ ମୋର ସହକର୍ମୀ। ପ୍ରାୟ ଗୋଟିଏ ମାସ ଛୁଟିରେ ରହିବା ପରେ ଆଜି ଅଫିସରେ ଯୋଗ ଦେଲା।ତା ସାନଭାଇ ଦୁର୍ଘଟଣାଗ୍ରସ୍ତ ହେବାର ଖବର ମୁଁ ଆଗରୁ ପାଇଥିଲି ଏବଂ ସେଥିପାଇଁ ସେ ଛୁଟି ନେଇଥିଲା ବୋଲି ମଧ୍ୟ ମୁଁ ଜାଣିଥିଲି।

ଅବସର ସମୟରେ ତା ସାନଭାଇ ବିଷୟରେ ପଚାରୁ ପଚାରୁ ସରୋଜ ଯେମିତି କୋହରେ ଫାଟି ପଡିଥିଲା। ସତକୁ ସତ କିଛି କ୍ଷଣ ମଧ୍ୟରେ ତା ଆଖିରୁ ଲୁହ କେଇ ବୁନ୍ଦା ଝରି ପଡ଼ିଲା।

ତାକୁ ତା'ର ଦୁଃଖରୁ ବାହାର କରିବାକୁ ପ୍ରବୋଧନା ଦେବା ଛଡା ମୋ ପାଖରେ କିଛି ଉପାୟ ନଥିଲା । ଯାହାହେଉ ସେ ପ୍ରକୃତିସ୍ଥ ହେଲା ଏବଂ ସେଇ ଦୁର୍ଘଟଣା ଦିନର କଥା କହିଲା।

ଘଟଣା ଥିଲା ଏହିପରି।

କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଗୋଟିଏ ଚାକିରି ପାଇଁ ପ୍ରତିଯୋଗିତା ମୂଳକ ପରୀକ୍ଷା ଦେବାକୁ ସରୋଜର ଭାଇ ବଲାଙ୍ଗୀରରୁ ଭୁବନେଶ୍ୱର ଆସିଥିଲା। ତା'ର କେତେଜଣ ସାଙ୍ଗ ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ଭୁବନେଶ୍ୱରରେ ରହି କୋଚିଂ ନେଉଥିଲେ ତ ପରୀକ୍ଷା ପରେ ସେମାନଙ୍କ ସହିତ କିଛି ସମୟ ବୁଲାବୁଲି କଲା ସେ।

ଠିକ୍ ଟ୍ରେନ ଛାଡିବା ସମୟକୁ ସେ ପହଞ୍ଚିଲା ଭୁବନେଶ୍ୱର ରେଲୱେ ଷ୍ଟେସନରେ। ଏତିକି ବେଳକୁ ସେ ଶୁଣିଲା ତା'ର ଟ୍ରେନ ଚାରି ନମ୍ବର ପ୍ଲାଟଫର୍ମ ରୁ ଛାଡ଼ିବାର ଘୋଷଣା। ଚାରି ନମ୍ବର ପ୍ଲାଟଫର୍ମ ରେ ପହଞ୍ଚିଲା ବେଳକୁ ଟ୍ରେନ୍ ଆଉ ଧରି ପାରିବନି ବୋଲି ସେ ନିଶ୍ଚିତ ହୋଇଗଲା।

ଫ୍ଲାଇଓଭର ରେ ନଯାଇ ସେ ରେଲୱେ ଟ୍ରାକ ପାର କରି ଯିବାକୁ ଚେଷ୍ଟା କଲା। କୌଣସି ମତେ ଚାରି ନମ୍ବର ପ୍ଲାଟଫର୍ମ ରେ ପହଞ୍ଚିଗଲା ସେ। ହେଲେ ଟ୍ରେନଟି ସେତେବେଳକୁ ଗତିଶୀଳ ହୋଇ ସାରିଥିଲା। ଆଉ କିଛି ଉପାୟ ନପାଇ ଗୋଟିଏ ବଗିର ଝର୍କା ରେଲିଂକୁ ଧରି ପାହାଚରେ କୌଣସି ମତେ ପାଦ ରଖିଲା। ହେଲେ ପର ମୁହୂର୍ତରେ ପାଦ ତା'ର ସ୍ଲିପ କରିଗଲା।

ଖସି ପଡିଲା ସେ ତଳକୁ।ଟ୍ରାକ ରେ କେଇ ମିଟର ପର୍ଯ୍ୟନ୍ତ ଘୋଷାରି ହୋଇଗଲା ବିଚରା। ଅବସ୍ଥା ଶୋଚନୀୟ ଥିଲା।ଆମ୍ବୁଲାନ୍ସ ରେ ନେଇ ସଙ୍ଗେ ସଙ୍ଗେ ଯଦିଓ ତା'ର ଚିକିତ୍ସା ଆରମ୍ଭ ହୋଇଥଲା , ପ୍ରାୟ ଛଅ ଦିନ ପରେ ସେ ସଂଜ୍ଞାହୀନ ଅବସ୍ଥାରୁ ମୁକୁଳିଲା।

ଦୁର୍ଭାଗ୍ୟ ତା'ର ପିଛା ଛାଡି ନଥିଲା। ତା'ର ଡାହାଣ ପଟ ଗୋଡ ଆଣ୍ଠୁ ତଳକୁ କାଟି ନଦେଲେ ପରିସ୍ଥିତି ଆଗକୁ ଖରାପ ହେଇପାରେ ବୋଲି ଚେତାବନୀ ଦେଲେ ଡାକ୍ତର ମାନେ। ଘରେ ସମସ୍ତେ ରାଜି ହୋଇଗଲେ ଅନନ୍ୟୋପାୟ ହୋଇ।

ଅପରେସନ ଶେଷ ହୋଇ ସାରିଛି ବୋଲି କହିଲା ବେଳକୁ ସରୋଜ ଆଉଥରେ ସଜୋରେ କାନ୍ଦିବାକୁ ଲାଗିଲା। ଅଫିସ ର ସବୁ ଷ୍ଟାଫ୍ ତା ପାଖରେ ରୁଣ୍ଡ ହୋଇ ସାରିଥିଲେ। କିଛି ସମୟ ଉତ୍ତାରୁ ସେ ପୁଣି ଥରେ ସାବଲୀଳ ହେଲା।

ହେଲେ ଭାଇ ତା'ର ବଞ୍ଚି ଯାଇଛି ଏବଂ ଆଗକୁ କୃତ୍ରିମ ଗୋଡ ସାହାଯ୍ୟରେ ଚାଲିପାରିବ ବୋଲି ଡାକ୍ତର ଆଶ୍ୱାସନା ଦେଇଛନ୍ତି କହି ଲୁହ ପୋଛିଲା ସରୋଜ... !

( ୨ )

ଚିନ୍ମୟୀ ଇଂରାଜୀରେ ସମ୍ମାନ ସହ ସ୍ନାତକ ପାସ୍ କରିବା ପରେ ବି ଏଡ୍ ସାରିଥିଲା ଏବଂ ସିଟିଇଟି ମଧ୍ୟ କ୍ଲିଅର କରିଥିଲା। ହେଲେ ଦୁଇ ବର୍ଷ ହେବ ସରକାରୀ ସ୍କୁଲରେ ଶିକ୍ଷକତା ପାଇଁ ଚେଷ୍ଟା କରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିନଥିଲା।

ଓଡିଶା ଆଦର୍ଶ ବିଦ୍ୟାଳୟରେ କଣ୍ଟ୍ରାକ୍ଟୁଆଲ ପୋଷ୍ଟ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା ତ ସେ ସେଇ ଚାକିରି ପ୍ରତି ଆକର୍ଷିତ ହୋଇଥିଲା।ଯେ ପର୍ଯ୍ୟନ୍ତ ପରମାନେଣ୍ଟ ପୋଷ୍ଟ ନମିଳିଛି ଘରେ ବସିବା ଅପେକ୍ଷା ଏକ୍ସପେରିଏନସ୍ ପାଇଁ ଏଇ ସୁଯୋଗକୁ ହାତଛଡ଼ା କରିବାକୁ ସେ ଚାହିଁ ନଥିଲା। ଦ୍ୱିତୀୟତଃ ମାସିକ କୋଡ଼ିଏ ହଜାର ଟଙ୍କା ମିଳିଲେ ପରିବାର ପାଇଁ ସହାୟକ ହେବ ବୋଲି ମଧ୍ୟ ସେ ବିବେଚନା କରିଥିଲା ଏବଂ ଇଂରାଜୀ ଟି ଜି ଟି ପୋଷ୍ଟ ପାଇଁ ଆପ୍ଲାଏ କରିଦେଲା।

ଦିନେ ହଠାତ୍ ନୋଡାଲ ଅଧିକାରୀ ଙ୍କ ପାଖରୁ ଡକ୍ୟୁମେଣ୍ଟ ଭେରିଫିକେଶନ ପାଇଁ ଫୋନ୍ ଆସିଲା ତ ମାର୍କ ବେସିସ ରେ ସେ ନିଶ୍ଚୟ ସିଲେକ୍ସନ କାଟେଗୋରି କୁ ଆସିଯାଇଛି ବୋଲି ଜାଣି ଖୁବ୍ ଖୁସି ହୋଇଗଲା ।

ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଧାରିତ ସମୟ ପୂର୍ବରୁ ନୋଡାଲ ସେଣ୍ଟର୍ ରେ ପହଞ୍ଚିଗଲା ସେ। ଯଥାବିଧି ଡକ୍ୟୁମେଣ୍ଟ ଭେରିଫିକେସନ ମଧ୍ୟ ସରିଗଲା ଏବଂ ସେ ଫେରି ଆସିଲା ଘରକୁ।

ଦୁଇ ଦିନ ପରେ ଇ-ମେଲ ସହିତ ଫୋନ୍ ମଧ୍ୟ ଆସିଲା ତା'ର ଜଏନିଂ ବିଷୟରେ।ଜଏନ କରିବାକୁ ଥିବା ସ୍କୁଲର ପ୍ରିନ୍ସପାଲଙ୍କ ସହିତ ସେ ତୁରନ୍ତ କଥା ହେଲା। ପ୍ରିନ୍ସପାଲଙ୍କ ନିର୍ଦ୍ଦେଶ ଅନୁସାରେ ପରଦିନ ସକାଳ ନଅଟା ତିରିଶ ସୁଦ୍ଧା ସେ ସ୍କୁଲରେ ପହଞ୍ଚି ସାରିଥିଲା।

କିଛି ଅରଜେଣ୍ଟ କାମ ସାରି ତାକୁ ଡକାଇବେ ବୋଲି ପ୍ରିନ୍ସପାଲଙ୍କ କହିବା ଅନୁସାରେ ଚିନ୍ମୟୀ ଯାଇଁ ଅପେକ୍ଷା କଲା ଷ୍ଟାଫ୍ କମନ ରୁମରେ। ପ୍ରାୟ ଘଣ୍ଟାଏ ପରେ ଅର୍ଥାତ୍ ଦଶଟା ତିରିଶ ବେଳକୁ ପ୍ରିନ୍ସପାଲ ସାରଙ୍କ ଡାକରା ଆସିଲା ଏବଂ ତା'ର ଜଏନିଂ ବିଧିବଦ୍ଧ ଭାବରେ ହୋଇଗଲା। ସେହିଦିନ ହିଁ ସେ ପ୍ରିନ୍ସପାଲଙ୍କ ନିର୍ଦ୍ଦେଶ ଅନୁସାରେ କ୍ଲାସ ନେଲା। ସ୍କୁଲ ଛୁଟି ସମୟକୁ ଚିନ୍ମୟୀ ର ପରିଚୟ ହେଲା ଆଉ ଜଣେ ଶିକ୍ଷକଙ୍କ ସହିତ। ସେ ବି ସେଇଦିନ ତା ପରି ଇଂରାଜୀ ଶିକ୍ଷକ ହିସାବରେ ସ୍କୁଲରେ ଯୋଗ ଦେଇଥିଲେ ବୋଲି ଜାଣିଲା।

ଛଅ ମାସ ପରେ ଇଂରାଜୀ ଶିକ୍ଷକ ହିସାବରେ ସ୍କୁଲରେ ଯୋଗ ଦେବାକୁ ଆସିଲେ କଳାହାଣ୍ଡିରୁ ଟ୍ରାନ୍ସଫର ହୋଇଥିବା ଶିକ୍ଷକ ଜଣେ। ପୋଷ୍ଟ ଟି ପାଇଁ ପରମାନେଣ୍ଟ ଟିଚର ଆସିଗଲେ ତ ସ୍କୁଲ ଛାଡ଼ିବାକୁ କୁହାଗଲା ଚିନ୍ମୟୀ କୁ।

ପ୍ରିନ୍ସପାଲ ସାରଙ୍କ କଥାରେ ଆଶ୍ଚର୍ଯ୍ୟ ହେଲା ଚିନ୍ମୟୀ।ସେ ତ ସ୍କୁଲରେ ପ୍ରଥମେ ଜଏନ କରିଥିଲା ନିର୍ଦ୍ଧାରିତ ତାରିଖରେ ଏବଂ ପରେ ଜଏନ କରିଥିଲେ ଆର ଶିକ୍ଷକ ଜଣକ।ନିୟମ ଅନୁସାରେ ଚିନ୍ମୟୀ ସିନିଅର ଏବଂ ଏବେ ସ୍କୁଲ ଛାଡ଼ିବାକୁ ଆର ଶିକ୍ଷକଙ୍କୁ କୁହାଯିବାର କଥା !

ପ୍ରିନ୍ସପାଲ ସାର ଆଣି ଦେଖାଇଲେ ଜଏନିଂ ରେଜିଷ୍ଟର। ଚିନ୍ମୟୀ ସକାଳ ଦଶଟା ତିରିଶ ରେ ଯୋଗ ଦେଇଥିବାବେଳେ ଆର ଶିକ୍ଷକ ଜଣକ ଏକା ତାରିଖରେ ଜଏନ କରିଛନ୍ତି ସକାଳ ଦଶଟା ପନ୍ଦର ମିନିଟରେ।

ଚିନ୍ମୟୀ ବୁଝିଗଲା ସବୁକଥା। ପ୍ରିନ୍ସପାଲ ତାକୁ ସେଦିନ ଷ୍ଟାଫ୍ କମନ ରୁମରେ ବସିବାକୁ କହି, ତା ଠାରୁ ଡେରିରେ ସ୍କୁଲରେ ପହଞ୍ଚିଥିବା ଶିକ୍ଷକଙ୍କୁ ଆଗ ଜଏନ୍ କରିବାର ସୁଯୋଗ ଦେଇଥିଲେ ; ଯାହା ସେ ସେଦିନ ତଦାରଖ କରି ପାରିନଥିଲା।

ଚିନ୍ମୟୀ ବାଷ୍ପାକୁଳ ଆଖିରେ ପ୍ରିନ୍ସପାଲଙ୍କ ଆଡକୁ ଚାହିଁଲା ବେଳକୁ, ସେ ତଳକୁ ମୁହଁପୋତି ଠିଆ ହୋଇଥିଲେ... ! ! !

*ସୁଦର୍ଶନ ମହାପାତ୍ର*
*କୁଞ୍ଜବିହାରୀ ଲେନ, କଟକ*

## ବରଷକ ପରେ ବରଷା ଆସୁଛି

ବରଷକ ପରେ ବରଷା ଆସୁଛି
ସାଥିରେ ମୌସୁମୀ ଧରି
ଆକାଶେ ବାଦଲ ଛାଇ ହୋଇଯାଏ
ଦିନ ଦିଶେ ରାତି ପରି ।

କାଳବୈଶାଖୀର ତାଣ୍ଡବ ସରିବ
ବଦଳିବ ପାଣିପାଗ
ଝଡି ବରଷାର ଭାଉ ବଢ଼ିଯିବ
ଚାଷୀ ତରତର ଆଗ
ମାରିବ ବିଜୁଳି ହେବ ଘଡଘଡ଼ି
ବର୍ଷା ପାଣି ଯିବ ଝରି ।


କଅଁଳିବ ଘାସ ହେବ ଚାଷବାସ
ସବୁଜ ଦିଶିବ ଧରା
ନାଲି ଟୁକୁଟୁକୁ ସାଧବ ବୋହୂ ଯେ
ଏଣିକି ବୁଲିବେ ପରା
ପିଲାଏ କାଗଜ ଡ଼ଙ୍ଗା ଭସାଇବେ
ଡ଼ଙ୍ଗା ଯିବ ଥରିଥରି ।

ବିଲ ହିଡେ ଅବା ପଡ଼ିଆ ଜମିରେ
ଛତୁ ଯେ ଫୁଟିବେ ଏବେ
ଜଳଚରଙ୍କର ଆନନ୍ଦ ବଢ଼ିବ
ଦୁଃଖ ଏବେ ନାହିଁ କେବେ
ଗୋଧନ ସଞ୍ଜକୁ ଘରକୁ ଫେରିବେ
ଗୋଚର ଜମିରେ ଚରି ।

ବରଷା କାଳୀନ କୁସୁମ ଫୁଟିବେ
ପନିପରିବା ଯେ ହେବ
ବର୍ଷାଋତୁ ଚତୁର୍ମାସ୍ୟା ବୋଲାଇବ
ଜଳାଭାବ ଦୁଃଖ ନେବ
ବରଷା ସାଜିବ ବଡ଼ ହିତକାରୀ
ହୃଦରେ କରୁଣା ଭରି ।

ଅଅଅଅଅ ନିରଞ୍ଜନ ସାହୁ
ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ॥ ସ୍ମୃତି ତୁମେ...॥



ସ୍ମୃତି ତୁମେ ସରାଗର ବଂଶୀସନ,
ସ୍ମୃତି ତୁମେ ପୀରତିର ପାରବଣ ,
ସ୍ମୃତି ତୁମେ ନିତି ରୋମନ୍ଥନ କଲେ
ମିଠା ମିଠା ସମ୍ମୋହନ ।

ସ୍ମୃତି ତୁମେ ଖରାବେଳ ତୋଟା ଛାଇ,
ସ୍ମୃତି ତୁମେ ଶ୍ରାବଣର ଚିତ୍ର ନଈ,
ସ୍ମୃତି ତୁମେ ଭାବ ଅଗଣାରେ ଫୁଟା
ମଲ୍ଲୀଫୁଲ ବାସ ମନ,
ସ୍ମୃତି ତୁମେ ନିତି ରୋମନ୍ଥନ କଲେ
ମିଠା ମିଠା ସମ୍ମୋହନ ।

ସ୍ମୃତି ତୁମେ ଲଫାପାର ଓଦା ଚିଠି,
ସ୍ମୃତି ତୁମେ ଲୁହ ଭରା କୋହ କୋଠି,
ସ୍ମୃତି ତୁମେ ଚୋରା ଚଇତାଳି ଭରା
ମୁଖରିତ କୁଞ୍ଜବନ,
ସ୍ମୃତି ତୁମେ ନିତି ରୋମନ୍ଥନ କଲେ
ମିଠା ମିଠା ସମ୍ମୋହନ ।


*ସୁଜିତ୍ କୁମାର ମିଶ୍ର*
*ଜନାର୍ଦ୍ଦନପୁର ଶାସନ*
*କେନ୍ଦୁଝର*
*୭୬୮୩୮୬୭୭୪୨*

## କଳଙ୍କର ନର୍କ

ଥରେ କୁହତ
ତୁମ ବିଶ୍ୱାସର ବର୍ଣ୍ଣମାଳା ପଢାଇ
ପୁଣ୍ୟର ସୁଉଚ୍ଚ ପାବଛ୍ଛ ଚଢାଇ
ଗଢାଇଲ ଅନେକ
କଳ୍ପନା ମନ୍ଦିର ।
ସପନର ବୀଜ ସବୁ
ମଉଳିଗଲା ଅଚିରେ
ଛଳନାର ପ୍ରଚଣ୍ଡ ତାପରେ ।
କାହିଁ ଅବା ସୁଖ
ଅନାଗତ ଅଙ୍କୁରୋଦଗମ ର ।
ମୋର ଅଭାବୀ ହୃଦୟ
ଚାହିଁଛି ଦୂର ଦିଗ୍ ବଳୟେ
ଅପଲକ ନେତ୍ରରେ
ମାପିବାକୁ ତିତିକ୍ଷା ପ୍ରେମର ।
ମୋର ପ୍ରବଳ ଅଭୀପ୍ସା
ତୁମ ଆକାଶ ତାରାଟେ ହେବାକୁ
ନିଜର ଆଲୋକ ନିରୀକ୍ଷଣ କରିବାକୁ
ଆଉ ତୁମ ଅନାବୃତ ପୁସ୍ତକର
ପୁଣି ସେହି ବର୍ଣ୍ଣମାଳା ପଢିବାକୁ ।
ମୁଁ ଜାଣିଗଲିଣି
ଅବସୋସର ଲହଡ଼ିଗଣା ।
ଆଉ କଳଙ୍କର ନରକରେ
ଲଭିବାକୁ ନିଜର
ତଥାକଥିତ ଦାନର ପାଉଣା ।
ଏଇ ବୋଧହୁଏ
ଜୀବନର ନିଛକ ପ୍ରତିଛବି
ଆଲୋକ ଭିଜା ମନର
ପ୍ରାୟୋଜିତ ପରିଣତି ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ଆତଙ୍କବାଦୀ



ଏ ଦେଶେ ଚାଲିଛି ଆତଙ୍କବାଦୀଙ୍କ
ବନ୍ଧୁକ ମୁନେ ଶାସନ
ପୋକ ମାଛି ଭାବି ମାରନ୍ତି ଲୋକଙ୍କୁ
ହୋଇ ସେ ହୃଦୟହୀନ ।
ନିମିଷକେ ମୁଣ୍ଡ ଗଡ଼ାଇ ଦିଅନ୍ତି
ନଭାବି ସେ ଆଗପଛ
କେମିତିକା ରକ୍ତ ଧମନୀରେ ବହେ
ଜୀବନ କରନ୍ତି ତୁଚ୍ଛ ।
ଆଖିରୁ ଛଡ଼ାଇ ନେଇଥାନ୍ତି ନିଦ
ରକ୍ତରେ ଖେଳନ୍ତି ହୋରି
ସ୍ନେହମୟୀ ମାଆ ଗର୍ଭରୁ ଜନମି
ରାକ୍ଷସ ପ୍ରକୃତି ଧରି ।
ଦେଶରେ ଶାସନ କରିବା ପାଇଁକି
ବଢ଼ାଇ ଦେଇଛ କାୟା
ବୁଝିକେ ପାରିବ ନରପିଶାଚଙ୍କ
ମର୍ମର ଗଭୀର ମାୟା ।
ଧର୍ମ କର୍ମ ସବୁ ହରାଇ ବସିଛ
ଆରେରେ ଆତଙ୍କିଗଣ
ବନ୍ଧୁକ ମୁନରେ କରିବ ଶାସନ
ବୋଲିତ କରିଛ ପଣ ।
ସ୍ନେହ ଶାନ୍ତି ପ୍ରୀତି ସବୁ ଭୁଲିଯାଇ
ଛୁଟାଇ ରକ୍ତର ନଈ
ନିର୍ଦ୍ଦୟ ନିର୍ମମ ତୁମର ହୃଦୟ
ବିବେକ ଦେଇ ହରେଇ ।
କେତେ ସିମନ୍ତିନୀ ମଥାର ସିନ୍ଦୂର
ନିମିଶେ ଯାଉଛି ଲିଭି
କେତେ ଭଉଣୀଙ୍କ ରାକ୍ଷୀର ବନ୍ଧନ
ଛିଣ୍ଡାଅରେ ନରଲୋଭି ।
ଗୁଳିର ଯବାବ ଗୁଳିରେ ପାଇବ
କରରେ କେତେ ତାଣ୍ଡବ
ନାରୀଙ୍କ ସାଥିରେ ଖେଳୁଅଛ ଖେଳ
ସାଜିରେ ତୁମେ ଦାନବ ।
ଜନ୍ମଦାତା ପିତା ମାତା କାନ୍ଦୁଛନ୍ତି
ମୁଣ୍ଡକୁ ତାଙ୍କ ବାଡ଼େଇ
ପ୍ରାଣପ୍ରିୟା କାନ୍ଦେ ବୁକୁଫଟା କାନ୍ଦ
ଦେଇରେ ଶିରୀ ତୁଟେଇ ।
ପୁତ୍ର କନ୍ୟାଙ୍କୁତ କରିଲ ଅନାଥ
ପରିଚୟ ଶୂନ୍ୟ କଲ
ପେଟ ପାଇଁ ତାଙ୍କୁ ଦାଣ୍ଡରେ ବସେଇ
ଭିକାରୀ ସଜେଇ ଦେଲ ।
ସମୟ ଆସିବ ଶାନ୍ତି ଫେରିବ
ନର ହାତେ ହେବ ହତ
ହସିବ ସଂସାର ପାଇ ଏ ଖବର
ଉଡ଼ିବ ଦେଶରେ କେତ ।

*ନଳିନୀ ଦାଶ, ଭିକାରିପଡା,*
*ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୭୪୯*

## ଜୀବନର୍ ମର୍ମ...

ଏଇ ଜୀବନର କି ଅବା ଭରସା
ଏଇ ଅଛି ଏଇ ନାହିଁ
ତଥାପି ଅବୁଝା କାହିଁ ଏ ମାନବ
ସତ୍ୟ ପଥେ ଯିବା ପାଇଁ
ସ୍ୱାର୍ଥ ପଛେ ଧାଇଁ ଧାଇଁ
ଜୀବନ ମର୍ମକୁ ପଦାଘାତ କରେ
ଅଧର୍ମକୁ ଆପଣାଇ।
ଜୀବନର ଅର୍ଥ ନୁହଁଇ ବିଚ୍ଛେଦ
ନୁହେଁ ଦୁଃଖ ଆର୍ତ୍ତନାଦ
ଜୀବନ ନୁହଁଇ ଗର୍ବ ଅହଂକାର
ପୁଳା ପୁଳା ଅପବାଦ
ମଣିଷ ଅପଥେ ଯାଏ
ଜୀବନ ନିଆଁରେ ନିଜେ ଜଳିପୋଡି
ଅନ୍ୟକୁ ଜଳେଇ ଦିଏ।
ଜୀବନ ଅଟଇ ଗଭୀର ସାଗର
ଆସେ ସାଜି ଢେଉ ମାଳା
କେବେ ସାଜେ ସିଏ ମରୁ ମରୀଚିକା
କେବେ ନିଦାଘର ଜ୍ୱାଳା
କେବେ ଭାଂଗେ କାଚ ପରି
ଆଶାର ସପନ ଲୀନ ହୋଇଯାଏ
ସୁଖ ଯାଏ ଅପସରି।
କମଳ ପତ୍ରରେ ଜଳ ବିନ୍ଦୁ ପରି
ପ୍ରାଣ ଆମ ଢଳ ଢଳ
ଯଶ ଗଉରବ ଭୁଲିଯିବେ ସର୍ବେ
ନରହିବ ଅର୍ଥ ବଳ
ବୁଝ ଜୀବନର ମର୍ମ
ହିଂସା ଦ୍ୱେଷ ତେଜି ଜଗତ ହିତରେ
କରି ଚାଲ ଧର୍ମ କର୍ମ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ମୋ ଆଖିର ମିଠାନିଦ

ଏ ରାତି ନପାହୁ ଆଖି ଚୁମୁଥାଉ
ମିଠା ମିଠା ଯେତେ ନିଦ
ଦେଖିଲେ ସପନେ ତୁମକୁ ସାଥୀଗୋ
ଭୁଲିଯିବି ସବୁ ଖେଦ ।।
ସପନ ନଈର ସ୍ରୋତରେ ଭାସୁଗୋ
ଆଶା ଅଭିଳାଷ ଯେତେ
ତୁମକୁ ପାରୁନି ଭୁଲି ପ୍ରିୟତମା
ଝୁରୁଛି ବସି ମୁଁ କେତେ ।।
ରାତି ଆକାଶରେ ଉଇଁ ରୁପାଜହ୍ନ
ତୁମକଥା ଦିଏ କହି
ତୁମକଥା ଭାବି ଲୁହ ଢାଳୁଥାଏ
ବିରହ ବେଦନା ସହି ।।
ଜହ୍ନ ତାରା ଭରା ସୁ ରାତିସାରା
ପଢେ ତୁମ ଚିଠି ବସି
ଦେଖେ ତୁମଛବି ମିଠାକଥା କହି
ସତେକି ଦେଉଚ ହସି ।।
ତୁମ ହସ ଲାଜ ପ୍ରୀତି କରେ ମତେ
ଆନମନା ଦିନରାତି
ତୁମକୁ ପାଇବା ପ୍ରତୀକ୍ଷାରେ ମୋର
ପାଷାଣ କରିଚି ଛାତି ।।
ଯେତେ ଲୁହଦିଅ ଯେତେ ଦୁଃଖ ଦିଅ
ସହ୍ଵି ପତେଇ ଛାତି
ମନେ ଅଛି ଆଶା ଫେରି ପାଇବାକୁ
ମିଳନର ମଧୁରାତି ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର -ସଙ୍ଗଳାଇ*
*ପିପିଲି -ପୁରୀ*
*ମୋବାଇଲ -୯୬୬୮୮୨୨୧୯୦*

## ଅଭିଳାଷା

ତୁମ ସଙ୍ଗେ ଦେଖାହେଲେ
ବଦଳି ଯିବ
ମୋ ମଥା ଉପର ଆକାଶର ରଙ୍ଗ
ଉଷର ମାଟି ଛୁଇଁବ ବର୍ଷା
କଅଁଳି ଉଠିବ ପତ୍ର
ଫୁଟିବ ରଙ୍ଗ ବେରଙ୍ଗୀ ଫୁଲ
ଖେଳିବେ ଛିଟ ପ୍ରଜାପତି
ପଲ୍ଲବି ଉଠିବ ପ୍ରେମ
ତୁମ ସଙ୍ଗେ ଦେଖାହେଲେ
ଜାଗରିତ ହେବ ମନେ
ନବ ଉନ୍ମେଷ ଉମଙ୍ଗ... !
ତୁମ ସହ ଦେଖାହେଲେ
ଧରା ଛୁଇଁବ ମୋ ଇପ୍ସିତ ଋତୁ
ଚାହିଁବା ମୁତାବକ
ଉଇଁବେ ସୂର୍ଯ୍ୟ କିମ୍ବା ଜହ୍ନ
ଆସିବ ସକାଳ ବା ସାୟହ୍ନ
ମୋ ପାଇଁ ରହିବେ ପ୍ରସ୍ତୁତ
ଅମା ଅବା ରାକା ରଜନୀ
ଭୋଗିବି ମାଟି ମାଆ ସାନ୍ନିଧ
କିଛି ଖୁସିର ସ୍ୱର୍ଗ... !
ତୁମ ସହ ଦେଖାହେଲେ
ଗଭୀର ସମୁଦ୍ରର ନିର୍ଲିପ୍ତତା ତେଜି
ଉର୍ମି ପରି ତରଙ୍ଗାୟିତ ହେବ ଖୁସି
ଝରଟିଏ ପରି
ଛନ୍ଦାୟିତ ହେବ ମୋ ହସ
ନଈ ପରି ଛଳଛଳ ଆବେଗରେ
ବହମାନ ହେବ ଜୀବନ
ହୃଦୟ ଆକାଶରେ
ପ୍ରକାଶିବ ଇନ୍ଦ୍ରଧନୁ ରଙ୍ଗ.. ! !

*ରତ୍ନକାନ୍ତି ମିଶ୍ର*
*ଆଳି, କେନ୍ଦ୍ରାପଡା*

## ବର୍ଷା : ମିଳନର ଋତୁ

ସମୟ ଆଣିଛି ମିଳନର ଋତୁ
ପ୍ରଣୟର ପ୍ରୀତି ଫୁଲ
ମାଦକତା ଭରା ରୂପ ମାଧୁରିମା
କେହି ନାହିଁ ତା'ର ତୁଲ ।।
ବିହଙ୍ଗମ ଗାଏ ପ୍ରୀତିର ପୂରବୀ
ମେଘ ମହ୍ଲାରର ସୁରେ
ପ୍ରକୃତି ଗାଉଛି ମିଳନ ଗୀତିକା
ଭିଜା ଭିଜା କଣ୍ଠ ସ୍ୱରେ ।।
ମୌସୁମୀ ସାଜିଛି ପ୍ରୀତିର ଦୂତିକା
ମିଳନର ମଧୁମାସ
ଅମୃତମୟ ଏ ଅପୂର୍ବ ସଂଯୋଗ
ଜଡ଼ ପାଏ ଜୀବନ୍ୟାସ ।।
ସତେଜ ତନୁରେ ଋତୁମତୀ ଧରା
ସପନ ରାଇଜେ ହଜି
ଆକାଶ ମାଟିର ନବ ଅଭିସାର
ମଧୁର ଶୃଙ୍ଗାରେ ମଜି ।।
ବର୍ଷା ଭିଜା ଏଇ ଧୂସର ଧରଣୀ
ଆହା କି ସୁନ୍ଦର ଦିଶେ
ନବ ପଲ୍ଲବିତ ତରୁ ଲତା ରାଜି
ଶ୍ୟାମଳ ପାଟଳ ହସେ ।।
ବର୍ଷା ଭରେ ସତେ ଚାତକିତ ପ୍ରାଣେ
ପ୍ରୀତିସ୍ୱଦ ଅନୁଭବ
ଆଗମେ ଲିଭାଏ ମାଟି ମା ନୟନୁ
ଉଷ୍ଣ ଅଶ୍ରୁର ଦାଗ ।।

*ଆଦ୍ୟାଶା ମହାପାତ୍ର*
*ନୂଆପଡା, କଟକ*

# ନଣନ୍ଦ ପେଡ଼ି

ରାତିରେ ଶୋଇଲାବେଳେ ମାଧବୀ କହିଲା - ଆସନ୍ତା କାଲି ତମ ପୁତୁରାର ବାହାଘର। ମନେ ଅଛି ତ। ସୁଦର୍ଶନ କଥାଟା ଉପରେ ଏତେ ଗୁରୁତ୍ୱ ନଦେଇ କହିଲା - ହଁ, ମନେ ଅଛି। ଭାଇ ପରା କହିବାକୁ ଆସିଥିଲେ। ମାଧବୀ ମୁହଁରେ ମଲ୍ଲୀ ଫୁଲିଆ ହସ। ପଚାରିଲା - ତାହେଲେ କାଲି କେତେବେଳେ ବାହାରିବା। ସୁଦର୍ଶନ - କାଲି ନୁହେଁ। ଚତୁର୍ଥୀ ଦିନ ରାତିରେ ଯିବା। ଭୋଜି ଖାଇ ଫେରି ଆସିବା। ମାଧବୀ - ସେମିତି କଲେ କଥାଟା ଖରାପ ହେବନି କି।ଆଜି ପୁଣି ସନ୍ଧ୍ୟା ବେଳେ ଶାଶୁମା ଫୋନ୍ କରିଥିଲେ। କହୁଥିଲେ - କାଲି ସକାଳେ ଭାଇଙ୍କ ଘରେ ପହଞ୍ଚିବାକୁ ପଡ଼ିବ। ସମସ୍ତେ ଅପେକ୍ଷା କରିଥିବେ। ସୁଦର୍ଶନ - ଭାଇଙ୍କ ଘରେ ମା ' ର କିଛି ଗୁରୁତ୍ୱ ନାହିଁ। ତା କଥା ଛାଡ। ତମର ବୋଧେ ପୁତୁରା ମାନଙ୍କ ବ୍ରତ ଘର ବେଳର କଥା ମନେନାହିଁ। ମାଧବୀ - କୋଉ କଥା। ସୁଦର୍ଶନ - ଆମେ ତାର ଗୋଟିଏ ପୁଅର ବ୍ରତଘର କରିଥିଲୁ। ହେଲେ ସେମାନେ କଣ କଲେ। ଅନ୍ୟମାନେ ଛାଡ଼ି ଯାଇଥିବା ଅଇଁଠା ଜଳଖିଆ ଆମକୁ ଖାଇବାକୁ ଦେଲେ। ଶୋଇବା ପାଇଁ ବିଛଣା ଚାଦର ମାଗିବାରୁ, ଅନ୍ୟମାନେ ବସି ଖାଇଥିବା ଅଇଁଠା ବିଛଣା ଚାଦର , ଆମ ଉପରକୁ ଫୋପାଡି ଦେଲେ। ପ୍ରତିବାଦ କରିବାରୁ ବଡ଼ଭାଇ କହିଲା - ତମ ପାଇଁ ନୂଆ ବିଛଣା ଚାଦର କୋଉଠୁ ଆଣିବି। ଇଚ୍ଛାହେଲେ ନିଅ, ନହେଲେ ନାହିଁ। ତମେ ଭଲଭାବେ ଜାଣିଚ, ସେମାନେ ଆମକୁ ହୀନ ଦୃଷ୍ଟିରେ ଦେଖନ୍ତି। କଦର୍ଯ୍ୟ ବ୍ୟବହାର କରନ୍ତି। ଆଉ ସହିବା ପାଇଁ ଧୈର୍ଯ୍ୟ ନାହିଁ। ତେଣୁ ଆମେ ଘର ଲୋକ ହିସାବରେ ନୁହେଁ, ବରଂ ସାଇ ପଡିଶା ଭାବେ ମଣ୍ଡପରେ ଆୟୋଜିତ ଭୋଜି ଖାଇ, ବୋହୂକୁ ଉପହାର ଦେଇ ,ଘରକୁ ଫେରି ଆସିବା।

ପରଦିନ ସକାଳେ ଅଫିସ୍ ଯିବା ପୂର୍ବରୁ ମାଧବୀ କହିଲା - ଆଜି ସକାଳେ ଶାଶୁମା ଫୋନ୍ କରି କହିଛନ୍ତି ପିଲାଙ୍କୁ ଧରି ଯେମିତି ହେଲେ ଭାଇଙ୍କ ଘରେ ପହଞ୍ଚିବାକୁ ପଡ଼ିବ। ବାଲେଶ୍ୱରରେ କୋଉ ଗୋଟେ ମଣ୍ଡପରେ ବାହାଘର ହେଉଚି। ସନ୍ଧ୍ୟା ୭ ଟା ବେଳକୁ ଆମେ ସବୁ ବରଯାତ୍ରୀରେ ଯିବା। ତମେ ଛୁଟି ନେଇ ଆମ ସହିତ ଯିବାପାଇଁ ମା ' କହିଛନ୍ତି।

ସୁଦର୍ଶନ କହିଲା - କାଲି ରାତିରେ ଏତେ କଥା ବୁଝାଇଲି।କିଛି ବୁଝିଲନି। ସେମାନଙ୍କ ସ୍ୱଭାବ , ଚରିତ୍ର ସମ୍ବନ୍ଧରେ ତୁମର ସମ୍ୟକ ଧାରଣା ଅଛି। ସେମାନଙ୍କ ଅନ୍ଧକାର ପାର୍ଶ୍ୱ କାଳେ ଉନ୍ମୋଚିତ ହେବ ସେଥିପାଇଁ ସେମାନଙ୍କ ତୀକ୍ଷ୍ଣ ଦୃଷ୍ଟି ତୁମ ଉପରେ ରହିବ। ତମେ ସେଠାରେ ଅପମାନିତ ହେବ,ନିନ୍ଦିତ



ହେବ, ଦୁର୍ବ୍ୟବହାର ପାଇବ;ପ୍ରତି ମୁହୂର୍ତ୍ତରେ ଅଣନିଶ୍ୱାସୀ ଅନୁଭବ କରିବ। ତଥାପି ତମେ ଯଦି ଯିବାକୁ ଚାହୁଁଛ, ଯାଅ। ପିଲାଙ୍କ ପ୍ରତି ନଜର ରଖିବ।ମୋର କିନ୍ତୁ ଯିବାର ନାହିଁ। ମୁଁ କେବଳ ଚତୁର୍ଥୀ ଦିନ ଭୋଜି ଖାଇବାକୁ ଯିବି। ତମେ ଗଲାବେଳେ ଅଫିସରେ ଚାବିକାଠି ଦେଇଯିବ।

ମାଧବୀ ପିଲାମାନଙ୍କ ସହିତ ସେଠାରେ ପହଞ୍ଚିବା ପରେ ସେମାନଙ୍କୁ ଭାଇଙ୍କ ବେଡରୁମ୍ ସାମ୍ନା ଡାଇନିଂ ହଲରେ ଜିନିଷପତ୍ର ରଖି ତଳେ ଶୋଇବାକୁ କୁହାଗଲା। ପ୍ରତିକ୍ଷଣେ ମାଧବୀକୁ ମନେ ହେଉଥିଲା ଯେପରି ଦୁଇଟି ଅଦୃଶ୍ୟ ଆଖିର ନଜର ତା ଉପରେ ରହିଛି। ମାଧବୀ ସମେତ କେତେକ ମହିଳା ଓ ସ୍ଥାନୀୟ ଲୋକଙ୍କୁ ବରଯାତ୍ରୀ ହିସାବରେ ଯିବା ପାଇଁ ବାରଣ କରାଗଲା।

ପରଦିନ ସକାଳେ ପୁଅବୋହୁ ପହଞ୍ଚିଲା ବେଳକୁ ଘରର ଦ୍ୱାରଦେଶରେ ଛିଡ଼ା ହୋଇଥିଲେ ଜାହ୍ନବୀ ଏବଂ ଶାଶ୍ୱତୀ। ଜାହ୍ନବୀ ପୁଅର କକାଝିଅ ଭଉଣୀ ଏବଂ ଶାଶ୍ୱତୀ ପୁଅର ପିଇସୀ ଝିଅ ଭଉଣୀ। ପ୍ରଥାନୁସାରେ ନୂଆ ବୋହୂ ଜାହ୍ନବୀ ହାତରେ ନଣନ୍ଦ ପେଡ଼ି ଧରାଇ ଦେଇ ଘର ଭିତରକୁ ପ୍ରବେଶ କଲେ। ବାସ୍ ତାପରେ ନଣନ୍ଦ ପେଡ଼ି ପାଇଁ ଶାଶ୍ୱତୀ ଅଘୋଷିତ ଯୁଦ୍ଧ ଆରମ୍ଭ କରିଦେଲା।

ସିଧାସଳଖ ପୁଅର ମାଆ ପାଖକୁ ଯାଇ ଅଭିଯୋଗ କଲା ଶାଶ୍ୱତୀ - ମାଇଁ, ତୁମ ପୁଅ ରାଜୁ ସହିତ ଭଉଣୀ ହିସାବରେ ମୁଁ ଜାହ୍ନବୀ ଅପେକ୍ଷା ଅଧିକ ଘନିଷ୍ଠ। ଅତଏବ ନଣନ୍ଦ ପେଡ଼ି ଏକାନ୍ତ ଭାବେ ମୋର ପ୍ରାପ୍ୟ। ନୂଆ ଭାଉଜ ମୋତେ ନଦେଇ ଜାହ୍ନବୀକୁ କେମିତି ଦେଲେ। ମାଇଁ ସାନ୍ତ୍ୱନାମୂଳକ ବାଣୀ ଶୁଣାଇଲେ - ହଉ, ବ୍ୟସ୍ତ ହୁଅନା କଣ ହେଇଛି ବୁଝିବା।

କିଛି ସମୟ ପରେ ରାଜୁର ବାପା ଆସି ଜାହ୍ନବୀକୁ କହିଲେ - ନଣନ୍ଦ ପେଡ଼ି କାହାକୁ ଦିଆ ଯିବ ସେ ସମ୍ପର୍କରେ ଦ୍ୱନ୍ଦ ରହିଛି। ଏବେ ତୁ ଫେରାଇ ଦେ। ପରେ ଦେଖିବା କଣ ହେଉଚି।

ଜାହ୍ନବୀ କହିଲା - ଶାଶ୍ୱତୀ ଅପା ଯଦି ଜିଦ୍ କରୁଛି, ନଣନ୍ଦ ପେଡ଼ି ସିଏ ନଉ।ମୋର କିଛି ଆପତ୍ତି ନାହିଁ। ମାତ୍ର ଉପସ୍ଥିତ ଥିବା ବନ୍ଧୁବର୍ଗ ସମେତ ମୂରବୀ ଲୋକେ ମତ ଦେଲେ - ଜାହ୍ନବୀ ଏ ଘରର ଝିଅ ହୋଇ ଥିବା ଦୃଷ୍ଟି ରୁ ନଣନ୍ଦ ପେଡ଼ି ଉପରେ ତାର ସମ୍ପୂର୍ଣ୍ଣ ଅଧିକାର ରହିଛି। ଶାଶ୍ୱତୀ ଏକଥା ଶୁଣି କହିଲା - ନଣନ୍ଦ ପେଡ଼ି ନପାଇଲେ, ଏ ଘରୁ ପାଦେ ବି ଘୁଞ୍ଚିବିନି। ଭାଣିଜୀର ଜିଦ୍ ଆଗରେ ଅଗତ୍ୟା ମାମୁଁ, ମାଇଁଙ୍କୁ ମୁଣ୍ଡ ନଇଁବାକୁ ପଡ଼ିଥିଲା।

ପରଦିନ ମହିଳାମାନଙ୍କ ମଧ୍ୟରେ ନଣନ୍ଦ ପେଡ଼ି ନେଇ ଘମାଘୋଟ ଆଲୋଚନା ଚାଲିଥିଲା। ମାଧବୀ ଓ ଜାହ୍ନବୀଙ୍କୁ ଲକ୍ଷ କରି କେତେକ କହୁଥିଲେ - ଧନ୍ୟ କହିବ ଏ ମାଆଝିଅଙ୍କୁ। ଏତେ ଅପମାନିତ ହେବା ପରେ ବି ସେମାନେ ଧୈର୍ଯ୍ୟଧରି ଏଠାରେ ରହିଛନ୍ତି। ରକ୍ଷା ହୋଇଛି ଝିଅର ବାପା ଉପସ୍ଥିତ ନାହାନ୍ତି। ଥିଲେ ହୁଏତ ପରିସ୍ଥିତି ଅନ୍ୟ ପ୍ରକାରେ ହୋଇଥାନ୍ତା।

କିଛିବର୍ଷ ପରେ ସାନ ପୁତୁରାର ବାହାଘର ହେଲା। ପୂର୍ବଥର ଭଲଭାବେ ନାମ ନେଇଥିବାରୁ, ଏଥର ଚତୁର୍ଥୀ ଦିନ ରାତିରେ ଭୋଜି ହେଉଥିବା ମଣ୍ଡପ ପାଖରେ ପହଞ୍ଚି ,ସପରିବାର ଘରକୁ ଫେରି ଆସିଥିଲେ ମାଧବୀ।

ଇତିହାସର ପୁନରାବୃତ୍ତି ହେଲାଭଳି ଏଥର ବି ନଣନ୍ଦ ପେଡ଼ି ପାଇଁ ନିଜର ଦାବୀ ଦୋହରାଇଥିଲା ଶାଶ୍ୱତୀ। ମାମୁଁ ସମସ୍ତ ବନ୍ଧୁବର୍ଗ ଓ ନିମନ୍ତ୍ରିତ ଅତିଥିମାନଙ୍କ ସାମ୍ନାରେ ଶାଶ୍ୱତୀକୁ ପଚାରିଲେ - ତୁମେ ଏ ଘରର ଝିଅ ନା ଭାଣିଜୀ। ଶାଶ୍ୱତୀ ନିମ୍ନ କଣ୍ଠରେ କହିଲା - ଭାଣିଜୀ। ମାମୁଁ କହିଲେ - ବଡ଼ ପୁଅର ବାହାଘର ବେଳେ ତମର ନିର୍ଲ୍ଲଜ ପ୍ରୟାସ ହେତୁ ଏ ଘରର ଝିଅ ପ୍ରତି ଅବିଚାର କରା ଯାଇଥିଲା। ସେଥିପାଇଁ ଏଥର ସେମାନେ କେହି ଆସିଲେନି। କେବେ ଆଉ ତମେ ସେ ଲଜ୍ଜା ହୀନ ଲୋଭର ଖଳପା ଭିତରୁ ଆତ୍ମପ୍ରକାଶ କରିବ ! ! ! ! !

*ସନ୍ତୋଷ ମିଶ୍ର*
*ଉଦଳା, ମୟୂରଭଞ୍ଜ*
*ମୋ: ୭୦୦୮୨୩୭୬୫୦*

ମାତୃଭାଷା



# ଗୋଦାବରୀ କୂଳ ସର୍ବଶୈଳ ଶକ୍ତିପୀଠ





ଗୋଦାବରୀ ଶକ୍ତିପୀଠ ବା ସର୍ବଶୈଳ, ଭାରତୀୟ ଉପ-ମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକ ମଧ୍ୟରେ ଅନ୍ୟତମ। ଏହା ମଧ୍ୟ ହିନ୍ଦୁ ମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ଶକ୍ତିପୀଠ ଭାରତର ଆନ୍ଧ୍ର ପ୍ରଦେଶ ଅନ୍ତର୍ଗତ ରାଜମୁନ୍ଦରୀ ନିକଟସ୍ଥ ଗୋଦାବରୀ ନଦୀ କୂଳରେ କୋଟିଲେଶ୍ୱର ମନ୍ଦିରରେ ଅବସ୍ଥିତ। ଗୋଦାବରୀ ନଦୀ କୂଳ ଶକ୍ତିପୀଠକୁ ମଧ୍ୟ ସର୍ବଶୈଳ ଶକ୍ତିପୀଠ କୁହାଯାଏ। ଗୋଦାବରୀ କୂଳ ଶକ୍ତିପୀଠ ଏକ ପ୍ରାଚୀନ ମନ୍ଦିର ଗୁଡ଼ିକ ମଧ୍ୟରେ ଗୋଟିଏ। ଏହି ପ୍ରାଚୀନ ମନ୍ଦିରର ବାସ୍ତୁକଳା ଖୁବ୍ ମନୋରମ ଓ ଅଦ୍ଭୁତ। ଏହି ମନ୍ଦିର ବହୁ ବିଶାଳ ଆକାରର ଦେଖା ଯାଇଥାଏ, ଯେହେତୁ ମନ୍ଦିରର ଗୋପପୁରମ୍ ଏକ ଉଚ୍ଚ ସ୍ଥାନରେ ନିର୍ମିତ ହୋଇଛି। ମନ୍ଦିରରେ ସବୁ ଦେବୀ ଦେବତାଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି। ଏହି ମନ୍ଦିର ଗୋଦାବରୀ କୂଳରେ ଅବସ୍ଥିତ, ଯାହା ଭାରତରେ ଗଙ୍ଗା ନଦୀ ପରେ ଦ୍ୱିତୀୟ ଦୀର୍ଘତମ ନଦୀ ଭାବେ ପରିଚିତ।

ଏହି ମନ୍ଦିର ମାତାଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଗୋଟିଏ। ଏହି ମନ୍ଦିରରେ ଦେବୀ ବିଶ୍ୱେଶ୍ୱରୀଙ୍କୁ ଶକ୍ତି ଓ ସାକିନୀ ରୂପରେ ପୂଜା କରାଯାଇ ଥାଏ। ସେହପରି ଏଠାରେ ଭୈରବଙ୍କୁ ବସ୍ତନାଭ ଓ ଦଣ୍ଡପାଣି ରୂପରେ ପୂଜା କରାଯାଇ ଥାଏ।

ଭାରତୀୟ ଉପମହାଦେଶରେ ରହିଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ମା'ଦେବୀ ବିଶ୍ୱେଶ୍ୱରୀଙ୍କ ମନ୍ଦିର ବା ଗୋଦାବରୀ ଶକ୍ତିପୀଠ ଅନ୍ୟତମ। ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଭରତୀୟ ଉପମହାଦେଶରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହା ଶକ୍ତିପୀଠ ଓ ୫୧ ଟି ଶକ୍ତିପୀଠ ରହିଛି। ତେବେ ଏହି ଶକ୍ତିପୀଠ ମାନଙ୍କ ମଧ୍ୟରେ"ମାତା ବିଶ୍ୱେଶ୍ୱରୀ ମନ୍ଦିର" ବା ଶକ୍ତିପୀଠ ଏଠାରେ ରହିଛି। ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ପୁରାଣ ବର୍ଣ୍ଣିତ ଏକ ଚମକପ୍ରଦ କାହାଣୀ ରହିଛି। ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଞ୍ଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସଂୟ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ହାତରେ ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଏହାର ସମାଧାନ ପାଇଁ ଦେବ ଦେବୀ ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛି କ୍ଷଣ ମଧ୍ୟରେ ମା' ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା।

ସର୍ବ ଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶର "ମାତା ବିଶ୍ୱେଶ୍ୱରୀ" ବା ଗୋଦାବରୀ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଯେଉଁ ସ୍ଥାନରେ ମାତା ବିଶ୍ୱେଶ୍ୱରୀଙ୍କ ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ବାମଗାଲ' ଖଣ୍ଡ ପଡ଼ିଥିଲା।

**ଗୋଦାବରୀ କୂଳ ଶକ୍ତିପୀଠ ଏକ ପ୍ରାଚୀନ ମନ୍ଦିର ଗୁଡ଼ିକ ମଧ୍ୟରେ ଗୋଟିଏ। ଏହି ପ୍ରାଚୀନ ମନ୍ଦିରର ବାସ୍ତୁକଳା ଖୁବ୍ ମନୋରମ ଓ ଅଦ୍ଭୁତ। ଏହି ମନ୍ଦିର ବହୁ ବିଶାଳ ଆକାରର ଦେଖା ଯାଇଥାଏ, ଯେହେତୁ ମନ୍ଦିରର ଗୋପପୁରମ୍ ଏକ ଉଚ୍ଚ ସ୍ଥାନରେ ନିର୍ମିତ ହୋଇଛି। ମନ୍ଦିରରେ ସବୁ ଦେବୀ ଦେବତାଙ୍କର ମୂର୍ତ୍ତି ସ୍ଥାପିତ ହୋଇଛି। ଏହି ମନ୍ଦିର ଗୋଦାବରୀ କୂଳରେ ଅବସ୍ଥିତ, ଯାହା ଭାରତରେ ଗଙ୍ଗା ନଦୀ ପରେ ଦ୍ୱିତୀୟ ଦୀର୍ଘତମ ନଦୀ ଭାବେ ପରିଚିତ। ଏହି ମନ୍ଦିର ମାତାଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଗୋଟିଏ। ଏହି ମନ୍ଦିରରେ ଦେବୀ ବିଶ୍ୱେଶ୍ୱରୀଙ୍କୁ ଶକ୍ତି ଓ ସାକିନୀ ରୂପରେ ପୂଜା କରାଯାଇ ଥାଏ। ସେହପରି ଏଠାରେ ଭୈରବଙ୍କୁ ବସ୍ତନାଭ ଓ ଦଣ୍ଡପାଣି ରୂପରେ ପୂଜା କରାଯାଇ ଥାଏ।**

ପ୍ରତି ବାର ବର୍ଷରେ ଥରେ ଏଠାରେ 'ପୁଷ୍କରମ୍ ମେଳା'ର ଭବ୍ୟ ଆୟୋଜନ ହୋଇଥାଏ। ଏହି ମେଳା ଗୋଦାବରୀ ନଦୀ କୂଳରେ ଅତି ଉତ୍ସାହର ସହ କରା ଯାଇଥାଏ। ଏହି ସମୟରେ ଭାରତର ପ୍ରତ୍ୟେକ ରାଜ୍ୟରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ, ଭକ୍ତ ଓ ଲୋକେମାନେ ଏଠାରେ ଭିଡ଼ ଜମାନ୍ତି। ମୁଖ୍ୟତଃ ଲକ୍ଷ ଲକ୍ଷ ଲୋକେ ପବିତ୍ର ଗୋଦାବରୀ ନଦୀରେ ସ୍ନାନ କରିବାକୁ ଆସିଥାନ୍ତି, ଯେହେତୁ ସବୁ ପ୍ରକାର ପାପରୁ ମୁକ୍ତି ପାଇବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ବୋଲି ମାତାଙ୍କ ଭକ୍ତ, ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀ ମାନେ ମନେ କରନ୍ତି।

ଏହି ଶକ୍ତିପୀଠରେ ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଧୂମଧାମରେ ପାଳନ କରାଯାଏ। ଏହି ପର୍ବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟକୁ ଶାନ୍ତି ପ୍ରଦାନ କରିଥାଏ।

ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ପର୍ବପର୍ବାଣୀରେ ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲ ଓ ଲାଇଟ୍ ଦ୍ୱାରା ସଜା ଯାଇଥାଏ। ଏହି ସମୟରେ ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନ-ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ।

ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

ଯେଉଁ ଭକ୍ତ ମାତାଙ୍କୁ ଦର୍ଶନ ପାଇଁ ଏଠାକୁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ। ଏଥିଯୋଗୁ ମାତା ପ୍ରତ୍ୟକ୍ଷ ଦେବୀ ବୋଲି ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କର ବିଶ୍ୱାସ ରହିଛି।


- ଶରତ କୁମାର ରାଉତ
ମୋ: ୯୩୩୭୩୬୯୪୪୮


# ସୌନ୍ଦର୍ଯ୍ୟ ରାଣୀ 'କୋଇଲି ଘୋଘର'

**ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ କୁଶମେଲ୍‌ବାହାଲ୍ ଗାଁ ନିକଟରେ ଅବସ୍ଥିତ କୋଇଲି ଘୋଘର ଜଳପ୍ରପାତ। ସୁନ୍ଦରଗଡ଼ ଜିଲ୍ଲାର ହିମଗିରି ଅଞ୍ଚଳରେ ଅବସ୍ଥିତ ଐତିହାସିକ ଗଡ଼ସୂତା ପର୍ବତ ବକ୍ଷରୁ ସୃଷ୍ଟି ହୋଇ ବୋହି ଆସିଛି ଚିରସ୍ରୋତା ନଦୀଟିଏ। ଏହି ନଦୀର ନାମ ଅହିରାଜ। କେତେ ବାଧାବିଘ୍ନ, ଅଙ୍କାବଙ୍କା ରାସ୍ତା ଦେଇ ପାହାଡ଼, ପର୍ବତ ଓ ଜଙ୍ଗଲ ପାରି ହୋଇ 'ଛୁଇଁ ଖଞ୍ଜ' ଜଙ୍ଗଲ ଦେଇ ଅହିରାଜ ନଦୀ କୋଇଲି ଘୋଘରରେ ପାହାଡ଼ ଉପରୁ ଜୋର୍‌ରେ କଚାଡ଼ି ହୋଇ ପଡୁଛି। ଆଉ ଏଠାରେ ସୃଷ୍ଟି ଜଳାଶୟର ଶୀତଳ ଜଳରେ ପର୍ଯ୍ୟଟକମାନେ ଗାଧୋଇ ପିକ୍‌ନିକ୍‌ର ମଜା ନିଅନ୍ତି। ଏହାର ପାଣି ସ୍ୱଚ୍ଛ ଓ ନିର୍ମଳ।**

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଝାରସୁଗୁଡ଼ା ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର। ଏହି ଜିଲ୍ଲାରେ ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ। ସେଥିମଧ୍ୟରୁ କୋଇଲି ଘୋଘର ଜଳପ୍ରପାତ ଅନ୍ୟତମ। ଏଠାକାର ଘଞ୍ଚ ଅରଣ୍ୟ, ସବୁଜ ବୃକ୍ଷଲତା ତଥା ପାହାଡ଼ର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ସର୍ବଦା ମୁଗ୍ଧ କରିଆସିଛି। ବିଶେଷ କରି ନଭେମ୍ବର, ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ପ୍ରତିଦିନ ବହୁ ପର୍ଯ୍ୟଟକ, ସ୍କୁଲ୍-କଲେଜ୍ ଛାତ୍ରଛାତ୍ରୀ ପିକ୍‌ନିକ୍ କରିବା ପାଇଁ ଏଠାକୁ ଆସିଥା'ନ୍ତି। ଏଠାରେ ପାହାଡ଼ ଭିତରୁ ଝରିଆସୁଥିବା ନଦୀର କୁଳୁକୁଳୁ ନାଦ ସହିତ ଶୈବ ପୀଠ ମହେଶ୍ୱରନାଥ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ। ପ୍ରାକୃତିକ ସୁଷମାର ଅପୂର୍ବ ଭଣ୍ଡାରରେ ମଣ୍ଡିତ କୋଇଲି ଘୋଘର ଆଜି ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ପିକ୍‌ନିକ୍ ସ୍ଥଳୀ ଭାବେ ସାରା ଓଡ଼ିଶାରେ ସୁପ୍ରସିଦ୍ଧ ।

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ କୁଶମେଲ୍‌ବାହାଲ୍ ଗାଁ ନିକଟରେ ଅବସ୍ଥିତ କୋଇଲି ଘୋଘର ଜଳପ୍ରପାତ। ସୁନ୍ଦରଗଡ଼ ଜିଲ୍ଲାର ହିମଗିରି ଅଞ୍ଚଳରେ ଅବସ୍ଥିତ ଐତିହାସିକ ଗଡ଼ସୂତା ପର୍ବତ ବକ୍ଷରୁ ସୃଷ୍ଟି ହୋଇ ବୋହି ଆସିଛି ଚିରସ୍ରୋତା ନଦୀଟିଏ। ଏହି ନଦୀର ନାମ ଅହିରାଜ। କେତେ ବାଧାବିଘ୍ନ, ଅଙ୍କାବଙ୍କା ରାସ୍ତା ଦେଇ ପାହାଡ଼, ପର୍ବତ ଓ ଜଙ୍ଗଲ ପାରି ହୋଇ 'ଛୁଇଁ ଖଞ୍ଜ' ଜଙ୍ଗଲ ଦେଇ ଅହିରାଜ ନଦୀ କୋଇଲି ଘୋଘରରେ ପାହାଡ଼ ଉପରୁ ଜୋର୍‌ରେ କଚାଡ଼ି ହୋଇ ପଡୁଛି। ଆଉ ଏଠାରେ ସୃଷ୍ଟି ଜଳାଶୟର ଶୀତଳ ଜଳରେ ପର୍ଯ୍ୟଟକମାନେ ଗାଧୋଇ ପିକ୍‌ନିକ୍‌ର ମଜା ନିଅନ୍ତି। ଏହାର ପାଣି ସ୍ୱଚ୍ଛ ଓ ନିର୍ମଳ। ଗଣ୍ଡର ଜଳରେ ଅଛନ୍ତି ଛୋଟ ବଡ଼ ପ୍ରଜାତିର କଡ଼ୋ ମାଛ, ଯାହା ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ। ପାଣି ଭିତରକୁ ଖାଦ୍ୟ ପଦାର୍ଥ ଫୋପାଡ଼ିଲେ ସେଗୁଡ଼ିକୁ ଖାଇବା ପାଇଁ ମାଛମାନେ ପାଣି ଉପରକୁ ଆସିଥା'ନ୍ତି। ସୂର୍ଯ୍ୟଙ୍କ ସୁନେଲୀ କିରଣ ଜଳ ପ୍ରପାତ ଉପରେ ପଡ଼ି ପ୍ରତିଫଳିତ ହୁଏ ଇନ୍ଦ୍ରଧନୁର ସପ୍ତରଂଗ। ଏସବୁ ଦୃଶ୍ୟ ଦର୍ଶକମାନଙ୍କ ପାଇଁ ଏକାନ୍ତ ହୃଦୟସ୍ପର୍ଶୀ। ନିକଟସ୍ଥ ଜଙ୍ଗଲରୁ କୁମ୍ଭାଟିଆ, ବଣି, କଜ୍ଜଳପାତି, ଶୁଆ ଓ କୋଇଲି ଆଦି ପକ୍ଷୀମାନଙ୍କର କୂଜନରେ କୋଇଲି ଘୋଘରର ପରିବେଶ ଶିହରଣ ସୃଷ୍ଟି କରେ। କୋଇଲିର କୁହୁକୁହୁ ସ୍ୱର ଓ ଜଳ ପ୍ରପାତର ଘୋଘୋ ଗୁରୁ ଗମ୍ଭୀର ଶବ୍ଦ ଯୋଗୁ ଏହାର ନାମ କୋଇଲି ଘୋଘର ହୋଇଥିବା ଏ ଅଞ୍ଚଳର ଲୋକମାନେ ମତ ଦିଅନ୍ତି। ପାହାଡ଼ର ଘଞ୍ଚ ଅରଣ୍ୟ ଭେଦ କରି ଅହିରାଜ ନଦୀ ମିଳିତ ହୋଇଛି ମହାନଦୀରେ।





ଭକ୍ତ ଚାହେଁ ସର୍ବଦା ଭଗବାନଙ୍କ ପାଖରେ ନିଜକୁ ସମର୍ପି ଦେବାକୁ। ତେଣୁ ଭକ୍ତ ଯେଉଁଠାକୁ ଗଲେ ଖୋଜେ ଏକ ମନ୍ଦିର। କୋଇଲି ଘୋଘରରେ ଅଛି ମହେଶ୍ୱରନାଥଙ୍କ ମନ୍ଦିର। ନଦୀର କୂଳକୁ ଲାଗି ପାହାଡ଼ରେ ରହିଛି ଏହି ମନ୍ଦିରଟି। ଝାରସୁଗୁଡ଼ା ଜିଲ୍ଲାର ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ମହେଶ୍ୱରନାଥ ଅନ୍ୟତମ। ପାଣି ଭିତରେ ବୁଡ଼ି ରହିଛି ଶିବ ଲିଙ୍ଗ। ଏହା ବାହାରକୁ ଦେଖାଯାଏ ନାହିଁ। ଭକ୍ତ ମାନେ ପାଣି ଭିତରକୁ ହାତ ପଶାଇ ଏହାକୁ ଛୁଇଁବାକୁ ଚେଷ୍ଟା କରନ୍ତି। ଏହି ଶିବ ଲିଙ୍ଗକୁ ଛୁଇଁ ପାରିଲେ ପୁଣ୍ୟ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ପର୍ଯ୍ୟଟକମାନଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେଉଛି ମହେଶ୍ୱରନାଥ ମନ୍ଦିର। ପ୍ରାୟ ୩୦୦ ବର୍ଷ ପୂର୍ବେ ଏଠାରେ ଚଟାଣକୁ ପୂଜା କରାଯାଉଥିବା ଜନଶ୍ରୁତିରୁ ଜଣାପଡ଼େ। ଏ ଅଞ୍ଚଳର ଜନସାଧାରଣଙ୍କ ସହଯୋଗରେ ଏଠାରେ ନିର୍ମିତ ହୋଇଛି ବାବା ମହେଶ୍ୱରନାଥଙ୍କ ସଦୃଶ୍ୟ ମନ୍ଦିର। ଶ୍ରାବଣ ମାସ ସୋମବାର ଦିନ ଗୁଡ଼ିକରେ ଏଠାରେ ଶିବ ଭକ୍ତଙ୍କ ଭିଡ଼ ଲାଗି ରହେ। ବାବା ମହେଶ୍ୱର ନାଥ ମନ୍ଦିରରେ ପ୍ରତିବର୍ଷ ଶିବରାତ୍ରି ମହାସମାରୋହରେ ପାଳିତ ହୁଏ। ଏ ଅବସରରେ ବିରାଟ ମେଳା ବସେ। ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରି କି ପଡ଼ୋଶୀ ରାଜ୍ୟରୁ ବହୁ ଭକ୍ତ ଆସି କୋଇଲି ଘୋଘରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ମହେଶ୍ୱରନାଥଙ୍କ ଦର୍ଶନ କରି ପା'ନ୍ତି ଅପାର ଆନନ୍ଦ ଓ ଶାନ୍ତି। ସୋହନ ସ୍ୱାମୀ ନାମକ ଜଣେ ସିଦ୍ଧ ସାଧକ ପ୍ରାୟ ୧୫୦ ବର୍ଷ ତଳେ ଏଠାର ଅବସ୍ଥାନ କରୁଥିଲେ। 'ଆତ୍ମଗୀତା' ନାମକ ଏକ ଗ୍ରନ୍ଥ ମଧ୍ୟ ରଚନା କରିଥିଲେ ସୋହନ ସ୍ୱାମୀ। ତାଙ୍କର ପୋଥିପତ୍ରକୁ ଏବେ ବି ପୂଜା କରାଯାଉଛି। ବର୍ତ୍ତମାନ ଏଠାରେ ଥିବା ଶାନ୍ତି କୁଟୀର ଆଶ୍ରମରେ ମଧ୍ୟ ସ୍ୱାମୀ ମୋହନ ବାବାଙ୍କ ଭକ୍ତ ବାବାମାନେ ରହୁଛନ୍ତି।

## କେମିତି ଯିବେ ?

**ଝାରସୁଗୁଡ଼ା ସହରଠାରୁ ୫୭ କିଲୋମିଟର ଦୂରରେ ଅବସ୍ଥିତ କୋଇଲି ଘୋଘର ଜଳପ୍ରପାତ। ଏଠାକୁ ଯିବାକୁ ହେଲେ ରାଜଧାନୀ ଭୁବନେଶ୍ୱରରୁ ଝାରସୁଗୁଡ଼ାକୁ ସଡ଼କ ଓ ରେଳପଥର ବ୍ୟବସ୍ଥା ରହିଛି। ସଡ଼କ ପଥରେ ଆସିବା ପାଇଁ ଇଚ୍ଛୁକ ପର୍ଯ୍ୟଟକମାନଙ୍କୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ସରକାରୀ ବସ୍‌ରେ ସିଧାସଳଖ ଝାରସୁଗୁଡ଼ାକୁ ଆସିବାକୁ ପଡ଼ିବ। ସେହିପରି ରେଳପଥରେ ଆସିବାକୁ ହେଲେ ଭୁବନେଶ୍ୱରର ରେଲୱେ ଷ୍ଟେସନ୍‌ରୁ ପୁରୀ ହାୱଡ଼ା ତପସ୍ୱିନୀ ଏକ୍ସପ୍ରେସ୍, ସାପ୍ତାହିକ ପୁରୀ-ଯୋଧପୁର ଏକ୍ସପ୍ରେସ୍ (ସପ୍ତାହରେ ଥରେ), ପୁରୀ ହରିଦ୍ୱାର ଉତ୍କଳ ଏକ୍ସପ୍ରେସ୍ ଓ ପୁରୀ ରାଉରକେଲା ପାସେଞ୍ଜର ଟ୍ରେନ୍‌ରେ ଯାତ୍ରୀମାନେ ଆସିପାରିବେ। କିନ୍ତୁ ଝାରସୁଗୁଡ଼ାରୁ କୋଇଲି ଘୋଘରକୁ କୌଣସି ସ୍ୱତନ୍ତ୍ର ବସ୍ ବା ଗାଡ଼ି ଯାଏ ନାହିଁ। ତେଣୁ ପର୍ଯ୍ୟଟକମାନେ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରି କୋଇଲି ଘୋଘର ଯାଇପାରିବେ।**



# ମଣିଷ ଜୀବନରେ ନିଦର ମହତ୍ତ୍ୱ ବୁଝାଇଲେ ଅମୀର୍



ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମୀର ଖାନ୍ । ୬୦ ବର୍ଷିୟ ଅମୀର Netflix ସହିତ ଏକ ସତନ୍ତ୍ର ସାକ୍ଷତକାର କରିଥିଲେ । ଯେଉଁଥିରେ ସେ ନିଦକୁ ନେଇ କିଛି କଥା ସେୟାର କରିଥିଲେ। ସେ କହିଥିଲେ କି ନିଦ୍ରା ଜୀବନର ଏକ ଅତ୍ୟାବଶ୍ୟକୀୟ ଅଂଶ । ଯାହା ଉପରେ ସମସ୍ତେ ଧ୍ୟାନ ଦେବା ଉଚିତ ବୋଲି । ଆପଣଙ୍କ ଶରୀର ଆବଶ୍ୟକ କରୁଥିବା ଆଠ ଘଣ୍ଟା ଶୋଇବା ବହୁତ ଗୁରୁତ୍ୱପୂର୍ଣ୍ଣ । କାରଣ ଯେତେବେଳେ ଆପଣ ନିଦ୍ରାରୁ ବଞ୍ଚିତ ହୁଅନ୍ତି, ଏହା ଆପଣଙ୍କ ଶାରୀରିକ, ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ' । 'ତେଣୁ, ଜୀବନରେ ଯେକୌଣସି ସମସ୍ୟା ଦେଇ ଯାଉଥିବା ବ୍ୟକ୍ତିଙ୍କୁ ମୁଁ କହିବି, ପ୍ରଥମେ ସେମାନେ ଯେତେ ଶୋଇବା ଆବଶ୍ୟକ ତାହା କରିବା ଉଚିତ । ଯେକୌଣସି ପ୍ରକାରର ଶାରୀରିକ କାର୍ଯ୍ୟକଳାପ ମଧ୍ୟରେ ନିଜ ପାଇଁ ସମୟ ବାହାର କରନ୍ତୁ । ଏହାରି ମଧ୍ୟରେ ଅମୀରଙ୍କ ସହ ସହମତ ହୋଇ, ଦିଲ୍ଲୀର ଜଣେ ଡକ୍ଟର କହିଛନ୍ତି ଯେ ନିଦ୍ରା ଭଲ ଶାରୀରିକ ସ୍ୱାସ୍ଥ୍ୟ ଏବଂ ମାନସିକ ସୁସ୍ଥତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । 'ସ୍ମରଣ ଶକ୍ତି ଏକତ୍ରୀକରଣ, ଭାବପ୍ରବଣ ନିୟନ୍ତ୍ରଣ ଏବଂ ଶାରୀରିକ ଆରୋଗ୍ୟରେ ନିଦ୍ରା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ନିଦ୍ରା ଅଭାବ ଆପଣଙ୍କୁ ଚିଡ଼ଚିଡ଼ା, ହତାଶ, ଉତ୍ତେଜିତ ଏବଂ ଚାପଗ୍ରସ୍ତ ଅନୁଭବ କରାଇପାରେ । ଯେତେବେଳେ ଆପଣ ଶୋଇଥାନ୍ତି, ସେତେବେଳେ କୋର୍ଟିସୋଲ ଭଳି ଚାପ ହରମୋନ ହ୍ରାସ ପାଇଥାଏ । ଯାହା ଚାପ ଦୂର କରିବାରେ ସାହାଯ୍ୟ କରିପାରେ । ଭଲ ନିଦ୍ରା ଆପଣଙ୍କ ମନୋଭାବ ସ୍ତରକୁ ବୃଦ୍ଧି ସହ ଚାପ ପରିଚାଳନା କରିବାରେ, ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା କମାଇବା ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରିପାରେ ।'ବିଶ୍ରାମଦାୟକ ନିଦ୍ରାକୁ ଏକ ଔଷଧ ଭାବରେ ବିବେଚନା କରାଯାଏ ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିପାରେ । 'ନିଦ୍ରା ବିଭିନ୍ନ ଶାରୀରିକ କାର୍ଯ୍ୟ ପାଇଁ ମଧ୍ୟ ଜରୁରୀ । ଯେତେବେଳେ ଆପଣ ଗଭୀର ନିଦ୍ରାରେ ଥାଆନ୍ତି, ଆପଣଙ୍କ ଶରୀର କୋଷଗୁଡ଼ିକୁ ତାହାର କାମ କରେ । ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଅତି କମରେ ୮ ରୁ ୯ ଘଣ୍ଟା ଶୋଇବା ଉଚିତ ।

# ପୁଣି ପ୍ରେମରେ ପଡିଲେ ତାରା



ବଲିଉଡ ଅଭିନେତ୍ରୀ ତାରା ସୁତାରିଆ । ଷ୍ଟୁଡେଣ୍ଟ ଅଫ ଦ ଇୟର-୨ ଜରିଆରେ ସିଲଭର ସ୍କ୍ରିନରେ ଡେବ୍ୟୁ କରିଥିଲେ । ଏହି ଅଭିନେତ୍ରୀ ଜଣଙ୍କ ନିଜ ଲଭ ଲାଇଫକୁ ନେଇ ଖୁବ୍ ? ଚର୍ଚ୍ଚାରେ ରହିଛନ୍ତି । ପୂର୍ବରୁ ଆଦର ଜୈନଙ୍କ ସହ ରିଲେସନସିପରେ ଥିବା ବେଳେ ଉଭୟଙ୍କ ମଧ୍ୟରେ ବ୍ରେକ ଅପ ହୋଇଥିଲା । ବ୍ରେକଅପ ପରେ ଆଦର ତାରାଙ୍କ ବେଷ୍ଟ ଫ୍ରେଣ୍ଡକୁ ବିବାହ କରିଥିଲେ । କିନ୍ତୁ ଏବେ ତାରା ଆଉ ଜଣେ ଯୁବକଙ୍କ ସହ ନଜର ଆସିଛନ୍ତି । ନିକଟରେ ତାରା ଏକ ହୋଟେଲରେ ଯୁବକଙ୍କ ସହିତ ନଜର ଆସିଥିଲେ । ଉଭୟଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଯୁବକ ଜଣଙ୍କ ହେଉଛନ୍ତି ବୀର ପହରିଆ । ବୀର ହେଉଛନ୍ତି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ସିନ୍ଦେଙ୍କ ନାତି । ବୀର ଭେଡିୟା ଫିଲ୍ମରେ ଆସିଷ୍ଟାଣ୍ଟ ଡିରେକ୍ଟର ଭାବେ ୨୦୨୫ର ଅକ୍ଷୟ କୁମାରଙ୍କ ଫିଲ୍ମ ସ୍କାଏ ଫୋର୍ସ ଜରିଆରେ ସେ ଡେବ୍ୟୁ କରିଥିଲେ । ନିକଟରେ ଉଭୟ ଏକ ରେଷ୍ଟୁରାଣ୍ଟରେ ଏକତ୍ର ଖାଉଥିବାର ନଜର ଆସିଥିଲେ । ଏହା ପରେ ତାରା ନିଜ ସାଙ୍ଗ ମାନଙ୍କ ସହିତ ପଳାଇଥିବା ବେଳେ ବୀର ପାପାରାଜିଙ୍କୁ ଫଟୋ ପାଇଁ ପୋଜ ଦେଇଥିଲେ । ଏହା ପୂର୍ବରୁ ମାର୍ଚ୍ଚ ମାସରେ ଉଭୟ ଏକତ୍ର ଲାକମି ଫ୍ୟାସନ ୱିକରେ ରାମ୍ପରେ ଚାଲୁଥିବାର ନଜର ଆସିଥିଲେ । ବ୍ରେକ ଅପ ପରେ ତାରା ଓ ବୀରଙ୍କ ପ୍ରେମ କାହାଣୀ ଆଗକୁ ବଢୁଥିବା ନେଇ ଚର୍ଚ୍ଚା ହେଉଛି । ରିପୋର୍ଟ ଅନୁଯାୟୀ, ତାରା ଏବଂ ଆଦର ପ୍ରଥମେ ୨୦୧୮ ମସିହାରେ ଏକ ଦୀପାବଳି ପାର୍ଟିରେ ପରସ୍ପରକୁ ଭେଟିଥିଲେ । ସେମାନେ ପ୍ରାୟ ୪ ବର୍ଷ ଧରି ଏକାଠି ରହିବା ପରେ ୨୦୨୩ ଆରମ୍ଭରୁ ଉଭୟଙ୍କ ବ୍ରେକ ଅପ ହୋଇଥିଲା । ଚଳିତ ବର୍ଷ ଆଦର ଜୈନ ବିବାହ କରିଥିଲେ ।




# ଡେଙ୍ଗୁରେ ଆକ୍ରାନ୍ତ ଇମ୍ରାନ ହାସମୀ

ମହାରାଷ୍ଟ୍ରରେ କରୋନା ମାମଲା ବୃଦ୍ଧି ପାଇବା ସହ ମୌସୁମୀର ପ୍ରଭାବ ମଧ୍ୟ ଦେଖିବାକୁ ମିଳିଛି । ଏଭଳି ପରିସ୍ଥିତିରେ ଡେଙ୍ଗୁ ମାମଲା ମଧ୍ୟ ସାମ୍ନାକୁ ଆସିଛି । ରିପୋର୍ଟ ଅନୁଯାୟୀ, 'ଅଭିନେତା ଇମ୍ରାନ ହାସମୀ ତାଙ୍କର ଆଗାମୀ ପ୍ୟାନ୍ ଇଣ୍ଡିଆ ଫିଲ୍ମ 'ଓଜି'ର ସୁଟିଂ ସମୟରେ ସ୍ୱାସ୍ଥ୍ୟବସ୍ଥା ବିଗିଡିଯାଇଥିଲା । ଏହି ସମୟରେ ସେ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି । ଏହି ଖବର ଆସିବା ପରେ ଫ୍ୟାନ୍ସ ତାଙ୍କ ଶୀଘ୍ର ସୁସ୍ଥତା କାମନା କରିଛନ୍ତି । ମୁମ୍ବାଇର ଗୋରେଗାଓଁର ଆରେ କଲୋନୀରେ ସୁଟିଂ କରୁଥିବା ସମୟରେ ଏହି ରୋଗ ଚିହ୍ନଟ ହୋଇଥିଲା ଇମ୍ରାନ ବର୍ତ୍ତମାନ ସୁସ୍ଥ ହେଉଛନ୍ତି ଏବଂ କିଛି ସମୟ ପାଇଁ ସୁଟିଂରୁ ବିରତି ନେଇଛନ୍ତି । ବର୍ତ୍ତମାନ ସେ ସୁସ୍ଥ ଥିବା ବେଳେ ଡାକ୍ତର ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି । ସୁସ୍ଥ ହେବା ପରେ ପ୍ରଯୋଜନା ଟିମ୍ ସୁଟିଂ ପୁଣି ଆରମ୍ଭ କରିବେ ବୋଲି ଆଶା କରାଯାଉଛି । 'ଓଜି' ହେଉଛି ଇମ୍ରାନ ହାସମୀଙ୍କର ତେଲୁଗୁ ଡେବ୍ୟୁ । ଫିଲ୍ମରେ ଅଭିନେତା ଖଳନାୟକ ଭୂମିକାରେ ନଜର ଆସିବେ । ଏହି ଫିଲ୍ମରେ ସାଉଥ୍ ?ର ପାୱାର ଷ୍ଟାର ପୱନ କଲ୍ୟାଣଙ୍କ ସହ ପ୍ରଥମ ଥର ପାଇଁ ସ୍କ୍ରିନ ସେୟାର କରିବେ । ପୱନ ଏହି ଚଳଚ୍ଚିତ୍ରରେ ଓଜସ୍ ନାମକ ଜଣେ ଗ୍ୟାଙ୍ଗଷ୍ଟରର ଚରିତ୍ରରେ ଅଭିନୟ କରିବେ । ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ହେଉଛନ୍ତି ସୁଜିତ । ଏହି ଫିଲ୍ମଟି ୨୫ ସେପଟ୍ମେର ୨୦୨୫ରେ ସାରା ବିଶ୍ୱରେ ମୁକ୍ତିଲାଭ କରିବାର ଯୋଜନା ରହିଛି ।

# ଉର୍ବଶୀଙ୍କ ଦାବି

ଖବରରେ ରହିବାର ଟ୍ରିକ୍ ବେଶ ଭଲଭାବେ ଜାଣନ୍ତି ଉର୍ବଶୀ ରୌତେଲା । ସେ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଦାବି କରିଛନ୍ତି, ହଲିଉଡ୍ ଷ୍ଟାର୍ ଲିଓନାର୍ଡୋ ଡିକାପ୍ରିଓ ତାଙ୍କୁ କାନ୍ ଫିଲ୍ମ ଫେଷ୍ଟିଭାଲ୍‌ର କୁଇନ୍ କହିଥିଲେ । ଲିଓନାର୍ଡୋଙ୍କ ସହ ନିଜର ଏକ ସେଲ୍‌ଫି ପୋଷ୍ଟ କରି ସେ ଏହି ଦାବି କରିଛନ୍ତି । ଗୁରୁବାର ଉର୍ବଶୀ ଏକ ପୁରୁଣା ସେଲ୍‌ଫି ଶେୟାର କରିଥିଲେ, ଯେଉଁଥିରେ ସେ ହଲିଉଡ୍ ଷ୍ଟାର୍ ଲିଓନାର୍ଡୋଙ୍କ ସହ ନଜର ଆସିଛନ୍ତି । ଫଟୋଟି ୨୦୨୨ରେ ଉଭୟଙ୍କ ସାକ୍ଷାତର । ଫଟୋ ସହିତ ଉର୍ବଶୀ କ୍ୟାପ୍‌ସନ ଲେଖିଛନ୍ତି 'ଯେତେବେଳେ ଲିଓନାର୍ଡୋ ଡିକାପ୍ରିଓ ତୁମକୁ କାନ୍‌ର ରାଣୀ କହନ୍ତି ! ଧନ୍ୟବାଦ ଲିଓ.. ଏହା ଏକ ଟାଇଟାନିକ୍ କମ୍ପ୍ଲିମେଣ୍ଟ ? ।' ଏହି ପୋଷ୍ଟ ପାଇଁ ୟୁଜର୍ ଉର୍ବଶୀଙ୍କୁ ଖୁବ୍ ଥଟ୍ଟା କରୁଛନ୍ତି । ତେବେ ପ୍ରଥମ ଥର ଉର୍ବଶୀ ଲିଓନାର୍ଡୋଙ୍କୁ ନେଇ ଏଭଳି ଦାବି କରିନାହାନ୍ତି । ୩ ବର୍ଷ ତଳେ ମଧ୍ୟ କାନ୍‌ରେ ତାଙ୍କ ଉପସ୍ଥିତିକୁ ନେଇ ଲିଓନାର୍ଡୋ କମ୍ପ୍ଲିମେଣ୍ଟ ଦେଇଥିଲେ ବୋଲି ଉର୍ବଶୀ କହିଥିଲେ । ଲିଓନାର୍ଡୋ ତାଙ୍କୁ ଜଣେ ପ୍ରତିଭାସମ୍ପନ୍ନ ଅଭିନେତ୍ରୀ କହିଥିଲେ ବୋଲି ଉର୍ବଶୀ ଲେଖିଥିଲେ । ଏଥିପାଇଁ ତାଙ୍କୁ ଖୁବ୍ ଟ୍ରୋଲ୍ କରାଯାଇଥିଲା ।



# ପୁଣି ଅପେକ୍ଷା

ମଣିଷ ଯାହା ଆଶା କରିଥାଏ ତାହା ଅନେକ ସମୟରେ ପୂରଣ ହୋଇନଥାଏ । ଆଉ ସେଥିରୁ ବା ତମନ୍ନା ଭାଟିଆ ବାଦ୍ ପଡ଼ିବେ କେମିତି ? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ବବନ୍': ଫୋର୍ସ ଅଫ ଦ ଫଷରଷ୍ଟ'ର ରିଲିଜ ତାରିଖ ନିକଟରେ ଫାଇନାଲ୍ ହୋଇଛି । ତମନ୍ନା ଆଶା ରଖିଥିଲେ ଯେ, ଫିଲ୍ମଟି ଚଳିତ ବର୍ଷ ରିଲିଜ ହେବ । ହେଲେ ଏହା ଆସନ୍ତା ବର୍ଷ ମେ' ୧୫ରେ ପରଦା ଉପରକୁ ଆସିବ । ଫଳରେ ତାଙ୍କ ଆଶା ମଉଳି ଯାଇଛି । ଏ ବିଷୟରେ ତମନ୍ନା କହନ୍ତି, "ମୋର ଆଶା ଥିଲା ଏହି ଫିଲ୍ମଟି ଚଳିତ ବର୍ଷ ଶେଷ ଭାଗରେ ରିଲିଜ ହେବ । ହେଲେ ତାହା ହେଲାନାହିଁ । ଆସନ୍ତା ବର୍ଷ ମେ' ୧୫ ତାରିଖରେ ଏହା ରିଲିଜ ହେବ । ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟର ପାଇଁ ମାଇଲେଜ ସାବ୍ୟସ୍ତ ହେବ ବୋଲି ଆଶା ରଖିଛି । ତା' ସହ ଶୁଟିଂ ସମୟରେ ସମସ୍ତ କଳାକାର ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି । ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ।" ଏହି ଫିଲ୍ମକୁ ନିର୍ଦ୍ଦେଶନା ଦେଇଛନ୍ତି ଅରୁଣଭ କୁମାର । ସହଯୋଗୀ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଦୀପକ କୁମାର ମିଶ୍ର । ନିକଟରେ ଏହାର ଟିଜର ରିଲିଜ ହୋଇ ଭାଇରାଲ୍ ହୋଇଛି ।





ପରିଣିତା

# ପରିଣୀତିଙ୍କ ଅଜବ ନିଶା

ପରିଣୀତି ଚୋପ୍ରାଙ୍କର ଏକ ଅଜବ ନିଶା ରହିଛି । ବଜାରକୁ କୌଣସି ନୂଆ ବ୍ରାଣ୍ଡର ଜୋତା ଆସିଲେ ତାହାକୁ ନ କିଣିବା ପର୍ଯ୍ୟନ୍ତ ସେ ଥୟ ହୋଇ ବସିପାରନ୍ତି ନାହିଁ । ସମୟ ମିଳିବା ମାତ୍ରେ ସେ ନୂଆ ନୂଆ ବ୍ରାଣ୍ଡର ଜୋତା ଖୋଜି ବୁଲନ୍ତି । ଯଦି କେବେ ସେ ଶପିଂ କରିବାକୁ ଯାଆନ୍ତି ତାଙ୍କର ପ୍ରଥମ ଲକ୍ଷ୍ୟ ଥାଏ ନୂଆ ଜୋତା କିଣିବା । ଏକଦା ସେ ଥରେ ଏକ ଜୋତା ଶୋ' ରୁମ୍‌କୁ ଯାଇଥିଲେ । ବିଭିନ୍ନ ପ୍ରକାର ଜୋତା ବୁଲି ଦେଖିବା ସମୟରେ ସେ ଗୋଟିଏ ଜାଗାରେ ଅଟକି ଗଲେ । ସେହି ଜୋତାକୁ ଭଲ ଭାବରେ ଦେଖିବା ପରେ ତାହାକୁ କିଣିବାକୁ ସ୍ଥିର କଲେ । ପୁଣି ହଲେ କି ଦୁଇ ହଳ ନୁହେଁ, ଏକାଥରେ ୧୫ ହଳ ଜୋତା କିଣି ସେ ସେଠାରୁ ଫେରିଥିଲେ । ଏ ବିଷୟରେ ପରିଣୀତି କହନ୍ତି, "ନୂଆ ଜୋତା ବଜାରକୁ ଆସିବା ମାତ୍ରେ ମୁଁ ତାକୁ ନ କିଣି ରହିପାରେନା । ଏଭଳି ଅଭ୍ୟାସ ମୋର ଅନେକ ଦିନର । ଏପରିକି ଥରେ ମୁଁ ଏକାଥରେ ଏକ ନୂଆ ବ୍ରାଣ୍ଡର ଜୋତା ୧୫ ହଳ କିଣିଥିଲି ।" ପରିଣୀତି ଅଭିନୟ କରିବା ପୂର୍ବରୁ ବଲିଉଡ୍‌ର ନାମୀ ବ୍ୟାନର ଯଶରାଜ ଫିଲ୍ମସରେ ଚାକିରି କରିଥିଲେ । ପୁଣି ଏପରି ସଂଯୋଗ ଏହି ବ୍ୟାନରରୁ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ଏକଦା ନିର୍ଦ୍ଦେଶକ ମନୀଷା ଶର୍ମା ପ୍ରଯୋଜକ ଆଦିତ୍ୟ ଚୋପ୍ରାଙ୍କୁ କହିଥିଲେ ଯେ 'ପରିଣୀତି ଆକ୍ଟିଂରେ ସଫଳ ହେବେ । ତାଙ୍କୁ ଥରେ ସୁଯୋଗ ଦିଅନ୍ତୁ ।' ସେଥର ସିନା ଆଦିତ୍ୟ ମନା କରିଦେଇଥିଲେ, ହେଲେ ପରବର୍ତ୍ତୀ ସମୟରେ ସେ ତାଙ୍କର ନୂଆ ସିନେମା 'ଲେଡିଜ୍ ଭର୍ସେସ ରିକି ବହଲ' ପାଇଁ ମନୀଷଙ୍କୁ ନିର୍ଦ୍ଦେଶକ ଏବଂ ପରିଣୀତିଙ୍କୁ ନାୟିକା ଭାବରେ ସୁଯୋଗ ଦେଇଥିଲେ । ୨୦୧୧ରେ ମୁକ୍ତିଲାଭ କରିଥିବା ଏହି ସିନେମାର ବଜେଟ୍ ଥିବଳା ୨୦ କୋଟି ଏବଂ ତାହା ବକ୍ସ ଅଫିସରେ ୪୯ କୋଟି ଇନ୍‌କମ୍ କରିଥିଲା ।

# ଦୃଢ଼ମନା ସନାୟା

ନବାଗତା ସନୟା କପୁର । ୟା ଭିତରେ ସେ ୨-୩ଟି ସିନେମା ସାଇନ୍ କରିସାରିଲେଣି । ସେପଟେ 'ବୃଷଭ' ଟାଇଟଲବିଶିଷ୍ଟ ଫିଲ୍ମର ଶୁଟିଂ ଶେଷ ହୋଇଛି ଏବଂ 'ଆଖୋଁ କି ଗୁସ୍ତାଖିୟାଁ'ର ପୋଷ୍ଟ ପ୍ରଡକସନ କାମ ଚାଲୁ ରହିଛି । ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ତାଙ୍କ ଆଖିରେ ଆଖିଏ ସ୍ୱପ୍ନ । ଭବିଷ୍ୟତରେ ଭଲ ଅଫର ମିଳିବ ଏବଂ ଦିନେ ନା ଦିନେ ସେ ନିଜକୁ ନାୟିକା ଦୌଡ଼ରେ ସାମିଲ କରିବେ ବୋଲି ଆଶା ରଖିଛନ୍ତି । ନିଜ କ୍ୟାରିୟର ସମ୍ପର୍କରେ ସନାୟା କହନ୍ତି, "କଳାକାର ପରିବାରରେ ମୋର ଜନ୍ମ । ତେଣୁ ଅଭିନୟ ବିଷୟରେ ମୋର କିଛି ଆଇଡିଆ ରହିଛି । ଚଳିତ ବର୍ଷ ହେଉ କି ଆସନ୍ତା ବର୍ଷ ମୋ ସିନେମା ରିଲିଜ ହେବ । ତା' ପରେ ମୋ ଅଭିନୟ ଦର୍ଶକଙ୍କୁ କେତେକ ପ୍ରଭାବିତ କରୁଛି ତାହା ଜଣାପଡ଼ିବ । ପ୍ରତିଟି ଅଫର ବିଷୟରେ ମୋର ପାପା (ସଞ୍ଜୟ କପୁର)ଙ୍କ ସହ ବିଷଦ ଭାବରେ ଆଲୋଚନା କରିଥାଏ । ମୁଁ ଜାଣିଛି ଅଭିନୟ ରାସ୍ତା ଖସଡ଼ିଆ । ଟିକେ ଡିସିସନ ଏପଟ ସେପଟ ହେଲେ ପାଦ ଖସି ଯିବାର ଚାନ୍ସ ରହିଛି । ତେଣୁ ସବୁବେଳେ ଭାବିଚିନ୍ତି ଆଗେଇବାକୁ ପଡ଼ିବ ।" ନିକଟରେ ସେ ଅଭିନୟ କରିଥିବା 'ଜେସି' ଫିଲ୍ମର ଶୁଟିଂ ଶେଷ ହୋଇଛି । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଶୁଜାତ୍ ସୌଦାଗର । ଚଙ୍କି ତନୟା ଅନନ୍ୟ ପାଣ୍ଡେ ହେଉଛନ୍ତି ତାଙ୍କର ଜଣେ ଭଲ ବାନ୍ଧବୀ ।



ସନାୟା

# ପ୍ରଧାନମନ୍ତ୍ରୀ ଭୋପାଳ ଠାରେ ମହିଳା ସଶକ୍ତୀକରଣ ମହାସମ୍ମେଳନକୁ କଲେ ସମ୍ବୋଧିତ

ନୂଆଦିଲ୍ଲୀ (ପିଆଇବି) : ଲୋକମାତା ଦେବୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ ଅବସରରେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମଧ୍ୟପ୍ରଦେଶର ଭୋପାଳରେ ଲୋକମାତା ଦେବୀ ଅହିଲ୍ୟାବାଇ ମହିଳା ସଶକ୍ତୀକରଣ ମହାସମ୍ମେଳନକୁ ସମ୍ବୋଧିତ କରିଥିଲେ। ସେ ଭୋପାଳରେ ଅନେକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେ 'ମା ଭାରତୀ'ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏବଂ ଭାରତର ମହିଳାମାନଙ୍କ ଶକ୍ତିକୁ ସ୍ୱୀକାର କରି ତାଙ୍କ ବକ୍ତବ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶୀର୍ବାଦ ଦେବାକୁ ଆସିଥିବା ଭଉଣୀ ଏବଂ ଝିଅମାନଙ୍କର ବିଶାଳ ସମାବେଶ ପାଇଁ ସେ କୃତଜ୍ଞତା ପ୍ରକାଶ କରିଥିଲେ, କହିଥିଲେ ଯେ ସେମାନଙ୍କ ଉପସ୍ଥିତିରେ ସେ ସମ୍ମାନିତ ଅନୁଭବ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ, ଆଜି ଲୋକମାତା ଦେବୀ ଅହିଲ୍ୟାବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀ, ୧୪୦ କୋଟି ଭାରତୀୟଙ୍କ ପାଇଁ ପ୍ରେରଣାର ଏକ ଅବସର ଏବଂ ରାଷ୍ଟ୍ର ନିର୍ମାଣର ସ୍ମାରକୀ ପ୍ରୟାସରେ ଯୋଗଦାନ ଦେବାର ଏକ ମୁହୂର୍ତ୍ତ। ଦେବୀ ଅହିଲ୍ୟାବାଇଙ୍କ ଉଦ୍ଧୃତି ଦେଇ, ସେ ପୁନର୍ବାର କହିଥିଲେ ଯେ, ପ୍ରକୃତ ଶାସନ ଅର୍ଥ ହେଉଛି ଲୋକଙ୍କ ସେବା କରିବା ଏବଂ ସେମାନଙ୍କ ଜୀବନକୁ ଉନ୍ନତ କରିବା। ସେ ମନ୍ତବ୍ୟ ଦେଇଥିଲେ ଯେ, ଆଜିର କାର୍ଯ୍ୟକ୍ରମ ତାଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ ଏବଂ ତାଙ୍କ ଆଦର୍ଶକୁ ଆଗକୁ ବଢ଼ାଏ। ପ୍ରଧାନମନ୍ତ୍ରୀ ଇନ୍ଦୋର ମେଟ୍ରୋର ଶୁଭାରମ୍ଭ ଏବଂ ଦାତିଆ ଏବଂ ସତନା ପାଇଁ ବିମାନ ସଂଯୋଗୀକରଣ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଏହି ପ୍ରକଳ୍ପଗୁଡ଼ିକ ମଧ୍ୟପ୍ରଦେଶରେ ଭିତ୍ତିଭୂମିକୁ ବୃଦ୍ଧି କରିବ, ବିକାଶକୁ ତ୍ୱରାନ୍ୱିତ କରିବ ଏବଂ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଲୋକମାତା ଦେବୀ ଅହିଲ୍ୟାବାଇ ହୋଲକରଙ୍କ ନାମ ଶୁଣିଲେ ଗଭୀର ଶ୍ରଦ୍ଧା ମନରେ ଭରିଯାଏ ବୋଲି କହିବା ସହିତ ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ, ତାଙ୍କ ଉଲ୍ଲେଖନୀୟ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ପାଇଁ ଶବ୍ଦ କମ୍ ପଡ଼ିଯାଏ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ଦେବୀ ଅହିଲ୍ୟାବାଇ ଦୃଢ଼ ଇଚ୍ଛାଶକ୍ତି ଏବଂ ଦୃଢ଼ ସଂକଳ୍ପର ଶକ୍ତିର ପ୍ରତୀକ, ଯାହା ପ୍ରଦର୍ଶନ କରେ ଯେ ପରିସ୍ଥିତି ଯେତେ ପ୍ରତିକୂଳ ହେଉ ନା କାହିଁକି, ପରିବର୍ତ୍ତନକାରୀ ଫଳାଫଳ ହାସଲ କରାଯାଇପାରିବ। ଇତିହାସ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ, ଅଢ଼େଇରୁ ତିନି ଶତାବ୍ଦୀ ପୂର୍ବେ, ଯେତେବେଳେ ଦେଶ ଅତ୍ୟାଚାରର ପ୍ରପୀଡ଼ିତ ହୋଇ ରହିଥିଲା, ସେତେବେଳେ ସେ ଏପରି ଅସାଧାରଣ କାର୍ଯ୍ୟ କରିବା – ଏହା ଏତେ ଗଭୀର ଯେ ଆଜିର ପିଢ଼ି ତାହା ବିଷୟରେ ଆଲୋଚନା କରିଚାଲିଛି – ଯାହା ସହଜ କାମ ନଥିଲା। ଲୋକମାତା ଅହିଲ୍ୟାବାଇ ହୋଲକର କେବେ ବି ଦିବ୍ୟ ସେବା ଏବଂ ଲୋକଙ୍କ ସେବା ମଧ୍ୟରେ ପାର୍ଥକ୍ୟ କରି ନଥିଲେ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ସେ ସର୍ବଦା ତାଙ୍କ ସହିତ ଏକ ଶିବ ଲିଙ୍ଗ ନେଇ ସବୁସ୍ଥାନକୁ ଯିବା ପାଇଁ ଜଣାଶୁଣା ଥିଲେ, ଯାହା ତାଙ୍କର ଗଭୀର ଭକ୍ତିର ପରିଚୟ ଦିଏ। ତାଙ୍କ ସମୟର ଆହ୍ୱାନଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରି ସେ ଗୁରୁତ୍ୱାରୋପ କରିଥିଲେ ଯେ, ଏପରି ଏକ ଯୁଗରେ ଏକ ରାଜ୍ୟକୁ ନେତୃତ୍ୱ ଦେବା କଣ୍ଟାର ମୁକୁଟ ପିନ୍ଧିବା ସହିତ ସମାନ। ତଥାପି, ଲୋକମାତା ଅହିଲ୍ୟାବାଇ ତାଙ୍କ ରାଜ୍ୟର ସମୃଦ୍ଧି ପାଇଁ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଥିଲେ, ଅତି ଗରିବଲୋକଙ୍କୁ ମଧ୍ୟ ସଶକ୍ତ କରିବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ଛକ୍ତଙ୍କକ୍ଟସ୍ପ;ଲୋକମାତା ଅହିଲ୍ୟାବାଇ ଭାରତର ଐତିହ୍ୟର ଜଣେ ମହାନ ରକ୍ଷକ ଥିଲେଛକ୍ତଙ୍କକ୍ଟସ୍ପ; ବୋଲି ଶ୍ରୀ ମୋଦୀ କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ, ଯେତେବେଳେ ଦେଶର ସଂସ୍କୃତି, ମନ୍ଦିର ଏବଂ ତୀର୍ଥସ୍ଥଳଗୁଡ଼ିକ ଆକ୍ରମଣର ଶିକାର ହେଉଥିଲା, ସେ ସେଗୁଡ଼ିକୁ ସଂରକ୍ଷଣ କରିବାର ଦାୟିତ୍ୱ ନେଇଥିଲେ। କାଶୀ ବିଶ୍ୱନାଥ ସମେତ ଦେଶବ୍ୟାପୀ ଅନେକ ମନ୍ଦିରର ପୁନରୁଦ୍ଧାରରେ ତାଙ୍କ ଅବଦାନ ବିଷୟରେ ସେ ମନ୍ତବ୍ୟ ଦେଇଥିଲେ। ଯେଉଁଠାରେ ଲୋକମାତା ଅହିଲ୍ୟାବାଇ ବ୍ୟାପକ ବିକାଶ କାର୍ଯ୍ୟ କରିଥିଲ, ସେ ସେହି ସହର, ବାରଣାସୀରେ ସେବା କରିବାର ସୁଯୋଗ ପାଇବା ନିଜର ସୌଭାଗ୍ୟ ବୋଲି ପ୍ରକାଶ କରିଥିଲେ।





ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଶ୍ରୀ ସଞ୍ଜୟ ଜାଜୁ



ଶୀତଳଷଷ୍ଠୀ ଉପଲକ୍ଷେ ଗଡ଼ଗଡ଼ିଆ ମନ୍ଦିରରେ ଶିବବିବାହ ଉତ୍ସବ (ଫଟୋ : ମାତୃଭାଷା)

# ବରିଷ୍ଠ କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ

ବଲାଣି (ମାନିସ) : ମହାରତ୍ନ କମ୍ପାନୀ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ ପ୍ଲାଣ୍ଟ ଅଧୀନରେ ଥିବା କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ବଲାଣି ଲୌହଖଣି ସେଲ୍ ରେ ସାମଗ୍ରୀ ପରିଚାଳନା 'ଏମ୍‌ଏମ୍' ବିଭାଗରେ କାର୍ଯ୍ୟରତ ବରିଷ୍ଠ କର୍ମଚାରୀ ଶ୍ରୀ ନିଶାକର କରୁଆଙ୍କୁ ତାଙ୍କ ଅବସର ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଏମ୍‌ଏମ୍ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭାଗ ମୁଖ୍ୟ ଶ୍ରୀ ରାଜେନ୍ଦ୍ର ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, ସେବାବ୍ରତ ପାଲ, ସୁଭାଷ ମିଶ୍ର, ଶିବାଶିଷ ନନ୍ଦ, ଉପେନ୍ଦ୍ର ମୁଣ୍ଡା, ଭାସ୍କର ମହନ୍ତ, ପ୍ରଫୁଲ୍ଲ କରୁଆ, ପଙ୍କଜ ସିଂହ, ବିକିରମ ମୁଣ୍ଡା ଆଦି ପୂର୍ବତନ ସହକର୍ମୀମାନେ ସେମାନଙ୍କର ସ୍ମୃତି ବାଣ୍ଟିଥିଲେ ଏବଂ ଶ୍ରୀ କରୁଆଙ୍କ ଦୀର୍ଘ ସେବା ପାଇଁ ପ୍ରଶଂସା କରିଥିଲେ। ଶ୍ରୀଯୁକ୍ତ କରୁଆ ୩୦ ବର୍ଷରୁ ଅଧିକ ସମୟ ଧରି ବଲାଣି ଖଣିର ବିଭିନ୍ନ ବିଭାଗରେ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ ତାଙ୍କର ଦକ୍ଷତା ଏବଂ ନିଷ୍ଠା ପାଇଁ ଅନେକ ପ୍ରଶଂସା ପାଇଥିଲେ। ବିଶେଷକରି ଏମଏମ ବିଭାଗରେ, ଷ୍ଟୋର କିପର ଭାବରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଥିଲା। ଏହି ଅବସରରେ, ବିଭାଗୀୟ ମୁଖ୍ୟ ଶ୍ରୀଯୁକ୍ତ ସାହୁ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ, ସମସ୍ତେ ଶ୍ରୀଯୁକ୍ତ କରୁଆଙ୍କ ଅବସରପ୍ରାପ୍ତ ଜୀବନର ସୁଖଦ ଏବଂ ସମୃଦ୍ଧ ଭବିଷ୍ୟତ କାମନା କରିଥିଲେ।

# ଆଇଆଇଏମସି ଢେଙ୍କାନାଳ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବ, ଭବିଷ୍ୟତର ବିକାଶ ପାଇଁ ଦେଲେ ପ୍ରତିଶ୍ରୁତି



ଢେଙ୍କାନାଳ (ପିଆଇବି) : କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଂଜୟ ଜାଜୁ ଆଜି ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) କ୍ୟାମ୍ପସ ପରିଦର୍ଶନରେ ଆସି ଏହାର ନବୀକରଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ଏହା ସହିତ ସେ ଏହି କ୍ୟାମ୍ପସର ଆଗାମୀ ବିକାଶ ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ ଶ୍ରୀ ଜାଜୁ ସଂସ୍ଥାନର ବିଭିନ୍ନ ଭିତ୍ତିଭୂମି ବିଶେଷକରି ଛାତ୍ର ଓ ଛାତ୍ରୀ ହଷ୍ଟେଲ, ଏକାଡେମିକ ବ୍ଲକ, ଅଡିଓ-ଭିଡିଓ କେନ୍ଦ୍ର ଓ ପ୍ରଶାସନିକ ବ୍ଲକକୁ ବୁଲି ଦେଖିଥିଲେ। ସଂସ୍ଥାନର ବର୍ତ୍ତମାନର ସ୍ଥିତି, ଶିକ୍ଷାଗତ ପଦକ୍ଷେପ, ଭିତ୍ତିଭୂମି ଆବଶ୍ୟକତା ଓ ସଂପ୍ରସାରଣ ପାଇଁ ଯୋଜନା ସଂପର୍କରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ଏହି ଆଲୋଚନା ଅବସରରେ ପ୍ରଫେସର ପ୍ରଧାନ ଏହି କ୍ୟାମ୍ପସ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଭବିଷ୍ୟତର ସୁଯୋଗ ବିଶେଷକରି ପାଠ୍ୟକ୍ରମ ବିକଳ୍ପର ସଂପ୍ରସାରଣ ଓ ଛାତ୍ରଛାତ୍ରୀ କ୍ଷମତା ବୃଦ୍ଧି ସଂପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ଏହା ସହିତ ସ୍ନାତକୋତ୍ତର ପାଠ୍ୟକ୍ରମ (ଏମଏ) ଆରମ୍ଭ କରିବା ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା। କ୍ୟାମ୍ପସରେ ଚାଲିଥିବା କାର୍ଯ୍ୟର ଅଗ୍ରଗତିକୁ ନେଇ ଶ୍ରୀ ଜାଜୁ ସନ୍ତୋଷ ପ୍ରକାଶ କରିବା ସହ ଗଣଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ଆଇଆଇଏମସି ଢେଙ୍କାନାଳକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଂପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବଙ୍କ ଏହି ଗସ୍ତ ଦେଶରେ ଗଣମାଧ୍ୟମ ଶିକ୍ଷାର ଗୁଣବତ୍ତା ବୃଦ୍ଧି ଓ ଆଞ୍ଚଳିକ କେନ୍ଦ୍ରଗୁଡ଼ିକର ସୁଦୃଢ଼ୀକରଣ ଉପରେ ମନ୍ତ୍ରଣାଳୟ ଦେଉଥିବା ଗୁରୁତ୍ୱକୁ ଦର୍ଶାଉଛି।

# ରାଜ୍ୟ ସରକାରଙ୍କ ଏକ ବର୍ଷପୂର୍ତ୍ତି ଉପଲକ୍ଷେ ନୂଆପଡ଼ାରେ ବିକାଶ ମେଳା ସହିତ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ



ନୂଆପଡ଼ା (ମାନିସ) : ଓଡିଶା ରାଜ୍ୟ ସରକାରଙ୍କ ଏକ ବର୍ଷପୂର୍ତ୍ତି ଉପଲକ୍ଷେ ସମଗ୍ର ରାଜ୍ୟ ସହିତ ନୂଆପଡ଼ା ଜିଲ୍ଲାରେ ମଧ୍ୟ ବିକାଶ ମେଳା ସହିତ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ଜୁନ୍ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ମେଳା ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସଭାବନା ସଭାଗୃହରେ ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତଥା ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ଓରମାସ୍ ଆନୁକୁଲ୍ୟରେ ବିକାଶ ମେଳା ଏବଂ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବା ସହିତ ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ପାରମ୍ପରିକ ଖାଦ୍ୟ ଉତ୍ସବ ପାଳିତ ହେବ। ଏହି ଅବସରରେ ଜିଲ୍ଲାର ସମସ୍ତ ବିଭାଗ ସେମାନଙ୍କ ଉପଲବ୍ଧି ଏବଂଜନକଲ୍ୟାଣକାରୀ ଯୋଜନାର ବାର୍ତ୍ତା ଷ୍ଟଲ୍ ମାଧ୍ୟମରେ ପ୍ରଦର୍ଶିତ କରିବେ। ଜୁନ୍ ୫ ତାରିଖରୁ ଜିଲ୍ଲାର ସବୁ ବ୍ଲକରେ ଏଥିପାଇଁ ପ୍ରଚାର ରଥ ବୁଲିବ। ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ସମସ୍ତ ବିଭାଗ ଆନ୍ତରିକ ପ୍ରୟାସ କରି ଜିଲ୍ଲାରେ ବିକାଶ ମେଳା କୁ ଶତ ପ୍ରତିଶତ ସଫଳ କରିବା ସହିତ ଲୋକ ମାନଙ୍କ ପାଖରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାର ବାର୍ତ୍ତା ପହଞ୍ଚାଇବେ। ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ସବୁଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ କ୍ଷ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆଭାସୀ ମାଧ୍ୟମରେ ହେବ। କୃତି ପ୍ରତିଯୋଗୀମାନଙ୍କୁ ମେଳାରେ ସମ୍ମାନିତ କରାଯିବ। ଏହି ସମୟରେ ରଜ ପର୍ବ ପଡୁଥିବାରୁ ରଜ ପିଠା, ପୋଡ଼ ପିଠା, ପାନ ପ୍ରଦର୍ଶନ ସହିତ ରଜଦୋଳିର ମଧ୍ୟ ବ୍ୟବସ୍ଥା କରାଯିବ। ବିକାଶ ମେଳାରେ ଗୋଟିଏ ଆର୍ଟ ଗ୍ୟାଲେରୀର ବ୍ୟବସ୍ଥା କରାଯାଇଛି କ୍ଷ ଆଜିର ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ , ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜିତ ନାୟକ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ସି ଡି ଏମ୍ ଓ ଡଃ ଗୁରୁପ୍ରସାଦ ଜେନା ଙ୍କ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଯୋଗ ଦେଇଥିଲେ କ୍ଷ ଜିଲ୍ଲାପାଳ କହିଲେ ଯେ ଏକ ସପ୍ତାହ ଧରି ଚାଲିବାକୁ ଥିବା ଏହି ମେଳା ନୂଆପଡ଼ା ଜିଲ୍ଲା ବାସୀଙ୍କୁ ଏକ ସୁନ୍ଦର ନୂତନ ଅନୁଭୂତି ଆଣିଦେବ କ୍ଷ ଏହି ଅବସରରେ ସେ ସ୍ଲୋଗାନ୍ ଦେଇଥିଲେ, 'ଇଷ୍ଟ ଅର୍ ୱେଷ୍ଟ, ନୂଆପଡ଼ା ଇଜ୍ ଦ ବେଷ୍ଟ'।

## ନାଲକୋ ଦ୍ୱାରା ସ୍ମାର୍ଟ ମାଇନିଂ ସମ୍ମିଳନୀ ଆୟୋଜିତ

# ଆଲୁମିନିୟମ କ୍ଷେତ୍ରରେ ଡିଜିଟାଲ ନବସୃଜନ ଉପରେ ଗୁରୁତ୍ୱ




ଭୁବନେଶ୍ୱର : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଭୁବନେଶ୍ୱର ଠାରେ 'ଇଣ୍ଡଷ୍ଟ୍ରି ୪.୦: ସ୍ମାର୍ଟ ମାଇନିଙ୍ଗ ଆଣ୍ଡ ମାନୁଫ୍ୟାକ୍‌ଚରିଙ୍ଗ' ନାମକ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବିଶେଷ କରି, ଇଣ୍ଡଷ୍ଟ୍ରି ୪.୦ ର ଜ୍ଞାନ କୌଶଳ ବ୍ୟବହାର କରି ସ୍ମାର୍ଟ ଆଲୁମିନିୟମ ଉତ୍ପାଦନର ସଦ୍ୟତମ ଧାରା ଉପରେ ବିସ୍ତୃତ ଆଲୋଚନା ତଥା ପର୍ଯ୍ୟାଲୋଚନା କରିବା ଲାଗି ଏଭଳି ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ସ୍ୱୟଂଚାଳିତ ଉତ୍ପାଦନ, ଏଆଇ, ଆଇଓଟି, ବିଗ୍ ଡାଟା, ଏବଂ ଡାଟା ଆନାଲିଟିକ୍ସ ମାଧ୍ୟମରେ ଦେଶରେ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଶିଳ୍ପ ପ୍ରତିନିଧି, ଟେକ୍ନୋକ୍ରାଟ୍ , ଶିକ୍ଷାବିତ ଏବଂ ଷ୍ଟାର୍ଟ-ଅପ କମ୍ପାନୀ ମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଥିଲେ । ଏହି ସମ୍ମିଳନୀକୁ ଉଦ୍ଘାଟନ କରି, ନାଲକୋ ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଦକ୍ଷତା ଏବଂ ପ୍ରତିଯୋଗିତାମୂଳକତା ଅଭିବୃଦ୍ଧି ପାଇଁ ଇଣ୍ଡଷ୍ଟ୍ରି ୪.୦ ପ୍ରଯୁକ୍ତିବିଦ୍ୟା ଉପଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ସିଂହ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବାରେ ଷ୍ଟାର୍ଟ-ଅପ୍ସ ଏବଂ 'ମେକ୍ ଇନ୍ ଇଣ୍ଡିଆ'; ପ୍ରୟାସ ଭଳି ସରକାରଙ୍କ ନୀତି ଶିଳ୍ପ ଗୁଡ଼ିକୁ କିପରି ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସଫଳ ହୋଇଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଭାବରେ ଭାରତ ଦୃଢ଼ ନିବେଶ ଏବଂ ଭିତ୍ତିଭୂମି ଅଭିବୃଦ୍ଧି ହାସଲ କରିବାକୁ ଯାଉଅଛି, ଯାହା କୋର ଏବଂ ଉତ୍ପାଦନ ସମ୍ବନ୍ଧୀୟ ଶିଳ୍ପର ଦ୍ରୁତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ, ଶ୍ରୀ ଜଗଦୀଶ ଆରୋରା, ନିର୍ଦ୍ଦେଶକ (ପିଆଣ୍ଡଟି) ସ୍ୱାଗତ ଭାଷଣ ପ୍ରଦାନ କରି ଇଣ୍ଡଷ୍ଟ୍ରି ୪.୦ କିପରି ସ୍ୱୟଂଚାଳିତତା, ଏଆଇ ଏବଂ ଆଇଓଟି ଦ୍ୱାରା ପରିଚାଳିତ ହେଉଅଛି ବର୍ଣ୍ଣନା କରିଥିଲେ ଯାହା ଉତ୍ପାଦନ ଏବଂ ଶିଳ୍ପ କାର୍ଯ୍ୟରେ ପରିବର୍ତ୍ତନକାରୀ ମୂଲ୍ୟ ସୃଷ୍ଟିକୁ ପ୍ରୋତ୍ସାହିତ କରିଥାଏ। ବେଦାନ୍ତ ଆଲୁମିନିୟମ ଲିମିଟେଡର ସିଇଓ ଶ୍ରୀ ରାଜୀବ କୁମାର ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲର ବ୍ୟବସାୟ ପରିବର୍ତ୍ତନ ଏବଂ ଡିଜିଟାଲ୍ ସମାଧାନ ମୁଖ୍ୟ ଶ୍ରୀ ସରଜିତ ଝା ଅଧିବେଶନରେ ଭର୍ଚୁଆଲ୍ ମୋଡ ରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ ଏବଂ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ, ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ଶ୍ରୀ ପଙ୍କଜ କୁମାର ଶର୍ମା ଏବଂ ନିର୍ଦ୍ଦେଶକ (ମାନବସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ, ମଧ୍ୟ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ଇଣ୍ଡଷ୍ଟ୍ରି ୪.୦ ପରିଦୃଶ୍ୟରେ ଉଦୀୟମାନ ଧାରା ଏବଂ ରଣନୀତି ଉପରେ ଆଲୋଚନା ନିମନ୍ତେ ସେଲ୍, ଟାଟା ଷ୍ଟିଲ୍, ବେଦାନ୍ତ, ଡେଲଏଟ୍ ଇଣ୍ଡିଆ, ଇୱାଇ-ପାର୍ଥେନନ୍, ଏବଂ ମ୍ୟାକକିନ୍ସେ ଆଣ୍ଡ୍ କମ୍ପାନୀର ପ୍ରତିନିଧିମାନେ ସମ୍ମିଳନୀରେ ବିଶିଷ୍ଟ ବକ୍ତା ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ପାରସ୍ପରିକ ଜ୍ଞାନ ଆଦାନପ୍ରଦାନ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ଏବଂ ଇଣ୍ଡଷ୍ଟ୍ରି ୪.୦ କୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତିକ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା, ଯେଉଁଥିରେ ଏଆଇ ଏବଂ ଡାଟା ଆନାଲିଟିକ୍ସ ଉପରେ ଟେକ୍ନୋକ୍ରାଟ୍ ଅଧିବେଶନ ଏବଂ ପ୍ୟାନେଲ୍ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ଟେକ୍ନୋକ୍ରାଟ୍, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଧାତୁ କ୍ଷେତ୍ର ଏବଂ ସହଯୋଗୀ ଶିଳ୍ପର ପ୍ରତିନିଧିମାନେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଯୁକ୍ତିବିଦ୍ୟା ଜ୍ଞାନ ଆଦାନପ୍ରଦାନ କରିଥିଲେ।

# ଧାମନଗର ବ୍ଲକରେ ୪ ଶହ ଟଙ୍କା ସହାୟତା ଭତ୍ତାରୁ ବଞ୍ଚିତ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ



ଧାମନଗର (ମାନିସ) : ଧାମନଗର ବ୍ଲକରେ କିଛିଦିନ ହେବ ଉନ୍ନୟନ କାର୍ଯ୍ୟ ଠପ ହୋଇ ଯାଇ ଥିବାବେଳେ ବ୍ଲକ ପ୍ରଶାଶସନ ଗ୍ରୀଷ୍ମ କାଳୀନ ଭତା ବଣ୍ଟନ କରି ନପାରି ଏବେ ନାନା ସମସ୍ୟାରେ ଛନ୍ଦୀ ହୋଇ ପଡ଼ିଛନ୍ତି। ପ୍ରକାଶ ଥାଉକି ଧାମନଗର ବ୍ଲକର ୩୧ ପଞ୍ଚାୟତରେ ଭତ୍ତା ହିତାଧିକାରୀ ଗ୍ରୀଷ୍ମ କାଳୀନ ୪ ଶହ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭତ୍ତା ହିତାଧିକାରୀ ଏହି ଟଙ୍କାରେ ଜୋତା ଓ ଛତା କିଣି ବ୍ୟବହାର କରିବେ। ହେଲେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୯ ହଜାର ୨୮୬ ଜଣଙ୍କୁ ମିଳୁଥିବା ଭତ୍ତା ହିତାଧିକାରୀ ଏହି ୪ ଶହ ଟଙ୍କାରୁ ବଞ୍ଚିତ ହୋଇଛନ୍ତି। ତେବେ ମେ ମାସରେ ଏହି ହିତାଧିକାରୀଙ୍କୁ ସରକାରଙ୍କ ଦ୍ୱାରା ଏକ ହଜାର ସମେତ ଗ୍ରୀଷ୍ମ କାଳୀନ ସହାୟତା ୪ ଶହ ଟଙ୍କା ମିଶାଇ ମୋଟ ୧୪୦୦ ଟଙ୍କା ପ୍ରଦାନ କରାଯିବା କଥା। ହେଲେ ଏହି ରାଶି ହାତାହାତି ୧୭ ହଜାର ୧୭୯ ଜଣ ଭତ୍ତା ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ଭତ୍ତାଧାରି ଏହି ସହାୟତାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଧାମନଗର ଗୋଷ୍ଠି ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡାଙ୍କୁ ପଚାରିବାରୁ କୁହନ୍ତି ହାତାହାତି ପାଉଥିବା ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଭତ୍ତା ପ୍ରଦାନ ସମୟରେ ଗ୍ରୀଷ୍ମ କାଳୀନ ସହାୟତା ୪ ଶହ ଟଙ୍କା ଆମେ ପ୍ରଦାନ କରିଦେଇଛୁ। ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଖାଲି ଏକ ହଜାର ଭତ୍ତା ଟଙ୍କା ମିଳିଛି। ହେଲେ ୪ ଶହ ଟଙ୍କା ମିଳିନାହିଁ। ଏବାବଦରେ ମୁଁ ଜିଲ୍ଲାପାଳଙ୍କୁ ଜଣାଇଛି। ଶିଘ୍ର ସମାଧାନ କରାଯାଇ ପ୍ରଦାନ କରାଯିବ ବୋଲି ଶ୍ରୀ ଦିଣ୍ଡା କହିଛନ୍ତି। ଅନ୍ୟପକ୍ଷେ ସରକାର ଅନଲାଇନ ପ୍ରଣାଳୀ କହୁଛନ୍ତି। ବ୍ୟାଙ୍କରେ ଜିରୋ ଆକାଉଣ୍ଟ ଖାତା ଖୋଲି ଭତ୍ତା ଟଙ୍କା ପ୍ରଦାନ କରିବାକୁ ନିଷ୍ପତି ନେଲେ ହେଲେ ଧାମନଗର ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ଦାସ ତାଙ୍କ କର୍ମଚାରିଙ୍କ ସହଯୋଗରେ ହିତାଧୀକାରୀ ବ୍ୟାଙ୍କ ମାଧ୍ୟମରେ ଭତ୍ତା ନପଠାଇ ଅଫଲାଇନ ମାଧ୍ୟମରେ ଦେବାକୁ ବାଧ କରୁଥିବା ଅଭିଯୋଗ ହେଉଛି। ଅପର ପକ୍ଷେ ଜଣେ ସାଧାରଣ ଲୋକ ଉକ୍ତ ବିଭାଗକୁ ଗଲାବେଳେ ସନ୍ତୋଷ ଜନକ ଉତ୍ତର ନଦେଇ ଜିଲ୍ଲାପାଳଙ୍କୁ ଦେଖକର ବୋଲି କହୁଛନ୍ତି। ଏ ଦିଗରେ ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ତୁରନ୍ତ ଅଫ୍ ଲାଇନିରେ ପାଉଥିବା ହିତାଧିକାରୀଙ୍କୁ ଗ୍ରୀଷ୍ମ କାଳୀନ ଭତା ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାଲେଶ୍ୱର (ମାନିସ) : ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ମେ ଆଇ ହେଲ୍ପ ୟୁ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ସୁମିତ୍ରା ଦେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡା ସୁଧାଂଶୁ ପରିଡା ତମାଖୁ ସେବନ ଦ୍ୱାରା କର୍କଟ, ହୃଦ ରୋଗ ଭଳି ମାରାତ୍ମକ ରୋଗ ହୋଇଥାଏ,ଏଥିପାଇଁ ବ୍ୟାପକ ସଚେତନତା ଆବଶ୍ୟକ ବୋଲି କହିଥିଲେ।ଏ ବର୍ଷ ର ବାର୍ତ୍ତା ତମାଖୁର ବିକ୍ରିବଟା ଓ ସେଗୁଡିକର ବିଜ୍ଞାପନ ପାଇଁ ପ୍ରଣୀତ ନୂତନ କୌଶଳର ପର୍ଦ୍ଦାଫାଶ କରିବା ଏବଂ ତମାଖୁ ବର୍ଜନ ପାଇଁ ସଚେତନତା କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ ରୋଗ ବିଶେଷଜ୍ଞ ଡା ଅରୂପ ଅଭିଷେକ୍, ସହକାରୀ ପ୍ରବନ୍ଧକ ଅଣ ସଂକ୍ରମକ ରୋଗ ମୌସୁମୀ ସାମଲ ପ୍ରମୁଖ ତମାଖୁ ବର୍ଜନ ସମ୍ପର୍କ ରେ ଆଲୋଚନା କରିଥିଲେ।ଏହି ଅବସରରେ ତମାଖୁ ବର୍ଜନ ପାଇଁ ଶପଥ ପାଠ କରାଯାଇଥିଲା।ତମାଖୁ ବର୍ଜନ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦୀପ କୁମାର ସାହୁ ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ



ବାରିପଦା (ମାନିସ) : ଆଜି ବାରିପଦା ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଅଧ୍ୟକ୍ଷତା ରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ବାହାରି ବାରିପଦା ସହର ପରିକ୍ରମା କରି ତମାଖୁ, ଅନ୍ୟାନ୍ୟ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ବନ୍ଧରେ ଅବଗତ କରାଇ ଏହାର ବ୍ୟବହାରର କୁପ୍ରଭାବ ସ୍ୱରୂପ ନିଜେ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡିବା ସହିତ ନିଜ ପରିବାରବର୍ଗଙ୍କୁ କିପରି ଏକ ଦୁଃଖଦ ଅନିଶ୍ଚିତ ଭବିଷ୍ୟତ ଆଡକୁ ଟାଣି ନେଇ ଯାଇଥାନ୍ତି ସେ ବିଷୟରେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାର ସଚେତନଧର୍ମୀ ବାର୍ତ୍ତା ଜରିଆରେ ଅବଗତ କରାଇଥିଲେ ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ବିଭିନ୍ନ ଲୋକ ମାନଙ୍କୁ ଓ ପାନ ଦୋକାନ ମାନଙ୍କରେ ତମାଖୁ ବ୍ୟବହାରର ଭୟାବହତା ଉପରେ ବୁଝା ଯାଇଥିଲା। ଏଥି ସହିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ସଚେତନତା ସଭାର ମଧ୍ୟ ଆୟୋଜନ କରଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ନାଟକ ମାଧ୍ୟମରେ ସଚେତନତା କରିଥିଲେ। ଉକ୍ତ ସଭାରେ କୁଳିଅଣା, କପ୍ତିପଦା ଓ ବଡ଼ସାହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ତମାଖୁ ମୁକ୍ତ ଏବଂ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ପୁରସ୍କୃତ କରା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟ ରେ ବିଭିନ୍ନ ବିଭାଗ ଯଥା ଅବକାରୀ, ଶିକ୍ଷା, ପୋଲିସ୍ ବିଭାଗକୁ ମଧ୍ୟ ତମାଖୁ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଲାଗି ପୁରସ୍କୃତ କରା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଘାସିରାମ ମୁର୍ମୁ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାର ବିକାଶ ରଞ୍ଜନ ମହାନ୍ତି, ଡାକ୍ତର ଜ୍ଞାନେନ୍ଦ୍ର ମହାନ୍ତି, ଜିଲ୍ଲା ଅବକାରୀ ଅଧିକ୍ଷକ,ପ୍ରଶାନ୍ତ କୁମାର କହଁର, ଜିଲ୍ଲା ଡ୍ରଗ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ, ଶିକ୍ଷା ବିଭାଗ ରୁ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଭାରତୀ ଆରୁଖ, ଜିଲ୍ଲା ସମ୍ପ୍ରସାରଣ ଅଧିକାରୀ ଧନୁ ମୁର୍ମୁ, ଗଣେଶ୍ୱର ମହାନ୍ତି , ଡାକ୍ତର ଶୁଭମ୍ ଶ୍ରୀତମ ସାମନ୍ତରାୟ, କହ୍ନେଇ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କଡ଼େଇ ଗ୍ରାମରେ ଶିବ ବିବାହ

ଟାଙ୍ଗୀ (ମାନିସ) : କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଉଚ୍ଚପଦ ପଞ୍ଚାୟତ ର ମାଳିକା ପ୍ରସିଦ୍ଧ କଡ଼େଇ ଗ୍ରାମରେ ମହା ଆଡ଼ମ୍ବରରେ ଶିବ ବିବାହ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି।ବର ପକ୍ଷର ପିତା ତାରେଣୀ ପ୍ରସାଦ ପଣ୍ଡା ଓ କନ୍ୟା ପକ୍ଷର ପିତା ଭବାନୀ ପ୍ରସାଦ ଦାଶ ଙ୍କ ଦ୍ୱାରା ଯଥାବିଧି ନୀତିନିୟମ ସହ ପୁରୋହିତ, ନାୟକ, ବାରିକ ଓ ଶଙ୍ଖୁଆ ଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା। ଗ୍ରାମର ଆବାଳ ବୃଦ୍ଧବନିତ ଆନନ୍ଦ ଉଲ୍ଲାସରେ ବିବାହ କାର୍ଯ୍ୟରେ ଯୋଗଦେଇ ବିଭୁ କୃପା ଲାଭ କରିଥିଲେ। ଏହି କାର୍ଯ୍ୟକୁ ଆଗେଇ ନେଇଥିଲେ ଯୁବ ସଙ୍ଗଠକ ତପନ କୁମାର ସାହୁ, ନିହାର ପ୍ରସାଦ ନାୟକ, ଦିଗମ୍ବର ଦାସ, ପ୍ରଦୀପ୍ତ ଦାସ, ସୁଶାନ୍ତ ସାହୁ, ନାଟ୍ୟ ସମ୍ପାଦକ ପ୍ରକାଶ କୁମାର ସ୍ୱାଇଁ, ଉଦୀୟମାନ ଯୁବକ ସ୍ୱପ୍ନଜିତ ସ୍ୱାଇଁ ଙ୍କ ସହ ସବୁ ବର୍ଗର ଭକ୍ତ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରାଇଥିଲେ।

GOVERMENT OF ODISHA
ST & SC DEVELOPMENT DEPARTMENT
OFFICE OF THE PROJECT ADMINISTRATOR, ITDA, KAPTIPADA, UDALA

**e-Procurement Notice Bid Identification**
**No. ITDAKPD– 02/2025-26**
No. 1048./ ITDA, Dt. 30/05/25

No : CAD-608

The Project Administrator, ITDA, Kaptipada on behalf of Governor of Odisha invites Percentage Rate bids in online mode for Construction of the work detailed below.

1. Nature of the work : Const. of Multi Purpose Centre, Hata Pindi, CC Road & Drainage System, Canal Fall
2. Total No. of work : 06 (Six)
3. Class of Contractor : 'D', 'C' & 'B' Class
4. Period of Completion : Three to Four Calendar Months
5. Cost of the Project : 8,82,310/- to 46,31,281/-
6. Availability of Bid : 11.00 AM of 02.06.25 to 5.00 PM of 11.06.25
7. Date of opening: of the Tender 11.00 AM on 12.06.25

The bidders have to participate in online bidding only. The details will be available in the website **www.tendersorissa.gov.in from 11.00 AM of 02.06.25 to 5.00 PM of 11.06.25.**

OIPR– 19032/11/0010/2526

**Project Administrator**
**ITDA, Kaptipada, Udala**

MBA/25-26/0106

# ଆଜି ମୁମ୍ବାଇ-ପଞ୍ଜାବ ୨ୟ କ୍ୱାଲିଫାୟର

## ବିଜୟୀ ଦଳ ଆରସିବି ସହ ଖେଳିବ ଫାଇନାଲ୍



**ଅହମ୍ମଦାବାଦ,୩୧ ।୫:** ଆଉ ଗୋଟିଏ ମ୍ୟାଚ । ମିଳିଯିବେ ଆଇପିଏଲ୍‌ର ଦୁଇ ଫାଇନାଲିଷ୍ଟ । ଆରସିବି ବିପକ୍ଷରେ କିଏ ଖେଳିବ ଚଳିତ ସିଜନ୍‌ର ଫାଇନାଲ ମୁକାବିଲା ? ଦ୍ୱିତୀୟ କ୍ୱାଲିଫାୟର ପରେ ତାହା କ୍ଲିୟର ହୋଇଯିବ । ପଞ୍ଜାବ କିଙ୍ଗସ୍ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ କ୍ୱାଲିଫାୟର-୨ ଖେଳାଯିବ । ବିଜୟୀ ଦଳ ଫାଇନାଲ ଟିକେଟ୍ ହାତେଇବ । ପରାଜିତ ଦଳର ଅଭିଯାନ ସରିବ । ତେବେ ଆସନ୍ତୁ ଜାଣିବା ମୁମ୍ବାଇ ଇଣ୍ଡିଆନ୍ସର କ୍ୱାଲିଫାୟର-୨ରେ ଟ୍ରାକ୍ ରେକର୍ଡ । ଅନ୍ୟପକ୍ଷରେ ଦୀର୍ଘ ୧୧ ବର୍ଷ ପରେ କ୍ୱାଲିଫାଏ କରିଥିବା ପଞ୍ଜାବ ଫାଇନାଲ୍‌ରେ ପହଞ୍ଚିବାକୁ ନିଶ୍ଚିତ ଚେଷ୍ଟା କରିବ ।

ଶୁକ୍ରବାର ମୁମ୍ବାଇ ଓ ଗୁଜରାଟ ମଧ୍ୟରେ ଏଲିମିନେଟର ମ୍ୟାଚ ଖେଳାଯାଇଥିଲା । ଏଥିରେ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୨୨୮ ରନ୍ କରିଥିଲା । ହିଟ୍‌ମ୍ୟାନ୍ ରୋହିତ ଶର୍ମା ୫୦ବଲ୍‌ରେ ୮୧ରନ୍ କରିଥିଲେ । ଯେଉଁଥିରେ ୯ ଚୌକା ଓ ୪ ଛକା ରହିଥିଲା । ସେହିପରି ବେୟାରଷ୍ଟୋ ୪୭ ରନ୍, ସୂର୍ଯ୍ୟକୁମାର ୩୩, ତିଳକ ବର୍ମା ୨୫ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଅପରାଜିତ ୨୨ ରନ୍ କରିଥିଲେ । ଗୁଜରାଟକୁ ୨୨୯ରନ୍‌ର ଟାର୍ଗେଟ ଦେଇଥିଲା ମୁମ୍ବାଇ ।

ଲକ୍ଷ୍ୟ ନେଇ ପାଳି ଆରମ୍ଭ କରିଥିଲା ଗୁଜରାଟ । ସାଇ ସୁଦର୍ଶନ ୪୯ ବଲ୍‌ରେ ୮୧ ରନ୍ ? କରିଥିଲେ । ଅଧିନାୟକ ଶୁବମନ୍ ଗିଲ ୧ ରନ୍ , ମେଣ୍ଡିସ୍ ୨୦ ରନ୍, ୱାଶିଂଟନ ସୁନ୍ଦର ୪୮, ରଦରଫୋର୍ଡ ୨୪ ରନ୍ କରିଥିଲେ । ହେଲେ ଲକ୍ଷ୍ୟ ହାସଲ କରିପାରିନଥିଲେ । ୬ ୱିକେଟ ହରାଇ ୨୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ୨୦ରନ୍‌ରେ ଟାଇଟନ୍ସକୁ ହରାଇ ସପ୍ନକୁ ଧୂଳିସାତ କରି ଦେଇଥିଲା ମୁମ୍ବାଇ । ଆସନ୍ତାକାଲି ପଞ୍ଜାବ ବିପକ୍ଷରେ କ୍ୱାଲିଫାୟର-୨ ଖେଳିବ ।

### ଆଇସିସିର ଗ୍ରୀନ୍ ସିଗ୍‌ନାଲ

# ୩୪ ଓଭର ପରେ ଗୋଟିଏ ବଲ୍, ୫ ବ୍ୟାକଅପ୍ ପ୍ଲେୟାର

- କ୍ରିକେଟରେ ବଦଳିବ ନିୟମ
- ଡବ୍ଲ୍ୟୁଟିସି ପ୍ରଥମ ଟେଷ୍ଟ ମ୍ୟାଚରୁ ଲାଗୁ ହେବ ନୂଆ ନିୟମ

**ନୂଆଦିଲ୍ଲୀ,୩୧ ।୫:** ଜୁନ୍ ୧୧ରୁ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଆରମ୍ଭ ହେବାକୁ ଯାଉଛି । ଏହା ପୂର୍ବରୁ କ୍ରିକେଟରେ କିଛି ନିୟମ ବଦଳିବାକୁ ଯାଉଛି । ଉଭୟ ଦିନକିଆ ଓ ଟେଷ୍ଟ ଫର୍ମାଟରେ ଲାଗୁ ହେବ ନୂଆ ନିୟମ । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେଇଙ୍ଗ-୧୧ରେ କିଛି ପରିବର୍ତ୍ତନ କରିବାକୁ ଯାଉଛି । ଆଇସିସି ତାର ସଦସ୍ୟଙ୍କୁ ପଠାଇଥିବା ଏକ ସନ୍ଦେଶରୁ କିଛି ଏମିତି ସିଗନାଲ ମିଳିଛି । ଜୁନ୍‌ରୁ ଟେଷ୍ଟ ମ୍ୟାଚ ଚୂଡାନ୍ତ ଏକାଦଶ ଏବଂ ହ୍ୱାଇଟ୍‌ବଲ କ୍ରିକେଟରେ ଜୁଲାଇରୁ ନୂଆ ରୁଲ୍ ଲାଗୁ ହେବ । ପ୍ଲେଇଙ୍ଗ-୧୧ ସ୍ଥିତିରେ ସବୁଠୁ ବଡ଼ ପରିବର୍ତ୍ତନ ଦିନିକିଆରେ ହେବାକୁ ଯାଉଛି ।

ନୂଆ ଦିନିକିଆ ବଲ୍ ରୁଲ- ୧ ରୁ ୩୪ ଓଭରରେ ଦୁଇଟି ନୂଆ ବଲ୍ ରହିବ । ୩୫ତମ ଓଭର ପୂର୍ବରୁ ଫିଲ୍ଡି କରୁଥିବା ଟିମ୍ ଇନିଂସ ଶେଷ ଯାଏ ସେଥିରୁ ଗୋଟିଏକୁ ଚୟନ କରିବ । ଯେ ପର୍ଯ୍ୟନ୍ତ ବଲ୍ ଖେଳିବାକୁ ପାଇଁ ଅନୁପଯୁକ୍ତ ନ ହୋଇଛି ସେବେ ଯାଏ ବ୍ୟବହାର କରାଯିବ । ଯଦି ମ୍ୟାଚ ୨୫ ଓଭରର କିମ୍ବା ତାଠୁ କମ୍ ହୁଏ ତେବେ ଦୁଇପକ୍ଷଙ୍କୁ କେବଳ ଗୋଟିଏ ନୂଆ ବଲ ଦିଆଯିବ । ଏହି ରୁଲ ଉଭୟ ଦିନିକିଆ ଓ ଟେଷ୍ଟ ଫର୍ମାଟ ପାଇଁ ଲାଗୁ ହେବ ।

୫ ବ୍ୟାକଅପ୍ ପ୍ଲେୟାର- ପ୍ରତି ମ୍ୟାଚ ପାଇଁ ଯାହା ବି ହେଲେ ଦଳ ୫ ବ୍ୟାକଅପ୍ ଅର୍ଥାତ ବିକଳ୍ପ ପ୍ଲେୟାର ରହିବେ । ସେମାନେ ଯଥାକ୍ରମେ ଜଣେ ୱିକେଟ କିପର, ଜଣେ ବ୍ୟାଟ୍ସମ୍ୟାନ, ଜଣେ ଫାଷ୍ଟ ବୋଲର ଓ ଜଣେ ସ୍ପିନର, ଜଣେ ଅଲରାଉଣ୍ଡର ରହିବେ । ଯଦି ସେମାନେ ଯଦି ଷ୍ଟାଣ୍ଡ ବାଏ ପ୍ଲେୟାର ଆହତ ହୁଅନ୍ତି ମ୍ୟାଚ ରେଫରୀ ପରିସ୍ଥିତି ଦେଖି ରିପ୍ଲେସମେଣ୍ଟ ଅନୁମତି ଦେବେ ।

କେବେ ଲାଗୁ ହେବ ନୂଆ ରୁଲ- ମିଳିଥିବା ରିପୋର୍ଟ ଅନୁସାରେ ନୂଆ ନିୟମ ଡବ୍ଲୁଟିସି ପ୍ରଥମ ଟେଷ୍ଟ ମ୍ୟାଚରୁ ଲାଗୁ ହେବ । ଯାହା ଜୁନ୍ ୧୭ରୁ ଶ୍ରୀଲଙ୍କା ଏବଂ ବାଂଲାଦେଶରେ ହେବ ।

# ଟେଷ୍ଟରୁ ସନ୍ନ୍ୟାସ ନେବାର ହିଣ୍ଟ ଦେଲେ ବୁମରା !

ଜସପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷରେ ଆଗାମୀ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପୂର୍ବରୁ ଏକ ଆବେଗପୂର୍ଣ୍ଣ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ କ୍ରିକେଟ ଖେଳ ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଯାତ୍ରା ହୋଇଛି, କିନ୍ତୁ ଏହା ସଦାସର୍ବଦା ଚାଲିବ ନାହିଁ ।



**ନୂଆଦିଲ୍ଲୀ,୩୦ ।୫:** ଭାରତୀୟ କ୍ରିକେଟ ଦଳର ତାରକା ଦ୍ରୁତ ବୋଲର ଜସପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷରେ ଆଗାମୀ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଏକ ଆବେଗପୂର୍ଣ୍ଣ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ କ୍ରିକେଟ ଖେଳ ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଯାତ୍ରା ହୋଇଛି, କିନ୍ତୁ ଏହା ସଦାସର୍ବଦା ଚାଲିବ ନାହିଁ । ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ କ୍ଲାର୍କଙ୍କ ସହ ବିୟଣ୍ଡ୨୩ କ୍ରିକେଟ ପଡ଼କାଷ୍ଟରେ କଥାବାର୍ତ୍ତା ସମୟରେ ବୁମ୍ରା ଏହି ମନ୍ତବ୍ୟ ଦେଇଛନ୍ତି ।

୩୧ ବର୍ଷୀୟ ବୁମ୍ରା, ଯିଏ ଭାରତ ପାଇଁ ୪୫ଟି ଟେଷ୍ଟ, ୮୯ଟି ଦିନିକିଆ ଏବଂ ୭୦ଟି ଟି-୨୦ ମ୍ୟାଚ ଖେଳିଛନ୍ତି, ସେ କହିଛନ୍ତି, "ଏହା ଏକ ଏପରି ଖେଳ ଯାହାକୁ ମୁଁ ବହୁତ ଭଲ ପାଏ । ମୁଁ ଅଷ୍ଟ୍ରେଲିଆ ଗସ୍ତରେ ଥାଇ ଦେଖିଲି ଯେ ଅନେକ ଯୁବ ଖେଳାଳୀ ମୋ ବୋଲିଂ ଶୈଳୀକୁ ଅନୁକରଣ କରୁଛନ୍ତି । ଏହା ମୋ ପାଇଁ ଅବିଶ୍ୱାସ୍ୟ ଅନୁଭବ । ମୁଁ ମଧ କୌଣସି ସମୟରେ ଏପରି କରୁଥିଲି । ତେଣୁ, ଏହି ଯାତ୍ରା ସଦାସର୍ବଦା ଚାଲିବ ନାହିଁ, କିନ୍ତୁ ଯେତେବେଳେ ଏହା ଶେଷ ହେବ, ମୁଁ ଏହି ଖେଳକୁ କିଛି ଫେରାଇ ଦେବାକୁ ଚାହେଁ । କାରଣ ମୋର ଯାହା କିଛି ଅଛି, ତାହା ଏହି ଖେଳ ମାଧ୍ୟମରେ ହିଁ ମିଳିଛି ।"

ବୁମ୍ରା ବର୍ତ୍ତମାନ ଆଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି । ଏହି ଟୁର୍ନାମେଣ୍ଟ ପରେ ସେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାଗ ନେବେ । ତେବେ, ରିପୋର୍ଟ ଅନୁସାରେ, ସେ ସମସ୍ତ ପାଞ୍ଚଟି ଟେଷ୍ଟ ମ୍ୟାଚ ଖେଳିବେ ନାହିଁ । ବୁମ୍ରା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ଜଣାଇଛନ୍ତି ଯେ ତାଙ୍କ ଶରୀର ତିନୋଟିରୁ ଅଧିକ ଟେଷ୍ଟ ଖେଳିବାର ଚାପ ନେଇ ପାରିବ ନାହିଁ । ଏହା ସହିତ, ତାଙ୍କ ସାମ୍ପ୍ରତିକ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ପିଠିରେ ଆଘାତ ହେବା ପରେ, ତାଙ୍କ ଖେଳ ସଂଖ୍ୟା ସୀମିତ ହେବାର ସମ୍ଭାବନା ରହିଛି ।

ଇଂଲଣ୍ଡ ସିରିଜ ଜୁନ ୨୦ରୁ ଲିଡ଼ସରେ ଆରମ୍ଭ ହେବ, ଯେଉଁଠାରେ ବୁମ୍ରା ଡ୍ୟୁକ୍ସ ବଲ ସହିତ ବୋଲିଂ କରିବାକୁ ଉତ୍ସୁକ । ସେ କହିଛନ୍ତି, "ଇଂଲଣ୍ଡରେ ଖେଳିବା ସଦାସର୍ବଦା ଏକ ଭିନ୍ନ ଚ୍ୟାଲେଞ୍ଜ । ମୁଁ ଡ୍ୟୁକ୍ସ ବଲ ସହିତ ବୋଲିଂ କରିବାକୁ ଭଲ ପାଏ, କିନ୍ତୁ ବର୍ତ୍ତମାନ ବଲରେ ନିୟମିତ ପରିବର୍ତ୍ତନ ହେଉଛି । ତଥାପି, ସେଠାକାର ପାଗ ଏବଂ ସ୍ୱିଙ୍ଗ ଅବସ୍ଥା ମୋ ପାଇଁ ସବୁବେଳେ ଆକର୍ଷଣୀୟ ।"

ବୁମ୍ରାଙ୍କ ଏହି ବୟାନ ତାଙ୍କ ଅବସର ନେବାର ସମ୍ଭାବନାକୁ ନେଇ ଚର୍ଚ୍ଚା ସୃଷ୍ଟି କରିଛି । ତାଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ବୋଲିଂ ଆକ୍ରମଣ ଉପରେ ଅଧିକ ଦାୟିତ୍ୱ ଆସିପାରେ । ବିଶେଷତଃ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ପରେ । ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ସିରିଜରେ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ।

# ପ୍ରି-କ୍ୱାର୍ଟରରେ ସ୍ୱିଟେକ, ସାବାଲେଙ୍କା, ରୁନେ, ମୁସେଟ୍ଟି

### ଫ୍ରେଞ୍ଚ ଓପନ ଟେନିସ୍ ଟୁର୍ଣ୍ଣାମେଣ୍ଟ


**ପ୍ୟାରିସ୍,୩୧ ।୫:** ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ୍‌ର ଷଷ୍ଠ ଦିବସରେ ବିପର୍ଯ୍ୟୟ ଘଟିନଥିଲେ ହେଁ ଅନେକ ସଂଘର୍ଷପୂର୍ଣ୍ଣ ମୁକାବିଲା ଦେଖିବାକୁ ମିଳିଛି । ବିଶେଷ କରି ପୁରୁଷ ବର୍ଗରେ ଅଧିକାଂଶ ମ୍ୟାଚ୍ ଫଳାଫଳ ବାହାରିବାକୁ ୩ଘଣ୍ଟାରୁ ଅଧିକ ସମୟ ଲାଗିଛି । ମହିଳା ବର୍ଗରେ ତାରକା ଖେଳାଳିମାନେ ଆଧିପତ୍ୟ ଜାରି ରଖିଛନ୍ତି । ଟପ୍ ସିଡ୍ ଅର୍ନ୍ୟା ସାବାଲେଙ୍କା, ଡିଫେଣ୍ଡିଂ ଚାମ୍ପିଅନ୍ ଇଗା ସ୍ୱିଟେକ ପ୍ରମୁଖ ସହଜ ବିଜୟ ହାସଲ କରି ପ୍ରି-କ୍ୱାର୍ଟର (ଚତୁର୍ଥ ରାଉଣ୍ଡ)ରେ ସ୍ଥାନ ପକ୍କା କରିଛନ୍ତି ।



ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ୍‌ରେ ଟପ ସିଡ୍ ସାବାଲେଙ୍କାଙ୍କ ଆଧିପତ୍ୟ ଜାରି ରହିଥିଲା । ସେ ମ୍ୟାଚ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରି ଖେଳି ସହଜ ବିଜୟ ହାସଲ କରିଥିଲେ । ସର୍ବିୟାର ଓଲଗା ଡାନିଲୋଭିକ୍‌ଙ୍କୁ ୬-୨, ୬-୩ ସେଟ୍‌ରେ ହରାଇବା ପାଇଁ ସାବାଲେଙ୍କାଙ୍କୁ ମାତ୍ର ୧ଘଣ୍ଟା ୧୯ମିନିଟ ଲାଗିଥିଲା । ସେହିପରି ଡିଫେଣ୍ଡିଂ ଚାମ୍ପିଅନ୍ ସ୍ୱିଟେକ ୧ଘଣ୍ଟା ୫୪ମିନିଟ୍ ମଧ୍ୟରେ ରୋମାନିଆର ଜାକଲିନ ଖ୍ରୀଷ୍ଟିଆନଙ୍କୁ ୬-୨, ୭-୫ ସେଟ୍‌ରେ ପରାସ୍ତ କରିଥିଲେ । ଅଷ୍ଟମ ସିଡ୍ ତଥା ଅଲିମ୍ପିକ ଚାମ୍ପିଅନ୍ କ୍ୱିନେନ ଝେଙ୍ଗ ମଧ୍ୟ ୮୬ମିନିଟ୍ ମଧ୍ୟରେ ତୃତୀୟ ରାଉଣ୍ଡ ମୁକାବିଲା ଜିତି ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲେ । ସେ କାନାଡ଼ାର ଭିକ୍ଟୋରିଆ ମବୋକୋଙ୍କୁ ୬-୩, ୬-୪ ସେଟ୍‌ରେ ହରାଇଥିଲେ । ଅନ୍ୟ ତୃତୀୟ ରାଉଣ୍ଡ୍ ମ୍ୟାଚ୍‌ରେ ୧୬ତମ ସିଡ୍ ଆମଣ୍ଡା ଆମିନିସୋଭା ୭-୬(୭-୪), ୬-୪ ସେଟ୍‌ରେ କ୍ଲାରା ଟସନଙ୍କୁ ଓ ଲୁଡମିଲା ସାମସୋନୋଭା ୬-୨, ୬-୩ ସେଟ୍‌ରେ ଡାରିୟା ୟାସ୍ତ୍ରେମସ୍କାଙ୍କୁ ପରାସ୍ତ କରିଥିଲେ ।

ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ୍‌ରେ ଦଶମ ସିଡ୍ ହୋଲଗର ରୁନେ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲେ । ଫ୍ରାନ୍ସର କ୍ୱେଣ୍ଟିନ ହେଲିସ୍‌ଙ୍କ ବିପକ୍ଷରେ ରୁନେ ୪-୬, ୬-୨, ୫-୭, ୭-୫, ୬-୨ ସେଟ୍‌ରେ ବିଜୟ ହାସଲ କରିଥିଲେ । ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୩ଘଣ୍ଟା ୧୯ମିନିଟ୍ ଲାଗିଥିଲା । ଅଷ୍ଟମ ସିଡ୍ ମୁସେଟ୍ଟି ମଧ୍ୟ ୩ଘଣ୍ଟା ୨୫ ମିନିଟ୍ ଧରି ଲଢ଼େଇ କରିବା ପରେ ଆର୍ଜେଣ୍ଟିନାର ମାରିଆନୋ ନାଭୋନଙ୍କୁ ୪-୬, ୬-୪, ୬-୩, ୬-୨ ସେଟ୍‌ରେ ହରାଇଥିଲେ । ଦ୍ୱାଦଶ ସିଡ୍ ଟମି ପଲ୍ ଓ ୨୪ତମ ସିଡ୍ କାରେନ କାଚାନୋଭଙ୍କ ମଧ୍ୟରେ ୪ଘଣ୍ଟା ୭ ମିନିଟ୍ ଧରି ଘମାଘୋଟ ଲଢ଼େଇ ହୋଇଥିଲା । ଶେଷରେ ପଲ ୬-୩, ୩-୬, ୭-୬(୯-୭), ୩-୬, ୬-୩ ସେଟ୍‌ରେ ଜିତି କାଚାନୋଭଙ୍କୁ ବିଦାୟ ରାସ୍ତା ଦେଖାଇଥିଲେ । ୨୫ତମ ସିଡ୍ ଆଲେକ୍ସି ପପିରିନ ୩ଘଣ୍ଟା ୧ ମିନିଟ୍‌ର ସଂଘର୍ଷ ପରେ ନ୍ୟୁନୋ ବୋର୍ଜେସଙ୍କୁ ୬-୪, ୭-୬(୧୩-୧୧), ୭-୬(୭-୫) ସେଟ୍‌ରେ ହରାଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ ।

# ବାଂଲାଦେଶ କ୍ରିକେଟ୍ ବୋର୍ଡ଼ ନୂଆ ସଭାପତି ଅମିନୁଲ ଇସଲାମ




**ନୂଆଦିଲ୍ଲୀ,୩୧ ।୫:** ପୂର୍ବତନ ଅଧିନାୟକ ଅମିନୁଲ ଇସଲାମ ବାଂଲାଦେଶ କ୍ରିକେଟ୍ ?ବୋର୍ଡ଼ (ବିସିବି)ର ନୂଆ ସଭାପତି ନିଯୁକ୍ତ ହୋଇଛନ୍ତି । ସେ ଫାରୁକ ଅହମ୍ମଦଙ୍କ ସ୍ଥାନ ନେଇଛନ୍ତି । ବାଂଲାଦେଶ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଅହମ୍ମଦଙ୍କୁ ସଭାପତି ପଦରୁ ବହିଷ୍କୃତ କରାଯାଇଥିଲା । ଏହାର ୨୪ ଘଣ୍ଟା ମଧ୍ୟରେ ଅମିନୁଲଙ୍କୁ ନିଯୁକ୍ତ କରାଯାଇଛି । ସେ ଆଗାମୀ ବିସିବି ନିର୍ବାଚନ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି । ଅମିନୁଲ ୧୯୯୯ ବିଶ୍ୱକପ୍‌ରେ ବାଂଲାଦେଶ ଦଳର ନେତୃତ୍ୱ ନେଇଥିଲେ । ଟେଷ୍ଟ କ୍ରିକେଟରେ ବାଂଲାଦେଶର ପ୍ରଥମ ବ୍ୟାଟର ଭାବେ ସେ ଶତକ ଅର୍ଜନ କରିଥିଲେ । ସେ ୧୩ଟି ଟେଷ୍ଟ ଖେଳି ୫୩୦ ରନ୍ (୧ଶତକ, ୨ ଅର୍ଦ୍ଧଶତକ) ଏବଂ ୩୯ଟି ଦିନିକିଆରୁ ୭୯୪ରନ୍ ସଂଗ୍ରହ କରିଥିଲେ । ଅମିନୁଲ ଏବେ ଆଇସିସି ଡେଭଲପମେଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି ।

### ଆୟରଙ୍କୁ ଟେଷ୍ଟ ଟିମ୍‌ରେ ସାମିଲ କରାନଯିବା ପ୍ରସଙ୍ଗ

# ମୁଁ ଚୟନକର୍ତ୍ତା ନୁହେଁ: ଗମ୍ଭୀର

**ନୂଆଦିଲ୍ଲୀ, ୩୦ ।୫:** ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଟେଷ୍ଟ ଦଳ ଘୋଷଣା ହୋଇଛି । ୧୮ ଜଣିଆ ଦଳରେ କିନ୍ତୁ ଭଲ ଫର୍ମରେ ଥିବା ଶ୍ରେୟାସ ଆୟରଙ୍କୁ ସାମିଲ କରାଯାଇ ନାହିଁ । ଯାହାକୁ ନେଇ କ୍ରିକେଟ୍‌ପ୍ରେମୀ ଆଦୌ ଖୁସି ନୁହନ୍ତି । ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଏନେଇ ପ୍ରଶ୍ନ କରାଯିବା ପରେ ସେ କହିଛନ୍ତି, 'ଦଳ ଚୟନ ଚୟନକର୍ତ୍ତାଙ୍କ ଦାୟିତ୍ୱ । ମୁଁ ଚୟନକର୍ତ୍ତା ନୁହେଁ ।

ଏଭଳି ଉତ୍ତର ଦେଇ ସେ ଏତେ ବଡ଼ ପ୍ରଶ୍ନକୁ ଏଡ଼ାଇ ଯାଇଛନ୍ତି । ଶୁଭମନ ଗିଲଙ୍କୁ ଦଳର ଅଧିନାୟକ ଏବଂ ୱିକେଟ୍ କିପର ରିଷଭ ପନ୍ତଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି । ଶ୍ରେୟାସ ଆୟର ଘରୋଇ କ୍ରିକେଟ୍, ଦିନିକିଆ ଏବଂ ଆଇପିଏଲରେ ଭଲ ଫର୍ମରେ ରହିଥିଲେ ବି ତାଙ୍କୁ ଚୟନକର୍ତ୍ତା ଦଳରେ ସାମିଲ କଲେ ନାହିଁ ।



ଜାତୀୟ ଚୟନ କମିଟିର ମୁଖ୍ୟ ଅଜିତ ଅଗରକର କହିଥିଲେ ଦଳରେ ଆୟରଙ୍କ ସ୍ଥାନ ନାହିଁ । ଦୀର୍ଘ ୮ ବର୍ଷ ପରେ କରୁଣ ନାଏର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି କିନ୍ତୁ ଆୟର ଚମତ୍କାର ଫର୍ମରେ ରହିଥିଲେ ବି ତାଙ୍କୁ ସୁଯୋଗ ଦିଆଗଲା ନାହିଁ ।

# ଗ୍ରୀଷ୍ମକାଳୀନ ନିଶୁଳ୍କ ଚେସ୍ ପ୍ରଶିକ୍ଷଣ ଶିବିର ଆରମ୍ଭ

**କେନ୍ଦ୍ରାପଡା, ୩୧ ।୫:** କେନ୍ଦ୍ରାପଡା ଜିଲ୍ଲା ଚେସ୍ ଆସୋସିଏସନ ପକ୍ଷରୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ କକ୍ଷରେ ଗ୍ରୀଷ୍ମ କାଳୀନ ନିଶୁଳ୍କ ଚେସ୍ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଅଛି । ଏହି ଅବସରରେ ଉଦଘାଟନୀ ଉତ୍ସବ ରେ ଆଡଭୋକେଟ ହାଡିବନ୍ଧୁ ସିଂ ଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ବିଜେପି ନେତା ସଞ୍ଜୟ ରଥ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ଚେସ ଆସୋସିଏସନ ର ସଭାପତି ସତ୍ୟ ରଂଜନ ପଟ୍ଟନାୟକ ଏବଂ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ର ଅଧକ୍ଷ ସଞ୍ଜୀବ ମହାନ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଆସନ୍ତା ଜୁନ ୬ ତାରିଖ ପର୍ଯ୍ୟନ୍ତ ଏହି ନିଶୁଳ୍କ ପ୍ରଶିକ୍ଷଣ ସକାଳ୮ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ସୁନାମଧନ୍ୟ ପ୍ରଶିକ୍ଷକ ଏହି ପ୍ରଶିକ୍ଷଣରେ ଯୋଗଦେଇ ଶିକ୍ଷାର୍ଥୀ ମାନଙ୍କୁ ପ୍ରଶିକ୍ଷଣ ଦେବାର ବ୍ୟାବସ୍ଥା ରହିଛି । ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା ଚେସ୍ ଆସୋସିଏସନ ର ନୂତନ ଭାବେ କାର୍ଯ୍ୟ କର୍ତ୍ତା ଚୟନ କରାଯାଇ ଘୋଷଣା କରାଗଲା । ଏହି ନୂଆ ଟିମ୍ ୨୦୨୫ ରୁ ୨୦୨୮ ପର୍ଯ୍ୟନ୍ତ କାର୍ଯ୍ୟକ କରିବ । ନୂଆ ଟିମ୍ ରେ ସଭାପତି ଭାବେ



ବିଜେପି ନେତା କିଶୋର ପଣ୍ଡା, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂ, ଉପସଭାପତି ଡଃ ଅମରେଶ ସାହୁ, ଲଲାଟକେଶରୀ ସାମଲ, ଧରଣୀଧର ସେଠୀ, ସମ୍ପାଦକ ଉବେଶ ମହାନ୍ତି, ଯୁଗ୍ମ ସମ୍ପାଦକ ପିଙ୍କି ମହାପାତ୍ର, କୋଷାଧ୍ୟକ୍ଷ ନାରାୟଣ ଦାସ , ସଦସ୍ୟ ଭାବେ ନେହେରୁ ସାହୁ, ହିମାଂଶୁ ଶେଖର ନାୟକ, ଗୋପିବଲ୍ଲଭ ନାୟକ, ସାବ୍ରେ ହେମ୍ବ୍ରମ, ସୁଧାଂଶୁ ଶେଖର ସେଠୀ, ପ୍ରତାପ ମହାନ୍ତି ସେହିପରି ଉପଦେଷ୍ଟା ଭାବେ ସଞ୍ଜୟ ରଥ, ଅଜିତ ସାହୁ, କୃଷ୍ଣ ପଣ୍ଡା ଏବଂ ଦେବବ୍ରତ ସ୍ୱାଇଁ ଙ୍କୁ ଚୟନ କରାଯାଇଛି ।

# ଆଇପିଏଲ୍ ଉଦଯାପନୀ ସମାରୋହକୁ ଆସିନପାରନ୍ତି ୩ ସେନାର ମୁଖ୍ୟ

ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେସନ ସିନ୍ଦୂରକୁ ସମ୍ମାନିତ କରିବା ପାଇଁ ବିସିସିଆଇ ୩ ସେନାର ମୁଖ୍ୟଙ୍କୁ ନିମନ୍ତ୍ରଣ କରିଥିଲା ।




**ନୂଆଦିଲ୍ଲୀ, ୩୦ ।୫:** ଆଇପିଏଲ୍ ୨୦୨୫ ଏବେ ଏହାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ପ୍ଲେଅଫ୍ ମ୍ୟାଚ୍ ଆରମ୍ଭ ହୋଇଛି ଏବଂ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ଜୁନ୍ ୩ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ । ଫାଇନାଲ୍ ମ୍ୟାଚ୍ ପୂର୍ବରୁ ଉଦଯାପନୀ ଉତ୍ସବ ଆୟୋଜନ କରାଯିବ । ଏଥିପାଇଁ ବିସିସିଆଇ ଏକ ସ୍ୱତନ୍ତ୍ର ଯୋଜନା କରିଥିଲା, କିନ୍ତୁ ଏବେ ଏଥିରେ ପରିବର୍ତ୍ତନ ହେବାର ସମ୍ଭାବନା ଦେଖାଯାଉଛି । ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେସନ ସିନ୍ଦୂରକୁ ସମ୍ମାନିତ କରିବା ପାଇଁ ବିସିସିଆଇ ତିନି ସେନାର ମୁଖ୍ୟଙ୍କୁ ନିମନ୍ତ୍ରଣ କରିଥିଲା । କିନ୍ତୁ ଗଣମାଧ୍ୟମ ରିପୋର୍ଟ ଅନୁସାରେ ସଶସ୍ତ୍ର ବାହିନୀର ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ ନାହିଁ ।

ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ସ୍ଥଳ ସେନା ମୁଖ୍ୟ ଥିବା ବେଳେ ଆଡମିରାଲ୍ ଦିନେଶ କେ ତ୍ରିପାଠୀ ନୌସେନା ମୁଖ୍ୟ ଅଛନ୍ତି । ସେହିପରି ବାୟୁସେନା ମୁଖ୍ୟ ହେଉଛନ୍ତି ଏୟାର ମାର୍ଶଲ ଅମର ପ୍ରୀତ ସିଂହ । ଗତ ମାସରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ, ଭାରତର ତିନି ସେନା ମିଳିତ ଅପରେସନ୍ କରି ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲେ । ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୫ ପର୍ଯ୍ୟଟକଙ୍କୁ ସେମାନଙ୍କ ଧର୍ମ ପଚାରି ହତ୍ୟା କରାଯାଇଥିଲା । ବିସିସିଆଇ ଏବଂ ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ଟୁର୍ଣ୍ଣାମେଣ୍ଟର ସମାପନୀ ଉତ୍ସବରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଏବଂ ସେନାକୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନେଇଥିଲା ।

ଅପରେସନ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଯୋଗୁ ଆଇପିଏଲକୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ପଡିଥିଲା । ପରେ ଆଇପିଏଲ୍‌ର କାର୍ଯ୍ୟସୂଚୀ ମଧ୍ୟ ପରିବର୍ତ୍ତନ କରିବାକୁ ପଡିଥିଲା । ଆଇପିଏଲ୍‌ର ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଫାଇନାଲ୍ ମେ ୨୫ ଖେଳାଯିବାର ଥିଲା, କିନ୍ତୁ ଏହାକୁ ଜୁନ୍ ୩କୁ ପରିବର୍ତ୍ତନ କରାଯାଇଛି ।

# ସେପ୍ଟେମ୍ବରରେ ଭାରତ ଆସିବ ଅଷ୍ଟ୍ରେଲିଆ ମହିଳା ଦଳ

**ନୂଆଦିଲ୍ଲୀ,୩୧ ।୫:** ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ଆଗାମୀ ସେପ୍ଟେମ୍ବର ମାସରେ ଭାରତ ଗସ୍ତରେ ଆସି ଦିନିକିଆ ସିରିଜ ଖେଳିବ । ବିସିସିଆଇ ଏହି ସିରିଜ ପାଇଁ କ୍ରୀଡ଼ାସୂଚୀ ଘୋଷଣା କରିଛି । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୩ଟି ଦିନିକିଆ (ସେପ୍ଟେମ୍ବର ୧୪, ୧୭, ୨୦ତାରିଖ) ଖେଳାଯିବ । ସମସ୍ତ ମ୍ୟାଚ୍ ଚେନ୍ନାଇର ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି ସିରିଜ ଜରିଆରେ ଉଭୟ ଦଳ ଆଗାମୀ ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କରିବେ । ଭାରତ ଦିନିକିଆ ବିଶ୍ୱକପ୍ ଆୟୋଜନ କରିବ ।

### ଖେଳିବ ୩ ଦିନିକିଆ ମ୍ୟାଚ୍

ଆଗାମୀ ସେପ୍ଟେମ୍ବର ୨୯ରୁ ବିଶ୍ୱକପ୍ ଆରମ୍ଭ ହୋଇ ଅକ୍ଟୋବର ୨୬ ତାରିଖ ଶେଷ ହେବ ।

ସମ୍ପ୍ରତି ଇଂଲଣ୍ଡ ଗସ୍ତରେ ରହିଛି । ଦଳ ସେଠାରେ ୨ଟି ୪ଦିବସୀୟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ଏ' ଦଳ ସିନିୟର ଦଳ ବିପକ୍ଷରେ ଗୋଟିଏ ୪ ଦିବସୀୟ ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍ ଜରିଆରେ ସିନିୟର ଦଳ ଇଂଲଣ୍ଡ ବିପକ୍ଷ ସିରିଜ ପାଇଁ ପ୍ରସ୍ତୁତି କରିବ । ଏହାପରେ ଭାରତ-ଏ ଦଳ ସ୍ୱଦେଶ ଫେରି ଆସିବ । ଆଗାମୀ ସେପ୍ଟେମ୍ବରରୁ ନଭେମ୍ବର ମଧ୍ୟରେ ଏ' ଦଳ ଭ୍ରମଣକାରୀ ଅଷ୍ଟ୍ରେଲିଆ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ବିପକ୍ଷରେ ଖେଳିବ ।




ଅଷ୍ଟ୍ରେଲିଆ-ଏ ଦଳ ପ୍ରଥମେ ଭାରତ ଗସ୍ତରେ ଆସି ୨ଟି ୪ଦିବସୀୟ ମ୍ୟାଚ୍ (ସେପ୍ଟେମ୍ବର ୧୬ରୁ ୨୩ ତାରିଖ) ଖେଳିବ । ଏହାପରେ ଉଭୟ ଦଳ ମଧ୍ୟରେ ୩ଟି ଦିନିକିଆ (ସେପ୍ଟେମ୍ବର ୩୦, ଅକ୍ଟୋବର ୩, ୫ତାରିଖ) ଖେଳାଯିବ । ଲକ୍ଷ୍ନୌରେ ୪ଦିବସୀୟ ଏବଂ କାନପୁରରେ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହେବ ।

ସେହିପରି ଦକ୍ଷିଣ ଆଫ୍ରିକା-ଏ ଦଳ ନଭେମ୍ବରରେ ଭାରତ ଗସ୍ତରେ ଆସି ୨ଟି ୪ଦିବସୀୟ ମ୍ୟାଚ୍ (ନଭେମ୍ବର ୨ରୁ ୯ତାରିଖ) ଏବଂ ୩ଟି ଦିନିକିଆ (ନଭେମ୍ବର ୧୩, ୧୬, ୧୯) ଖେଳିବ । ବେଙ୍ଗାଲୁରୁରେ ଥିବା ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସ ଠାରେ ସମସ୍ତ ମ୍ୟାଚ୍ ଖେଳାଯିବ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar